ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ସେପ୍ଟେମ୍ବର ୧୯/୨୦୨୦ (୧୨ପୃଷ୍ଠା) | Rayagada, Saturday, September 19/2020 ★
୧୦ମ ଭାଗ ୧୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



**କାର୍ଟୁନ ଶେୟାର କରି ଟ୍ରୋଲ ହେଲେ ସୋନୁ**
ଟୁଇଟର୍‌ରେ ଏକ କାର୍ଟୁନ ଶେୟାର କରି ଟ୍ରୋଲ୍‌ର ଶିକାର ହୋଇଛନ୍ତି ବଲିଉଡ ଅଭିନେତା ସୋନୁ ସୁଦ୍।
୦୨

୧୨
**ପୋଲ୍‌ଭଲ୍ଟରେ ଡୁପ୍ଲାଣ୍ଟିସ୍‌ଙ୍କ ବିଶ୍ୱ ରେକର୍ଡ**
ସ୍ୱିଡିଶ ପୋଲ୍‌ଭଲ୍ଟର ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍ ଆଉଟ୍ ଡୋର୍‌ରେ ସର୍ଗେ ବୁବ୍‌କାଙ୍କ ଦୀର୍ଘ ୨୬ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି।



# ପେଟ୍ରୋଲ ୨୬, ଡିଜେଲ ୩୮ ପଇସା କମିଲା



ଭୁବନେଶ୍ୱର,୧୮।୯

ପେଟ୍ରୋଲ ଏବଂ ଡିଜେଲ ଦର ଶୁକ୍ରବାର ହ୍ରାସ ହୋଇଛି। ଭୁବନେଶ୍ୱରରେ ଶୁକ୍ରବାର ପେଟ୍ରୋଲ ୨୬ ଏବଂ ଡିଜେଲ ୩୮ ପଇସା କମିବା ଯୋଗୁ ଦର ଯଥାକ୍ରମେ ୮୧.୬୯ ଟଙ୍କା ଏବଂ ୭୮.୩୫ ଟଙ୍କାକୁ ଖସିଛି। ଏଠାରେ ଇନ୍ଧନ ଦର ନୂଆଦିଲ୍ଲୀଠାରୁ ଊର୍ଦ୍ଧ୍ୱରେ ରହିଛି। ଗୁରୁବାର ପେଟ୍ରୋଲ ଏବଂ ଡିଜେଲ ଦର ମଧ୍ୟ ଯଥାକ୍ରମେ ୧୫ ପଇସା, ୨୧ ପଇସା ହ୍ରାସ ହୋଇଥିଲା। ଶୁକ୍ରବାର ମେଟ୍ରୋ ସହରଗୁଡିକରେ ପେଟ୍ରୋଲ ୨୩ରୁ ୨୬ ପଇସା ଏବଂ ଡିଜେଲ ୩୩ରୁ ୩୭ ପଇସା ଖସିଥିବା ଦୃଷ୍ଟିକୁ ଆସିଛି। ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୧.୧୪ ଟଙ୍କା ଥିବା ବେଳେ ଚେନ୍ନାଇରେ ୮୪.୨୧ ଟଙ୍କା, କୋଲକାତାରେ ୮୨.୬୭ ଟଙ୍କା ଏବଂ ମୁମ୍ବାଇରେ ୮୭.୮୨ ଟଙ୍କା ରହିଛି। ସେହିଭଳି ଏହି ସହରଗୁଡିକରେ ଡିଜେଲ ଦର ୭୨.୦୨ ଟଙ୍କା, ୭୭.୪୦ ଟଙ୍କା, ୭୫.୫୨ ଟଙ୍କା ଏବଂ ୭୮.୪୮ ଟଙ୍କା ରହିଥିବା ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ଦିଆଯାଇଛି।

# ନେସ୍‌କୋ, ୱେସ୍‌କୋ, ସାଉଥ୍‌କୋ ନେବ ଟାଟା

**ବଣ୍ଟନ କମ୍ପାନୀ ଘରୋଇକରଣ**

- ବିଡ୍ ଦାଖଲ କରିଛନ୍ତି ଟାଟା ପାୱାର, ଇଣ୍ଡିଆ ପାୱାର
- ବିଦ୍ୟୁତ୍ ଶ୍ରମିକ ସଂଘର ବିରୋଧ



ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ)କୁ ହାତେଇବା ପରେ ଟାଟା ପାୱାର କର୍ପୋରେଶନ ଲିମିଟେଡ ଅନ୍ୟ ୩ଟି ବିଦ୍ୟୁତ୍ ବଣ୍ଟନ କମ୍ପାନୀ ୱେଷ୍ଟର୍ନ ଇଲେକ୍ଟ୍ରିସିଟି ସପ୍ଲାଏ କମ୍ପାନୀ(ୱେସ୍‌କୋ), ସାଉଥ୍ ଇଲେକ୍ଟ୍ରିସିଟି ସପ୍ଲାଏ କମ୍ପାନୀ(ସାଉଥ୍‌କୋ) ଏବଂ ନର୍ଥ ଇଲେକ୍ଟ୍ରିସିଟି ସପ୍ଲାଏ କମ୍ପାନୀ(ନେସ୍‌କୋ)କୁ ନିଜ ଅଧୀନକୁ ନେବା ଲାଗି ବିଡ୍ ଦାଖଲ କରିଛି। ମିଳିଥିବା ସୂଚନା ଅନୁଯାୟୀ ଟାଟା ପାୱାର ୩ଟି ବଣ୍ଟନ କମ୍ପାନୀକୁ ହାତେଇବାକୁ ଟେଣ୍ଡର ପକାଇଥିବା ବେଳେ ଇଣ୍ଡିଆ ପାୱାର ସାଉଥ୍‌କୋ ଏବଂ ୱେସ୍‌କୋ ପାଇଁ ଆବେଦନ କରିଛି । ତେବେ ନେସ୍‌କୋ ପାଇଁ ଟାଟା ପାୱାର ଏକମାତ୍ର ଘରୋଇ ସଂସ୍ଥା ଭାବେ ଟେଣ୍ଡର ପକାଇଛି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସେସୁକୁ ହାତେଇବା ପାଇଁ ଟାଟା ପାୱାର ଏବଂ ଇଣ୍ଡିଆ ପାୱାର ଟେଣ୍ଡର ପକାଇଥିଲେ। ତେବେ ଇଣ୍ଡିଆ ପାୱାର ଓହରିଯିବା ପରେ ଟାଟା ପାୱାର ଏକମାତ୍ର ବିଡର ଭାବେ ସେସୁକୁ ହାତେଇ ନେଇଥିଲା। ଏବେ ପୁଣି ସେହି ପୁରୁଣା ଫର୍ମୁଲା ପକାଇ ଟାଟା ପାୱାର ବଣ୍ଟନ କମ୍ପାନୀଗୁଡିକୁ ନେବାକୁ ମସୁଧା ଚଳାଇଛି।

ଟାଟା ପାୱାର ୨୦୨୦ ଜୁନ୍ ପହିଲାରୁ ଏକ ମାତ୍ର ବିଡର ଭାବେ ସେସୁକୁ ହାତେଇ ନେଇଛି। ସେସୁର ଦାୟିତ୍ୱ ନେବା ପରଠାରୁ ଘନ ଘନ ବିଦ୍ୟୁତ୍ କାଟ ସହିତ ଗ୍ରାହକମାନେ ବିଦ୍ୟୁତ୍ ବିଲ୍ ଆଦାୟରେ ବିଭିନ୍ନ ଅନିୟମିତତା ନେଇ ଆପତ୍ତି ଉଠାଉଛନ୍ତି। ସେସୁ ଗ୍ରାହକମାନେ ବିଦ୍ୟୁତ୍ ଯନ୍ତ୍ରଣାରେ ଘାଣ୍ଟି ହେଉଥିବା ବେଳେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି )ପୁଣି ୩ଟି ବଣ୍ଟନ କମ୍ପାନୀକୁ ଉକ୍ତ ଘରୋଇ ସଂସ୍ଥା ହାତରେ ଟେକି ଦେବା ନିଷ୍ପତ୍ତିକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି।

ଓଇଆର୍‌ସିର ଏଭଳି ପଦକ୍ଷେପକୁ ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ କଡା ବିରୋଧ କରିଛି। ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ କହିଛନ୍ତି ଯେ, ରିଲାଏନ୍ସ କମ୍ପାନୀ ଦୀର୍ଘ ୧୫ ବର୍ଷ ୩ ବଣ୍ଟନ କମ୍ପାନୀକୁ ନେଇ ଲୁଟ କରି ଚାଲିଗଲା। କମ୍ପାନୀଗୁଡିକ ଋଣ ଭାରରେ ବୁଡି ରହିଛନ୍ତି। ନିକଟରେ ଟାଟାକୁ ସେସୁକୁ ହସ୍ତାନ୍ତର କରାଯାଇଛି। ସେସୁ ଗ୍ରାହକମାନେ ଠିକ୍ ସେବା ପାଉ ନ ଥିବା ବେଳେ କର୍ମଚାରୀଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ରହିଛି। ଏପରି ସ୍ଥଳେ ୩ଟି ବଣ୍ଟନ କମ୍ପାନୀଙ୍କୁ କେଉଁ ଉଦ୍ଦେଶ୍ୟରେ ଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ରାଜ୍ୟବାସୀଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ବିଦ୍ୟୁତ୍ ବ୍ୟବସ୍ଥାକୁ ଘରୋଇକରଣ କରିଛନ୍ତି। ଗତ ଶତାବ୍ଦୀର ୮୦ ଦଶନ୍ଧିରୁ ଆରମ୍ଭ ହୋଇଥିବା ଏହି ପ୍ରୟାସ ବାରମ୍ବାର ଓଲଟା ଫଳ ଦର୍ଶାଉଛି। ଟିକସଦାତାଙ୍କ ଅର୍ଥରେ ଗଢି ଉଠିଥିବା ବିରାଟକାୟ ବିଦ୍ୟୁତ୍ ଭିତ୍ତିଭୂମିକୁ ବ୍ୟବହାର କରି ଘରୋଇ କମ୍ପାନୀଗୁଡ଼ିକ ଲୁଟ କରି ରାଜ୍ୟ ଛାଡି ପଳାଉଛନ୍ତି। ୧୯୯୯ରେ ଉକ୍ତ ୩ଟି ବିଦ୍ୟୁତ୍ ବଣ୍ଟନ କମ୍ପାନୀର ପରିଚାଳନା ଦାୟିତ୍ୱ ରିଲାଏନ୍ସ ଏନର୍ଜି( ବିଏସ୍‌ଇଏସ୍)କୁ ହସ୍ତାନ୍ତର କରାଯାଇଥିଲା। ଦୀର୍ଘ ୧୫ ବର୍ଷ ପରେ ବହୁ ବାଦ ବିବାଦ ଓ ଆଇନଗତ ଲଢ଼େଇ ପରେ ୨୦୧୫ ରିଲାଏନ୍ସ ଏନର୍ଜି ଲାଇସେନ୍ସକୁ ରଦ୍ଦ କରାଯାଇଥିଲା।

# ଯାତ୍ରୀଭଡ଼ା ନିର୍ଦ୍ଧାରଣ କରିବେ କମ୍ପାନୀ



**ଚାଲିବ ପ୍ରାଇଭେଟ୍ ଟ୍ରେନ୍**

- ସରକାର ଦେବେ ଅନୁମତି
- ବ୍ୟସ୍ତ ବହୁଳ ଷ୍ଟେଶନ ଲାଗି ୟୁଜର ଫି

ନୂଆଦିଲ୍ଲୀ,୧୮।୯

ଦେଶରେ ପ୍ରାଇଭେଟ ଟ୍ରେନ ଚଳାଇବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଟ୍ରେନଗୁଡିକ ଚଳାଚଳ ଆରମ୍ଭ ହେଲେ ପ୍ରାଇଭେଟ କମ୍ପାନୀ ଯାତ୍ରୀଭଡା ନିର୍ଦ୍ଧାରଣ କରିବେ। ଏଥି ଲାଗି ସରକାର କମ୍ପାନୀଗୁଡ଼ିକୁ ଅନୁମତି ଦିଆଯିବ। ଏସିଆର ସବୁଠାରୁ ପୁରାତନ ରେଳ ନେଟୱର୍କ ଭାବେ ପରିଚିତ ଭାରତୀୟ ରେଳୱେରେ ବିଦେଶୀ ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରିଛନ୍ତି। ରେଳ ବୋର୍ଡ ଅଧ୍ୟକ୍ଷ ଭି.କେ.ଯାଦବ କହିଛନ୍ତି ଯେ, ଯାତ୍ରୀ ଭଡା ନିର୍ଦ୍ଧାରଣ କରିବା ଲାଗି ଘରୋଇ କମ୍ପାନୀଙ୍କୁ ସ୍ୱାଧୀନତା ଦିଆଯିବ। ଭଡା ନିର୍ଦ୍ଧାରଣ ହେଲା ପରେ ବିଭିନ୍ନ ଯୋଜନା ହାତକୁ ନିଆଯିବ ବୋଲି ଯାଦବ ସ୍ପଷ୍ଟ କରିଛନ୍ତି।

ଦେଶରେ ରେଳ ଯାତ୍ରୀ ଭଡା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଦୈନିକ ରେଳରେ ଯେତିକି ଯାତ୍ରୀ ଯାତାୟତ କରନ୍ତି, ତାହା ଅଷ୍ଟ୍ରେଲିଆର ମୋଟ ଜନସଂଖ୍ୟାଠାରୁ ଅଧିକ। ଭାରତରେ ଲୋକମାନେ ଯାତ୍ରା ଲାଗି ରେଳୱେ ଉପରେ ବିଶେଷ ଭାବେ ନିର୍ଭର କରିଥାନ୍ତି। ରେଳ ନେଟୱର୍କରେ ପ୍ରତିଦ୍ୱନ୍ଦ୍ୱିତା ବଢାଇବା ଲାଗି ଘରୋଇ କମ୍ପାନୀଗୁଡିକୁ ସୁଯୋଗ ଦେବାକୁ ସରକାର ଯୋଜନା ରଖିଛନ୍ତି। ଏହା ଦ୍ୱାରା ରେଳ ଷ୍ଟେଶନ ବିକାଶ ଏବଂ ପରିଚାଳନାକୁ ଉନ୍ନତ ☞ପୃଷ୍ଠା-୪




# ଦେବୀ ମିଶ୍ରଙ୍କ ଘରେ ସିବିଆଇ ଚଢ଼ାଉ

**ପୁଣି ଖୋଲିଲା ଚିଟ୍‌ଫଣ୍ଡ ପେଡ଼ି**

- ସରକାରୀ ବାସଭବନ ସମେତ ୭ ସ୍ଥାନରେ ଖୋଳତାଡ଼
- ପୂର୍ବତନ ପର୍ଯ୍ୟଟନ ନିର୍ଦ୍ଦେଶକ ରବି ନନ୍ଦ ଓ ଅନ୍ୟ ଦୁଇଜଣଙ୍କ ଘରେ ଯାଞ୍ଚ



ସିବିଆଇ ଅଧିକାରୀମାନେ ଶୁକ୍ରବାର ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ବାସଭବନରୁ ଯାଞ୍ଚ କରି ଫେରୁଛନ୍ତି।

ଭୁବନେଶ୍ୱର,୧୮।୯ (ବ୍ୟୁରୋ)/ ନରସିଂହପୁର (ଡି.ଏନ୍.ଏ.)

ସି-ଶୋର ଚିଟ୍‌ଫଣ୍ଡ ଠକେଇ ଲିଙ୍କ୍‌ରେ ବରିଷ୍ଠ ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ଘରେ ଶୁକ୍ରବାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଚଢାଉ କରିଛି। ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ସରକାରୀ ବାସଭବନ, ନରସିଂପୁର ଡମକଟାସ୍ଥିତ ପୈତୃକ ଘର, ପଟିଆରେ ଥିବା ଭାଇଙ୍କ ଘର, କଟକ ସମେତ ୮ ସ୍ଥାନରେ ସିବିଆଇ ଟିମ୍ ଏକକାଳୀନ ଚଢାଉ କରିଥିଲା। ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ସିବିଆଇ ଟିମ୍ ବିଧାୟକଙ୍କ ସରକାରୀ ବାସଭବନରେ ୩ଘଣ୍ଟା ଧରି ତାଙ୍କୁ ପଚରାଉଚରା କରିଥିଲା। ତେବେ କ’ଣ ଜବତ କରାଯାଇଛି ସେନେଇ ସିବିଆଇ ପକ୍ଷରୁ କିଛି ସୂଚନା ମିଳିପାରିନି। ମିଳିଥିବା ସୂଚନାନୁସାରେ, ଦେବୀ ମିଶ୍ର ପର୍ଯ୍ୟଟନ ମନ୍ତ୍ରୀ ଥିବାବେଳେ ସି-ଶୋର କମ୍ପାନୀକୁ ନୌବିହାର ବୋଟିଂ ପ୍ରକଳ୍ପ ପାଇଁ କଟକ ☞ପୃଷ୍ଠା-୪

# ଅକ୍ଟୋବର ୧୨ରୁ ଓଜେଇଇ

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଅକ୍ଟୋବର ୧୨ରୁ ଆରମ୍ଭ ହେବ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶୁକ୍ରବାର ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ଓଜେଇଇ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମୋଡ୍‌ରେ ହେବ। ପ୍ରତ୍ୟେକ ଦିନ ତିନୋଟି ସିଫ୍ଟରେ କରାଯିବ। ପରୀକ୍ଷାର କେଉଁ ସିଫ୍ଟରେ କ’ଣ ଅଛି ତା’ର ସମ୍ପୂର୍ଣ୍ଣ ସୂଚନା ସହିତ ରୋଲ୍ ନମ୍ବର, ସିଫ୍ଟ ଏବଂ ପରୀକ୍ଷା କେନ୍ଦ୍ର, ଆଡମିଟ୍ କାର୍ଡ ଓଜେଇଇ ଅଫିସିଆଲ ୱେବ୍‌ସାଇଟ୍ www.ojee.nic.in ବା www.o lisha-jee.comରେ ଚଳିତମାସ ଶେଷ ସୁଦ୍ଧା ଉପଲବ୍ଧ ହେବ। ଛାତ୍ରୀଛାତ୍ର ଉପରୋକ୍ତ ୱେବ୍‌ସାଇଟ ଖୋଲି ପରୀକ୍ଷା ସମ୍ବନ୍ଧୀୟ ଆବଶ୍ୟକ ସୂଚନା ପାଇପାରିବେ।

ଏଥର ମୋଟ ୫୩ଟି ସେଣ୍ଟରରେ ଓଜେଇଇ ଅନୁଷ୍ଠିତ ହେବ। ରାଜ୍ୟ ଭିତରେ ୨୧ଟି ସହରରେ ୫୦ଟି କେନ୍ଦ୍ର କରାଯାଇଛି। ସେଗୁଡ଼ିକ ହେଲା ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ବାରିପଦା, ବ୍ରହ୍ମପୁର, ଭଦ୍ରକ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ପାରଳାଖେମୁଣ୍ଡି (ଗଜପତି), ଜଗତସିଂହପୁର, ଯାଜପୁର, ଜୟପୁର, ଝାରସୁଗୁଡ଼ା, ଫୁଲବାଣୀ(କନ୍ଧମାଳ), କେନ୍ଦୁଝର, ନୟାଗଡ଼, ରାୟଗଡ଼ା, ରାଉରକେଲା ଓ ସମ୍ବଲପୁର। ସେହିପରି ରାଜ୍ୟ ବାହାରେ ଝାଡ଼ଖଣ୍ଡର ରାଞ୍ଚି, ପଶ୍ଚିମବଙ୍ଗର କୋଲକାତା ଓ ବିହାରର ପାଟଣାଠାରେ ମଧ୍ୟ ଓଜେଇଇ ପରୀକ୍ଷା କେନ୍ଦ୍ର କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଏହି ପରୀକ୍ଷା ଚଳିତବର୍ଷ ମେ’ ପ୍ରଥମ ସପ୍ତାହରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପିଏମ୍‌ଓକୁ ନୂଆ ଶକ୍ତି


# ଆଜିଠାରୁ ଆଇପିଏଲ୍

**ମୁମ୍ବାଇ-ଚେନ୍ନାଇ ଉଦ୍‌ଘାଟନୀ ମ୍ୟାଚ**

ଆବୁଧାବି, ୧୮।୯

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୧୩ତମ ସଂସ୍କରଣ ଶନିବାରଠାରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆରମ୍ଭ ହେବାକୁ ଯାଉଛି। କରୋନା ମାହାମାରୀ ଯୋଗୁ ଏହି ହାଇ ପ୍ରୋଫାଇଲ ଲିଗ୍ ଏଥର ଭାରତରେ ସମ୍ଭବ ହୋଇନାହିଁ। କୋଭିଡ-୧୯ ଗାଇଡ ଲାଇନ୍ ଏବଂ ବିନା ଦର୍ଶକରେ ଏଥର ଆୟୋଜିତ ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବ୍ୟୟବହୁଳ ଏହି କ୍ରିକେଟ ଲିଗ୍। କରୋନା ଭାଇରସ ସଂକ୍ରମଣ କାରଣରୁ ଭାରତୀୟ ଖେଳାଳିମାନେ ୬ ମାସରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳିବାରୁ ଦୂରେଇ ରହିଛନ୍ତି। ଆଇପିଏଲରେ ପ୍ରଥମଥରପାଇଁ ସେମାନଙ୍କୁ ଆକ୍ସନରେ ଦେଖିବାକୁ ପାଇବେ କ୍ରିକେଟ ପ୍ରଶଂସକ। ତେଣୁ ଏହି ଲିଗ୍ ପ୍ରତି ସ୍ୱାଭାବିକ ଉତ୍କଣ୍ଠା ବଢ଼ିଛି। ଆଇପିଏଲ ମ୍ୟାଚ ୟୁଏଇରେ ଆୟୋଜନ ହେବା ଏହା ପ୍ରଥମ ଦୃଷ୍ଟାନ୍ତ ନୁହେଁ। ପୂର୍ବରୁ ୨୦୧୪ରେ ଲିଗ୍ ପର୍ଯ୍ୟାୟର ୨୦ଟି ମ୍ୟାଚ ଏଠାରେ ଅନୁଷ୍ଠିତ ହୋଇଥିଲା। ପରେ ଏହି ପ୍ରତିଯୋଗିତା ଭାରତ ଫେରିଥିଲା। ତେବେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ୟୁଏଇରେ ପ୍ରଥମଥରପାଇଁ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ଆବୁଧାବି, ଦୁବାଇ ଓ ଶାରଜା ଷ୍ଟାଡିୟମ ପ୍ରସ୍ତୁତ।

ଚଳିତ ଆଇପିଏଲ୍‌ର ଉଦ୍‌ଘାଟନୀ ମ୍ୟାଚ ସ୍ଥାନୀୟ ଶେଖ୍ ଜାୟେଦ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତୀୟ ସମୟ ରାତି ୭ଟା ୩୦ରେ ଏହି ମ୍ୟାଚ ଆରମ୍ଭ ହେବ। ଆଇପିଏଲ ଇତିହାସରେ ଦୁଇ ସଫଳ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ପରସ୍ପରକୁ ଭେଟିବେ। ମୁମ୍ବାଇ ୪ ଓ ଚେନ୍ନାଇ ୩ ଥର ଚାମ୍ପିୟନ ହୋଇ ସାରିଛନ୍ତି। ଏଥର ମଧ୍ୟ ଏହି ଦୁଇ ଦଳ ଟାଇଟଲ ଫେଭରାଇଟ ଅଛନ୍ତି। ରୋହିତ ଶର୍ମା ମୁମ୍ବାଇ ଓ ମହେନ୍ଦ୍ର ସିଂ ଧୋନୀ ଚେନ୍ନାଇ ଦଳର ନେତୃତ୍ୱ ନେଉଛନ୍ତି। ପ୍ରଥମ ମ୍ୟାଚ ପାଇଁ ଚେନ୍ନାଇ ବିପକ୍ଷରେ ମୁମ୍ବାଇର ପଲା ଭାରି ରହିଛି। ରୋହିତଙ୍କ ବ୍ୟତୀତ କ୍ୱିଣ୍ଟନ ଡିକକ୍, ସୂର୍ଯ୍ୟକୁମାର ଯାଦବ, ଇଶାନ କିଷନ, ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା, କିରନ ପୋଲାର୍ଡଙ୍କୁ ନେଇ ମୁମ୍ବାଇ ବ୍ୟାଟିଂ ଲାଇନ୍ ବେଶ୍ ଶକ୍ତିଶାଳୀ। ଯଶପ୍ରୀତ ବୁମ୍‌ରାଙ୍କ ସହ ଟ୍ରେଣ୍ଟ ବୋଲ୍ଟ ଓ ନାଥନ କୁଲ୍ଟର-ନୀଲଙ୍କ ଉପସ୍ଥିତି ଦଳର ବୋଲିଂ ବିଭାଗକୁ ଶାଣିତ କରିଛି। ଅପରପକ୍ଷରେ ବ୍ୟକ୍ତିଗତ କାରଣଯୋଗୁ ଆଇପିଏଲରେ ସୁରେଶ ରାଇନାଙ୍କ ଅନୁପସ୍ଥିତି ☞ପୃଷ୍ଠା-୪



ଆବୁଧାବିର ଶେଖ୍ ଜାୟେଦ ଷ୍ଟାଡିୟମ।

## ଅନିଲ ଧସମାନା ଏନ୍‌ଟିଆର୍‌ଓ ଅଧକ୍ଷ



**ନୂଆଦିଲ୍ଲୀ, ୧୮।୯:** ଜାତୀୟ ବୈଷୟିକ ଅନୁସନ୍ଧାନ ସଙ୍ଗଠନ (ଏନ୍‌ଟିଆର୍‌ଓ)ର ନୂତନ ଅଧକ୍ଷ ଭାବେ ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ (ର') ର ପୂର୍ବତନ ମୁଖ୍ୟ ଅନିଲ ଧସମାନା ନିଯୁକ୍ତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ନିଯୁକ୍ତି କମିଟି ଧସମାନାଙ୍କ ନାମକୁ ଅନୁମୋଦନ କରିଛି। ଏ ସଂକ୍ରାନ୍ତରେ ଶୁକ୍ରବାର ଆନୁଷ୍ଠାନିକ ଭାବେ ୧୯୮୧ ବ୍ୟାଚର ଆଇପିଏସ୍ ଅଧିକାରୀ ଧସ୍‌ମାନାଙ୍କୁ ସୂଚନା ଦିଆଯାଇଛି। ସେ ଦାୟିତ୍ୱରୁ ମୁକ୍ତ ହୋଇଥିବା ପୂର୍ବତନ ଇଣ୍ଟେଲିଜେନ୍ସ ବ୍ୟୁରୋ ଅଧିକାରୀ ସତୀଶ ଝାଙ୍କ ସ୍ଥାନ ନେବେ। ପୁଲୱାମା କାର୍ ଆକ୍ରମଣରେ ୪୦ ଯବାନଙ୍କ ଶହୀଦ ପରେ ଫେବୃୟାରୀ ୨୦୧୯ରେ ବାଲାକୋଟ ଏୟାର ଷ୍ଟ୍ରାଇକ ଯୋଜନାର ସେ ନେତୃତ୍ୱ ନେଇଥିଲେ। ଜୁନ ୨୦୧୯ରେ ଲୋକସଭା ନିର୍ବାଚନର କାର୍ଯ୍ୟକାଳ ଶେଷ ହେବାର କିଛି ମାସ ପୂର୍ବରୁ ଧସମାନା ତାଙ୍କ ପଦ ଛାଡିଦେଇଥିଲେ। ଏଲ୍‌ଏସିଠାରେ ଚାଇନା ସେନାର ଗତିବିଧି ଉପରେ ନଜର ରଖିବାକୁ ଏନ୍‌ଟିଆର୍‌ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବାବେଳେ ଏହି ଦାୟିତ୍ୱ ଏବେ ଧସମାନାଙ୍କ କାନ୍ଧରେ ନ୍ୟସ୍ତ କରାଯାଇଛି।

# ଏଫ୍‌ଡିଆଇ ସଂଶୋଧନକୁ ଅନୁମୋଦନ

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ପ୍ରତିରକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ନୀତି ସଂଶୋଧନକୁ କେନ୍ଦ୍ର ସରକାର ଶୁକ୍ରବାର ଅନୁମୋଦନ କରିଛନ୍ତି। ନୂଆ ଲାଇସେନ୍ସଧାରୀଙ୍କ ପାଇଁ ସିଧାସଳଖ ଭାବେ ୭୪% ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ନିମନ୍ତେ ଅନୁମତି ମିଳିଥିବାବେଳେ ୭୪%ରୁ ଅଧିକ ପୁଞ୍ଜିନିବେଶ କରିବା ପାଇଁ ସରକାରୀ ଅନୁମତି ନେବାକୁ ପଡ଼ିବ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ସୂଚନା ଦେଇଛନ୍ତି। ଏବେକାର ଲାଇସେନ୍ସଧାରୀମାନେ ଯଦି ଶତକଡ଼ା ୪୯ ଭାଗ ପର୍ଯ୍ୟନ୍ତ ସାନି ବିଦେଶୀ ପୁଞ୍ଜିନିବେଶ କରିବାକୁ ଚାହାନ୍ତି ତେବେ ପରିବର୍ତ୍ତନ କିମ୍ବା ହସ୍ତାନ୍ତରଣ ପାଇଁ ୩୦ଦିନ ମଧ୍ୟରେ ଘୋଷଣା କରିବାକୁ ପଡ଼ିବ ବୋଲି ଗୋୟଲ୍ କହିଛନ୍ତି। ତେବେ ପ୍ରତିରକ୍ଷା କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ ପ୍ରକ୍ରିୟା ଜାତୀୟ ସୁରକ୍ଷା ଯାଞ୍ଚ୍



ପୀୟୁଷ ଗୋୟଲ

**ପ୍ରତିରକ୍ଷା କ୍ଷେତ୍ର**

ନିୟମ ଦେଇ ଗତି କରିବାକୁ ହେବ। ଆତ୍ମନିର୍ଭର ଭାରତ ହାସଲ ଦିଗରେ ସାମୂହିକ ଉଦ୍ୟମର ଅଂଶସ୍ୱରୂପ ଏହି ସଂଶୋଧନ ଦ୍ୱାରା ରାଷ୍ଟ୍ରୀୟ ସୁରକ୍ଷାକୁ କ୍ଷତି ନ ପହଞ୍ଚାଇ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରାଯାଇ ପାରିବ ବୋଲି ଗୋୟଲ କହିଛନ୍ତି।

# ହରସିମ୍ରତଙ୍କ ସ୍ଥାନରେ ତୋମାରଙ୍କୁ ଦାୟିତ୍ୱ

**ନୂଆଦିଲ୍ଲୀ,୧୮।୯(ପି.ଟି.)**

କେନ୍ଦ୍ର ସରକାରଙ୍କ କୃଷି ନୀତିକୁ ବିରୋଧ କରି ମନ୍ତ୍ରିମଣ୍ଡଳରୁ ହରସିମ୍ରତ କୌର ବାଦଲ ଗୁରୁବାର ଇସ୍ତଫା ଦେବା ପରେ ନରେନ୍ଦ୍ର ସିଂ ତୋମାରଙ୍କୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ମନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅପରପକ୍ଷରେ ହରସିମ୍ରତଙ୍କ ଇସ୍ତଫାପତ୍ରକୁ ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗ୍ରହଣ କରିଛନ୍ତି। ଲୋକ ସଭାରେ ଉପସ୍ଥାପିତ ହୋଇଥିବା କୃଷି ସମ୍ପର୍କିତ ବିଲ୍‌କୁ ବିରୋଧ କରି ହରସିମ୍ରତ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ବୋଲି ଟୁଇଟର ମାଧ୍ୟମରେ ଜଣାଇଥିଲେ। ହରସିମ୍ରତ ଶିରୋମଣି ଅକାଳି ଦଳର ଏମ୍‌ପି ହୋଇଥିବାବେଳେ ଏନ୍‌ଡିଏ ସରକାରରେ ସେ ତାଙ୍କ ଦଳରୁ ଏକମାତ୍ର ମନ୍ତ୍ରୀ ଭାବେ ସାମିଲ ହୋଇଥିଲେ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ସେ କ୍ୟାବିନେଟ ମନ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ। ମୋଦି ସରକାରଙ୍କ ସଂଶୋଧିତ କୃଷି ନୀତିକୁ ଦେଶର ସବୁସ୍ଥାନରେ ବିରୋଧ ହେଉଥିବାବେଳେ ପଞ୍ଜାବର ଚାଷୀମାନେ ଏବେ ରାଜରାସ୍ତାକୁ ଓହ୍ଲାଇଲେଣି। ତେଣୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ହରସିମ୍ରତ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଥିଲେ। ମୋଦିଙ୍କ କୃଷୀ



ନରେନ୍ଦ୍ର ସିଂ ତୋମାର

ନୀତି ଚାଷୀଙ୍କ ଅପେକ୍ଷା ଶିଳ୍ପପତିମାନେ ଅଧିକ ଫାଇଦା ପାଇବେ ବୋଲି ଅଭିଯୋଗ ହେଉଛି। ବିରୋଧୀମାନେ ଏହାକୁ କୃଷକ ଶୋଷଣ ନୀତି ବୋଲି ଅଭିହିତ କରୁଛନ୍ତି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କୃଷି ନୀତି ବିରୋଧରେ ବିରୋଧମାନଙ୍କ ବିବୃତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ମୋଦି କହିଛନ୍ତ, ଏହି କୃଷି ନୀତି ଦ୍ୱାରା କୌଣସି ଚାଷୀ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବେ ନାହିଁ। ନୂତନ କୃଷି ନୀତି ବର୍ତ୍ତମାନ ସମୟର ଆହ୍ୱାନ। ଏହାଦ୍ୱାରା କୃଷକର ମାନଦଣ୍ଡ ବୃଦ୍ଧି ହେବା ସହ ଦେଶର ଅର୍ଥନୀତିରେ ଚାଷୀର ଭାଗିଦାରୀ ବୃଦ୍ଧି ପାଇବ ବୋଲି ମୋଦି କହିଛନ୍ତି।

# ରୁଷିଆ ଟିକାରେ ପାର୍ଶ୍ୱ ପ୍ରତିକ୍ରିୟା

**ନୂଆଦିଲ୍ଲୀ,୧୮।୯**

ସାରା ବିଶ୍ୱରେ ବଢି ଚାଲିଥିବା କରୋନା ସଂକ୍ରମଣକୁ ଦେଖି ଏବେ ସମସ୍ତଙ୍କ ନଜର ରହିଛି କରୋନା ଭ୍ୟାକ୍ସିନ ବା ଟିକା ଉପରେ। କାରଣ କରୋନା ସଂକ୍ରମଣ ରୋକିବାକୁ ଏହା ଏକ ମାତ୍ର ମାଧ୍ୟମ ହେବ ବୋଲି କୁହାଯାଉଛି। ତେବେ ସବୁ ବିକାଶଶୀଳ ଦେଶ କରୋନା ଭ୍ୟାକ୍ସିନ ତିଆରିରେ ଲାଗି ପଡିଥିବା ବେଳେ ଭାରତ ମଧ୍ୟ ଏ ଦିଗରେ ପଛରେ ନାହିଁ। କିନ୍ତୁ ସର୍ବ ପ୍ରଥମେ ରୁଷିଆ କରୋନା ଭାଇରସ ପାଇଁ ଭ୍ୟାକ୍ସିନ ତିଆରି କରିଥିବା ଦାବି କରିଛି। ଆଉ ଏହି ଭ୍ୟାକ୍ସିନର ନାଁ ରହିଛି ସ୍ପୁଟନିକ ଭି। ଭାରତକୁ ମଧ୍ୟ ଏହି ଭ୍ୟାକ୍ସିନ ରୁଷିଆ




ଯୋଗାଇ ଦେବ ବୋଲି କଥା ଦେଇଛି। ହେଲେ ଏବେ ଭ୍ୟାକ୍ସିନ ସ୍ପୁଟନିକ ଭିକୁ ନେଇ ଚିନ୍ତା ବଢିଗଲାଣି। ରୁଷିଆ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ସ୍ପୁଟନିକ ଭି ଯେଉଁ ସ୍ୱେଚ୍ଛାସେବୀଙ୍କୁ ଦିଆଯାଇଥିଲା ସେମାନଙ୍କ ମଧ୍ୟରୁ ୭ ଜଣରେ ଜଣଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି। ମସ୍କୋ ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ ସେ କହିଛନ୍ତି ଟିକା ନେଇଥିବା ପ୍ରାୟ ୧୪ ପ୍ରତିଶତ ଲୋକଙ୍କ ନିକଟରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଛି। ଟିକା ନେଇଥିବା ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଥିଲା ଯେ ସ୍ପୁଟନିକ ଭି ଟିକା ନେବା ପରେ ତାଙ୍କୁ ଦୁର୍ବଳ ଲାଗିବା ସହ ମାଂସପେଶୀରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ହେଲେ ପୂର୍ବରୁ ସେ ଏକଥା ଜାଣିଥିବା ପ୍ରକାଶ କରିବା ସହ ପରଦିନ ଏହା ଠିକ ହୋଇ ଯାଇଥିବା କହିଛନ୍ତି। ସୂଚନାଯୋଗ୍ୟ, ଭ୍ୟାକ୍ସିନ କ୍ଲିନିକାଲ ଟ୍ରାଏଲର ଫଳାଫଳ ସେପ୍ଟେମ୍ବର ୪ରେ ଦ ଲାନସେଟ ଜର୍ନାଲରେ ପ୍ରକାଶ ପାଇଥିଲା।

## ଗଲ୍‌ୱାନରେ ମରିଛନ୍ତି ପିଏଲ୍‌ଏ ସେନା

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ଭାରତ-ଚାଇନା ସୀମା ଗଲ୍‌ୱାନ ଉପତ୍ୟାକାରେ ଗତ ଜୁନ୍ ୧୫ରେ ହୋଇଥିବା ସଂଘର୍ଷରେ ପିପୁଲ୍‌ସ ଲିବରେଶନ ଆର୍ମି(ପିଏଲ୍‌ଏ) ସେନା ମଧ୍ୟ ପ୍ରାଣ ହରାଇଛନ୍ତି ବୋଲି ଚାଇନା ଶେଷରେ ସ୍ୱୀକାର କରିଛି। ଏନେଇ ଚାଇନା କମ୍ୟୁନିଷ୍ଟ ପାର୍ଟିର ମୁଖପତ୍ର କୁହାଯାଉଥିବା ଗ୍ଲୋବାଲ୍ ଟାଇମ୍‌ସରେ ପ୍ରକାଶ ପାଇଛି। ତେବେ କେତେ ସଂଖ୍ୟକ ପିଏଲ୍‌ଏ ସେନା ମୃତ୍ୟୁବରଣ କରିଛନ୍ତି ସେନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଗ୍ଲୋବାଲ୍ ଟାଇମ୍‌ସ ମୁଖ୍ୟ ସମ୍ପାଦକ ହୁ ସିଜିନ୍ ଏନେଇ ଗୁରୁବାର ଏକ ଟୁଇଟ କରି କହିଛନ୍ତି, ଭାରତର ପ୍ରତିରକ୍ଷା ମନ୍ତ୍ରୀ ଗଲ୍‌ୱାନ ସଂଘର୍ଷକୁ ନେଇ ରଖିଥିବା ମତ ସତ୍ୟ ନୁହେଁ। ଜୁନ୍ ୧୫ରେ ହୋଇଥିବା ଘଟଣାରେ ଭାରତର ଯବାନଙ୍କ ଠାରୁ କମ୍ ସଂଖ୍ୟାରେ ଚାଇନା ସେନା ମୃତ୍ୟୁବରଣ କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଭାରତୀୟ ଯବାନଙ୍କ ଦ୍ୱାରା କୌଣସି ଚାଇନା ସେନା ବନ୍ଦୀ ହୋଇ ନ ଥିଲେ କିନ୍ତୁ ପିଏଲ୍‌ଏ ବହୁ ଭାରତୀୟ ଯବାନଙ୍କୁ ବନ୍ଧକ ରଖିଥିଲା ବୋଲି ସିଜିନ୍ ଉଲ୍ଲେଖ କରିଛନ୍ତି। ତେବେ ପୂର୍ବରୁ ଚାଇନା ଉକ୍ତ ଘଟଣାରେ କୌଣସି ପିଏଲ୍‌ଏ ସେନାଙ୍କ ମୃତ୍ୟୁ ଘଟିନାହିଁ ବୋଲି ଦମ୍ଭୋକ୍ତି ଦେଖାଉଥିଲା।

## ଇଣ୍ଡଷ୍ଟ୍ରି ସମସ୍ତଙ୍କର: ମୁକେଶ ଖାନ୍ନା

**ମୁମ୍ବାଇ,୧୮।୯**

ବଲିଉଡ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ଡ୍ରଗ୍ସ ଲିଙ୍କକୁ ନେଇ ବଲିଉଡରେ ବର୍ତ୍ତମାନ ତୁ ତୁ ମେମେ ଲାଗି ରହିଛି। ସୋମବାର ଲୋକସଭାରେ ଏ ପ୍ରସଙ୍ଗ ଉଠାଇ ଅଭିନେତା ତଥା ଭାଜପା ଏମପି ରବି କିଶନ ବଲିଉଡକୁ ନର୍ଦ୍ଦମା ବୋଲି କହିଥିଲେ। ଆଉ ତା'ପର ଦିନ ରାଜ୍ୟସଭାରେ ଜୟା ବଚ୍ଚନ ଏହି ମନ୍ତବ୍ୟକୁ ବିରୋଧ କରିଥିଲେ। କିଛି ଲୋକ ଯେଉଁ ଥାଳିରେ ଖାଉଛନ୍ତି, ସେଥିରେ ଛିଦ୍ର କରୁଛନ୍ତି ବୋଲି ଜୟା ପ୍ରକାଶ କରିଥିଲେ। ତେବେ ଜୟାଙ୍କ ଏପରି ମନ୍ତବ୍ୟ ଉପରେ



ଶୁକ୍ରବାର ମୁକେଶ ଖାନ୍ନା ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ସମସ୍ତେ ଏଠାରେ ପରିଶ୍ରମ କରୁଛନ୍ତି। ଇଣ୍ଡଷ୍ଟ୍ରି ସମସ୍ତଙ୍କର, କାହା ବାପାଙ୍କର ନୁହେଁ। ଇଣ୍ଡଷ୍ଟ୍ରି ବର୍ଷ ବର୍ଷ ଧରି ରହିଆସିଛି। ବର୍ତ୍ତମାନ ଗୋଷ୍ଠୀବାଦ ବୃଦ୍ଧି ପାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## କଟକଣା ମଧ୍ୟରେ ହେବ କୁମ୍ଭମେଳା


**ନୂଆଦିଲ୍ଲୀ,୧୮।୯(ପି.ଟି.):** ୨୦୨୧ ଜାନୁୟାରୀରୁ ଏପ୍ରିଲ ପର୍ଯ୍ୟନ୍ତ ହରିଦ୍ୱାରରେ ହେବ ବିଶ୍ୱପ୍ରସିଦ୍ଧ କୁମ୍ଭମେଳା। ତେବେ କରୋନା ମହାମାରୀ ସମୟରେ ଏତେବଡ଼ ଧାର୍ମିକ ସମାବେଶକୁ କିପରି ଅନୁମତି ଦିଆଯିବ ସେନେଇ ଉତ୍ତରାଖଣ୍ଡ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ ବରିଷ୍ଠ ଅଧିକାରୀ, ସନ୍ଥ ସମାଜ ଓ ବିଭିନ୍ନ ଆଖଡ଼ାର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନାରେ କୁମ୍ଭମେଳାରେ ପୂର୍ବ ବର୍ଷଗୁଡ଼ିକ ଭଳି ସବୁଲୋକଙ୍କୁ ଅନୁମତି ନ ଦେଇ ସ୍ୱଳ୍ପ ଲୋକ ତଥା ସାଧୁସନ୍ଥଙ୍କୁ ଅନୁମତି ପୂର୍ବକ ପରାମ୍ପରା ନିର୍ବାହ ଲାଗି ସରକାର ଚିନ୍ତା କରୁଥିବା ଜଣାପଡ଼ିଛି। ଯେଉଁମାନେ କୁମ୍ଭମେଳାକୁ ଯିବେ ସେମାନେ ପୂର୍ବରୁ ପାସ୍ ନେବାକୁ ହେବ। ସେହିପରି ସ୍ନାନ ସମୟରେ କୋଭିଡ୍ କଟକଣାକୁ ପାଳନ କରିବା ଉପରେ ଧ୍ୟାନ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସାଧାରଣ ଲୋକେ କୁମ୍ଭସ୍ନାନକୁ ଟିଭି ମାଧ୍ୟମରେ ଦେଖିବାକୁ ସଚେତନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସନ୍ଥ ସମାଜ ପକ୍ଷରୁ ସ୍ୱାଗତ କରାଯାଇଛି।



**ଫୁର୍‌ସତ୍**

## ଟ୍ରୋଲ୍ ହେଲେ ସୋନୁ

**ନୂଆଦିଲ୍ଲୀ:** ଲକ୍‌ଡାଉନ କଟକଣାବେଳେ ପ୍ରବାସୀଙ୍କୁ ସେମାନଙ୍କ ଘରେ ପହଞ୍ଚାଇବାକୁ ସାହାଯ୍ୟ କରିଥିବା ବଲିଉଡ୍ ଅଭିନେତା ସୋନୁ ସୁଦ୍ ଟ୍ରୋଲ୍‌ର ଶିକାର ହୋଇଛନ୍ତି। ନିଜ ଛବି ଥିବା ଏକ କାର୍ଟୁନ ଟୁଇଟ୍ କରିବା ପରେ ଅନେକ ୟୁଜର୍ସ ତାଙ୍କୁ ଆଣ୍ଟି ମୋଦି ବୋଲି କହି ସମାଲୋଚନା କରିଛନ୍ତି। ଟ୍ରୋଲ୍ ହେବା ପରେ ସୋନୁ ତାଙ୍କ ଆକାଉଣ୍ଟରୁ ଟୁଇଟ୍‌କୁ ହଟାଇ ଦେଇଛନ୍ତି। ଟୁଇଟ୍ ଅନୁଯାୟୀ, ଜଣେ ବ୍ୟକ୍ତି ଲକ୍‌ଡାଉନବେଳେ କେତେଜଣ ପ୍ରବାସୀଙ୍କ ମୃତ୍ୟୁ ଘଟିଛି ବୋଲି ପ୍ରଶ୍ନ କରୁଛନ୍ତି। ସେଠାରେ ସୋନୁଙ୍କ ଭଳି ଥିବା କାର୍ଟୁନ ହାତରେ ଏକ କାର୍ଡ଼ ଧରିଛି। ଯେଉଁଥିରେ ଲେଖା ହୋଇଛି 'ସରି ସାର୍, ମୁଁ ସେମାନଙ୍କୁ ବଞ୍ଚାଇବାରେ ବ୍ୟସ୍ତ ଥିଲି'। ଟୁଇଟ୍‌ର କ୍ୟାପସନରେ ସୋନୁ କାର୍ଟୁନିଷ୍ଟଙ୍କ ପ୍ରଶଂସା କରି, ଆପଣ ବହୁତ କମାଲର ବୋଲି ଲେଖିଥିଲେ। ଏହି ପୋଷ୍ଟ ଦେଖି ୟୁଜର୍ସ ସୋନୁଙ୍କୁ ସମାଲୋଚନା କରିଥିଲେ। କେତେଜଣ ତାଙ୍କୁ ଆଣ୍ଟି ମୋଦି ବୋଲି କହିଥିଲେ। ସେହିପରି ବଲିଉଡ୍‌ର ସବୁ କଳାକାରଙ୍କ ଦୁଇଟି ଚେହେରା ଥାଏ ବୋଲି ଜଣେ ୟୁଜର୍ସ ଲେଖିଥିଲେ। ଲୋକଙ୍କୁ ଦେଖାଇ ହେବା ଭଳି କାମ କରି ସୋନୁଙ୍କ ଭଳି ଲୋକେ ପ୍ରଶଂସା ସାଉଁଟୁଥିବା ୟୁଜର୍ସ ଟୁଇଟ୍‌ରେ କହିଥିଲେ। ଏପରିକି ସୋନୁଙ୍କୁ କେତେଜଣ କଂଗ୍ରେସ ଚାମ୍‌ଚା ବୋଲି କହିବାକୁ ପଛେଇ ନ ଥିଲେ। ଏହା ପରେ ସୋନୁ ଟୁଇଟ୍‌କୁ ହଟାଇ ଦେଇଥିଲେ। କିନ୍ତୁ ସେତେବେଳକୁ ପୋଷ୍ଟ ଭାଇରାଲ ହୋଇସାରିଥିଲା।



ସୋନୁ ସୁଦ୍

# ବଢ଼ିବ ବିଲୁପ୍ତପ୍ରାୟ ହ୍ୱେଲ୍ ବଂଶ

**ମହାସାଗରର ଅତଳ ଜଳରାଶିର ରାଜା ହେଉଛି ହ୍ୱେଲ୍ ଶାର୍କ। ନିଜ ବିଶାଳକାୟ ଶାରୀରିକ ଗଠନ ଲାଗି ଏହି ଜଳଚର ଜୀବ ସବୁବେଳେ ଦୃଷ୍ଟି ଆକର୍ଷଣ କରି ଆସିଛି। ହେଲେ ଜଳବାୟୁଗତ ପରିବର୍ତ୍ତନ ଏବଂ ମାନବୀୟ କାର୍ଯ୍ୟକଳାପ ଲାଗି ଏହି ଜୀବ ଏବେ ବିଲୁପ୍ତ ସ୍ଥିତିରେ। ତେବେ ନିକଟରେ ହ୍ୱେଲ୍‌ର ଆୟୁ ଏବଂ ଅଭିବୃଦ୍ଧି ଉପରେ କରାଯାଇଥିବା ଗବେଷଣା ଏହି ବିଶାଳକାୟ ଜୀବକୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଜୈବବିଜ୍ଞାନୀମାନେ ଆଶାବ୍ୟକ୍ତ କରିଛନ୍ତି।**



**ନୂତନ ଅଧ୍ୟୟନରୁ ଆଶା**

ଜଳବାୟୁ ପରିବର୍ତ୍ତନରୁ ପରିବେଶ ସଂରକ୍ଷଣର ଗୁରୁତ୍ୱ ବୁଝାପଡୁଛି। ମାନବୀୟ ଗତିବିଧିର ପ୍ରଭାବରେ ବନ୍ୟଜୀବନ, ଜଙ୍ଗଲ ଏବଂ ଜୈବବିବିଧତା ପ୍ରଭାବିତ ହେଉଥିବାବେଳେ ଏଥିରୁ ବର୍ତ୍ତିନି ମହାସାଗର। ଫଳସ୍ୱରୂପ ଶତାଧିକ ଜଳଚର ଜୀବ ବିଲୁପ୍ତ ହୋଇଗଲେଣି। ଅନେକ ବିଶାଳକାୟ ଶରୀରଧାରୀ ନିଜର ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ଏପରି ଜଳଚର ପ୍ରାଣୀଙ୍କୁ ସୁରକ୍ଷା ଦେବାକୁ ଅହରହ ଉଦ୍ୟମ ଜାରି ରଖିଛନ୍ତି ଜୈବବିଜ୍ଞାନୀ। ନିକଟରେ ବିଲୁପ୍ତପ୍ରାୟ ହ୍ୱେଲ୍ ଶାର୍କ ଉପରେ କରାଯାଇଥିବା ଗବେଷଣାରୁ ସକାରାତ୍ମକ ଫଳ ମିଳିଛି, ଯାହା ଏହି ବିଶାଳ ଜୀବବଂଶକୁ ସୁରକ୍ଷିତ ରଖିବାରେ ସହାୟକ ହୋଇପାରିବ। 'ଫ୍ରଣ୍ଟିୟର୍ସ ଇନ୍ ମେରାଇନ ସାଇନ୍ସ ଜର୍ନାଲ'ରେ ପ୍ରକାଶିତରେ ତଥ୍ୟରେ ଏହା ଉଲ୍ଲେଖ କରାଯାଇଛି।

ଗବେଷଣାର ପ୍ରମୁଖ ଅଧ୍ୟୟନକାରୀ ତଥା ଅଷ୍ଟ୍ରେଲିୟନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେରାଇନ ସାଇନ୍ସର ମେରାଇନ୍ ବାଇଲୋଜିଷ୍ଟ ମାର୍କ ମିକାନ୍‌ଙ୍କ କହିବା କଥା, ମାଈ ହ୍ୱେଲ୍ ନିକଟରେ ଶାବକ ଜନ୍ମ କରିବାର କ୍ଷମତା ବେଶ୍ ଅଧିକ। ଥରକରେ ଏହା ୩୦୦ ଯାଏ ଛୁଆ ଜନ୍ମ କରିଥାଏ। ବିଶାଳକାୟ ଶରୀରଧାରୀ ମା'ହ୍ୱେଲ୍ ପ୍ରଜନନ ପ୍ରକ୍ରିୟାକୁ ଗୁରୁତ୍ୱ ଦେବା ସହ ନବଜାତକମାନଙ୍କୁ ନିଜ ଶରୀର ଆଭ୍ୟନ୍ତରରେ ରଖିବା ଲାଗି ପ୍ରାଥମିକତା ଦେଇଥାଏ। ଏହି ଅଧ୍ୟୟନର ସମ୍ପର୍କ ହ୍ୱେଲ୍‌ର ଆୟୁ ସହିତ ରହିଛି। କୌଣସି ପ୍ରଜାତିର ବଂଶବୃଦ୍ଧି ଏହାର ଆୟୁ ଉପରେ ନିର୍ଭର କରେ। ହ୍ୱେଲ୍ ଶାର୍କ ଭଳି ସାମୁଦ୍ରିକ ଜଳଚର ଜୀବର ଜୀବନ ପ୍ରକ୍ରିୟା ଅତି ଦୀର୍ଘ। ହେଲେ ମାଈ ଏବଂ ଅଣ୍ଡିରା ହ୍ୱେଲ୍‌ଙ୍କ ଶରୀର ବୃଦ୍ଧିପ୍ରକ୍ରିୟାରେ ଅନେକ ତାରତମ୍ୟ ରହିଛି। ସମାନ ସମୟରେ ମା' ହ୍ୱେଲ ଅପେକ୍ଷା ଅଣ୍ଡିରାଙ୍କ ଶରୀର ବୃଦ୍ଧି ତୀବ୍ର ହୋଇଥାଏ। ଅଧ୍ୟୟନରୁ ମିଳିଥିବା ତଥ୍ୟରୁ ପୃଥିବୀର ଏହି ସର୍ବବୃହତ୍ ମାଛର ଜୀବନ ପ୍ରକ୍ରିୟା ବିଷୟରେ ଜୀବବିଜ୍ଞାନୀମାନେ ଅନେକ ସହାୟତା ମିଳିବ।

ଅଧ୍ୟୟନକାରୀଙ୍କ କହିବା କଥା, ଅଷ୍ଟ୍ରେଲିଆର ପଶ୍ଚିମ ସମୁଦ୍ର ତଟବର୍ତ୍ତୀ 'ନିମ୍‌ଗାଲୋ ରୀଫ୍'କୁ ପ୍ରତିବର୍ଷ ଆସୁଥିବା ୫୪ ହ୍ୱେଲ୍‌ଙ୍କ ଅଭିବୃଦ୍ଧି ଉପରେ ଅନୁଧ୍ୟାନ କରାଯାଇଥିଲା। ହ୍ୱେଲ ଶାର୍କ ଗଭୀର ସମୁଦ୍ରର ଫିଲ୍‌ଟର ଫିଡିଂ ଜୀବ ମଧ୍ୟରୁ ଗୋଟିଏ। ଜନ୍ମ ପରେ ଉଭୟ ଅଣ୍ଡିରା ଏବଂ ମାଈ ସମାନ୍ତରାଳ ଭାବେ ବଢ଼ିଥାନ୍ତି। ଏହି ଅଭିବୃଦ୍ଧି ବାର୍ଷିକ ୨୦ରୁ ୩୦ ସେମି। ହେଲେ କିଛିବର୍ଷ ପରେ ଅଣ୍ଡିରା ହ୍ୱେଲ୍‌ର ଶାରୀରିକ ଗଠନରେ ଦ୍ରୁତ ପରିବର୍ତ୍ତନ ଆରମ୍ଭ ହୋଇଥାଏ। ଅଣ୍ଡିରା ହ୍ୱେଲ୍ ହାରାହାରି ୩୦ବର୍ଷରେ ପ୍ରଜନନ ପରିପକ୍ୱତା ହାସଲ କରିଥାଏ। ଏହି ସମୟରେ ଏହାର ଲମ୍ବା ପାଖାପାଖି ୮ ମିଟର ଯାଏ ହୋଇଯାଇଥାଏ। ସେହିପରି ମା' ହ୍ୱେଲ୍ ୫୦ ବର୍ଷରେ ପହଞ୍ଚିବା ପରେ ଏହାର ଲମ୍ବା ୧୪ ମିଟର ହୋଇଥାଏ। ହ୍ୱେଲ୍‌ର ହାରାହାରି ଆୟୁ ୧୦୦ରୁ ୧୫୦ ବର୍ଷ। ଅଦ୍ୟାବଧି ଠାବ କରାଯାଇଥିବା ସବୁଠାରୁବଡ଼ ହ୍ୱେଲ୍‌ଶାର୍କ ୧୮ ମିଟର ବିଶିଷ୍ଟ।

ମିକାନ୍ କହିଛନ୍ତି, ପୂର୍ବରୁ ସମୁଦ୍ର ତଟରେ ଲାଗୁଥିବା ମୃତ ହ୍ୱେଲ୍‌ର କଙ୍କାଳକୁ ଅନୁଧ୍ୟାନ କରି ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଉଥିଲା। ଏହି ନମୁନାରୁ ସଂଗୃହୀତ ତଥ୍ୟ ଶତପ୍ରତିଶତ ଭରସାଯୋଗ୍ୟ ହୋଇପାରୁ ନ ଥିଲା। ହେଲେ ନିକଟରେ ହୋଇଥିବା ଅନୁଧ୍ୟାନରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ସେ ଆହୁରି ମଧ୍ୟ କହିଛନ୍ତି, ଏକ ହ୍ୱେଲ୍ ୩୦ ବର୍ଷରେ ପ୍ରଜନନ କ୍ଷମତା ହାସଲ କରିବା ଚିନ୍ତାଜନକ ବିଷୟ। ପ୍ରଜନନ କ୍ଷମତାପ୍ରାପ୍ତ ହ୍ୱେଲ୍‌ର ଅବାଧ ଶିକାର ଏବଂ ଜାହାଜ ସହ ପିଟିହୋଇ ମୃତ୍ୟୁ ଘଟିବା ଯୋଗୁ ପ୍ରଥମରୁ ଏମାନଙ୍କ ବଂଶ ସଙ୍କଟରେ ପଡ଼ିଛି। ଏସବୁ ସମସ୍ୟାକୁ ନଜରରେ ରଖି ଏହି ଜଳଚର ଜୀବଙ୍କ ସଂରକ୍ଷଣ ଲାଗି ନୀତି ପ୍ରସ୍ତୁତ କରିବା ଜରୁରୀ ବୋଲି ମିକାନ୍ ଗୁରୁତ୍ୱାରୋପ କରିଛନ୍ତି।

# କୁକୁରଙ୍କ ଲାଗି ବ୍ଲଡ୍ ବ୍ୟାଙ୍କ

**ଚଣ୍ଡିଗଡ଼:** କୁକୁରଙ୍କ ପାଇଁ ସ୍ୱତନ୍ତ୍ର ବ୍ଲଡ୍ ବ୍ୟାଙ୍କ। ଏ କଥା ଶୁଣି ହୁଏ ତ ଅନେକେ ବିଶ୍ୱାସ କରିପାରୁ ନ ଥିବେ। କିନ୍ତୁ କୁକୁରଙ୍କ ଚିକିତ୍ସା ନିମନ୍ତେ ପ୍ରଥମ ଥର ପାଇଁ ଉତ୍ତର ଭାରତରେ ଏକ ବ୍ଲଡ୍ ବ୍ୟାଙ୍କ ଖୋଲିଛି। ପଞ୍ଜାବର ଲୁଧିଆନାରେ ଥିବା ଗୁରୁ ଅଙ୍ଗଦ ଦେବ ଭେଟେରିନାରି ଆଣ୍ଡ ଆନିମଲ ସାଇନ୍ସ ୟୁନିଭର୍ସିଟିରେ ଏଭଳି ଏକ ବ୍ଲଡ୍ ବ୍ୟାଙ୍କ ଖୋଲାଯାଇଛି।

କୁକୁରଙ୍କ ଜୀବନ ରକ୍ଷା ନିମନ୍ତେ ଏହି ବ୍ଲଡ ବ୍ୟାଙ୍କ ଖୋଲିବା ନିମନ୍ତେ ବିଭାଗୀୟ ଅନୁମତି ବି ପ୍ରାପ୍ତ କରିଛି। ଆଗରୁ ଗୋଟିଏ କୁକୁରଠାରୁ ରକ୍ତ ନେଇ ଅନ୍ୟ କୁକୁରଙ୍କ ଜୀବନ ରକ୍ଷା କରାଯାଉଥିଲା। କିନ୍ତୁ ଏବେ ଏହି ବ୍ଲଡ ବ୍ୟାଙ୍କରେ ସବୁ ପ୍ରକାର ରକ୍ତ ସଂଗ୍ରହ କରି ରଖାଯିବ। ଏଥିପାଇଁ ବ୍ଲଡ ବ୍ୟାଙ୍କରେ ଦାନ କରାଯାଉଥିବା ରକ୍ତକୁ ତିନି ଭାଗରେ ବିଭକ୍ତ କରି ରଖାଯାଉଛି। ବ୍ଲଡ ବ୍ୟାଙ୍କରେ ଏଥିପାଇଁ ଆରବିସି, ପ୍ଲାଜମା ଓ ପ୍ଲେଟଲେଟ୍‌ସର ସୁବିଧା କରାଯାଇଛି।



ଆଧୁନିକ ଲାଇଫ୍‌ଷ୍ଟାଇଲରେ ଲୋକେ କୁକୁରଙ୍କ ଉପରେ ଅନେକାଂଶରେ ନିର୍ଭରଶୀଳ ହେଉଛନ୍ତି। ଲୋକେ ପୋଷା କୁକୁର ରଖିବାକୁ ବେଶି ପସନ୍ଦ କରୁଛନ୍ତି। ତେଣୁ କୁକୁରଙ୍କ ଚିକିତ୍ସା ନିମନ୍ତେ ଏବେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଭାବେ ଡାକ୍ତରଖାନା ବି ଖୋଲାଯାଉଛି। ଚିକିତ୍ସାରେ ସୁବିଧା ନିମନ୍ତେ ଏଭଳି ଏକ ବ୍ଲଡ ବ୍ୟାଙ୍କ ଖୋଲାଯାଇଛି ବୋଲି କହିଛନ୍ତି ବିଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ସୁକୃତି ଶର୍ମା। ତାଙ୍କ କହିବା ଅନୁସାରେ ସେଠାରେ ଚିକିତ୍ସିତ ହେବାକୁ ଆସୁଥିବା କୁକୁରଙ୍କ ମଧ୍ୟରୁ ବର୍ଷକୁ ଅତି କମରେ ୨୫ହଜାର କୁକୁରଙ୍କ ପାଖରେ ହିମୋଗ୍ଲୋବିନ୍ କମ୍ ଥିବା ଦେଖିବାକୁ ମିଳିଥାଏ। ତେଣୁ ସେମାନଙ୍କ ଚିକିତ୍ସା ସୁବିଧା ନିମନ୍ତେ ଏହି ବ୍ଲଡ୍ ବ୍ୟାଙ୍କ ବେଶ୍ ଫଳପ୍ରଦ ହୋଇପାରିବ। ଏବେ ସୋସିଆଲ ମିଡିଆରେ ମଧ୍ୟ କୁକୁରଙ୍କ ପାଇଁ ଖୋଲା ଯାଇଥିବା ଏହି ବ୍ଲଡ୍ ବ୍ୟାଙ୍କକୁ ନେଇ ଚର୍ଚ୍ଚା ହେଉଛି।



## 'ମହଲା କ୍ଲାସ'

**ରାୟପୁର:** ନିଜ ବାଇକ୍‌ରେ ଏକ ଛତା ସହିତ ବ୍ଲାକବୋର୍ଡ ଓ ବହି ଧରି ଗଳିକନ୍ଦି ବୁଲୁଛନ୍ତି ଛତିଶଗଡ଼ କୋରିଆ ଜିଲାର ଜଣେ ସରକାରୀ ଶିକ୍ଷକ ରୁଦ୍ର ରଣା। ପିଲାଙ୍କ ପାଇଁ ସେ ବିଭିନ୍ନ ସ୍ଥାନରେ କରୁଛନ୍ତି 'ମହଲା କ୍ଲାସ'। କରୋନା ସଂକ୍ରମଣ ସମୟରେ ସ୍କୁଲ ବନ୍ଦ ରହିଥିବାରୁ ସେ ଏଭଳି ଭାବେ ଗଳିକନ୍ଦି ବୁଲି ପିଲାଙ୍କୁ ସ୍କୁଲ ପାଠ୍ୟକ୍ରମ ଅନୁସାରେ ଶିକ୍ଷା ଦେଉଛନ୍ତି। ସରକାରୀ ଶିକ୍ଷକଙ୍କର ଏଭଳି ଏକ ପଦକ୍ଷେପ ପାଇଁ ଏବେ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ପାଲଟିଛନ୍ତି ରୁଦ୍ର ସାର୍।

ଅନ୍‌ଲାଇନ୍ ଶିକ୍ଷାରେ ସବୁ ଅଞ୍ଚଳର ପିଲା ପାଠ ପଢ଼ିବାର ସୁଯୋଗ ପାଇ ପାରୁନାହାନ୍ତି। କେଉଁଠି ପିଲାମାନଙ୍କ ପାଖରେ ସ୍ମାର୍ଟଫୋନ୍ ନାହିଁ ତ କେଉଁଠି ନେଟୱର୍କ ନାହିଁ। ତେଣୁ ରୁଦ୍ର ସାର୍ ମହଲା କ୍ଲାସ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବିଭିନ୍ନ ଅଞ୍ଚଳ ବୁଲି ପିଲାଙ୍କୁ ପ୍ରଥମେ ଏକାଠି କରି ପାଠ ସାଙ୍ଗରେ ନେଇଥିବା ବ୍ଲାକବୋର୍ଡରେ ପାଠ ପଢ଼ାଉଛନ୍ତି। ତାଙ୍କର ଏଭଳି ପାଠ ପଢ଼ାଇବାକୁ ପିଲା ତଥା ଅଭିଭାବକମାନେ ଖୁବ୍ ପସନ୍ଦ କରୁଛନ୍ତି। ଅବଶ୍ୟ ପାଠ ପଢ଼ାଇବା ସମୟରେ ସେ ସାମାଜିକ ଦୂରତା ରକ୍ଷା କରିବା ଓ ମାସ୍କ ପିନ୍ଧିବା ଭଳି କଟକଣାକୁ ଭଲଭାବେ ମାନିଥାନ୍ତି। ତେବେ ଘରେ ଘରେ ପହଞ୍ଚି ପିଲାଙ୍କୁ ଡାକି ଏଭଳି ପାଠ ପଢ଼ାଇବା ଫଳରେ ପିଲାମାନେ କିଛି ସମୟ ପାଇଁ ସ୍କୁଲରେ ପଢ଼ିବା ଭଳି ଅନୁଭବ କରୁଥିବା କହିଛନ୍ତି। ସିଧାସଳଖ ସାର୍‌ଙ୍କ ପାଖରେ ପଢ଼ିବା ଫଳରେ ନିଜ ନିଜର ସନ୍ଦେହକୁ ମଧ୍ୟ ସଙ୍ଗେ ସଙ୍ଗେ ସମାଧାନ କରିପାରୁଛନ୍ତି।

ଧରିତ୍ରୀ
DHARITRI
ଶନିବାର, ୧୯ ସେପ୍ଟେମ୍ବର, ୨୦୨୦



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୪୮୧,୯୪୮ | ୯,୫୨,୦୩୩ | ୨୨,୧୬୫,୫୭୭ |
| ଭାରତ | ୫୨,୪୭,୬୭୭ | ୮୪,୭୧୭ | ୪୧,୪୩,୨୪୭ |
| ଓଡ଼ିଶା | ୧,୭୧,୩୪୧ | ୬୮୨(+୫୩) | ୧,୩୭,୫୬୭ |

ଶୁକ୍ରବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଭଦ୍ରକ ଅଫିସ, ୧୮।୯: ଭଦ୍ରକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ପ୍ରଣତି ସାହା ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଦୋଷୀ ତିହିଡ଼ି ଥାନା ମଠସାହି ଗ୍ରାମର ପ୍ରଦୀପ କୁମାର ମଲିକ ଓରଫ୍ ଶୁକୁଟା(୨୫)ଙ୍କୁ ଆଜୀବନ କାରାଦଣ୍ଡାଦେଶ ସମେତ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ତିହିଡ଼ି ଥାନା ଅଧୀନ ମଠସାହି କାଁପଡ଼ା ଗାଁର ପ୍ରଦୀପ ମଲିକ ଗତ ୨୦୧୬ ଜାନୁୟାରୀ ୨୩ ତାରିଖ ଅପରାହ୍ନରେ ଜଣେ ନାବାଳିକାଙ୍କୁ ବିଲ ମଧ୍ୟରେ ବଳାତ୍କାର କରିଥିଲେ। ସେହି ବାଟଦେଇ ଆସୁଥିବା ସ୍ଥାନୀୟ ଅଞ୍ଚଳର ଚରଣ ମଲିକ ନାବାଳିକାଙ୍କୁ ଅଭିଯୁକ୍ତଙ୍କ କବଳରୁ ରକ୍ଷା କରିଥିଲେ। ପରେ ନାବାଳିକାଙ୍କ ପରିବାର ଲୋକେ ଏନେଇ ତିହିଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ.୩୩/୧୬)ରୁଜୁ କରି ଅଭିଯୁକ୍ତ ପ୍ରଦୀପଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୀଡ଼ିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ମନୋରଞ୍ଜନ ଦାସ ମାମଲା ପରିଚାଳନା କରିଥିଲେ।

### ୨୦ରେ ରମାକାନ୍ତଙ୍କ ପରିବାରକୁ ଭେଟିବ କଂଗ୍ରେସ

ଭୁବନେଶ୍ୱର, ୧୮।୯(ବ୍ୟୁରୋ):ଚଳିତ ୨୦ ତାରିଖରେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରପଦା ପଞ୍ଚାୟତ ଅଧୀନ ୭ନମ୍ବର ୱାର୍ଡର ମୃତଚାଷୀ ରମାକାନ୍ତ ମଲ୍ଲିକଙ୍କ ପରିବାର ବର୍ଗଙ୍କୁ ଭେଟିବ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପ୍ରତିନିଧିମଣ୍ଡଳୀ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ୫ଜଣିଆ ପ୍ରତିନିଧି ଦଳ ମୃତଚାଷୀଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସରକାର ରମାକାନ୍ତଙ୍କ ପରିବାରକୁ ନ୍ୟାୟ ନ ଦେବା ଯାଏ ଦଳ ପକ୍ଷରୁ ନିରନ୍ତର ସଂଘର୍ଷ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା କମିଟିର ଗସ୍ତ ବିବରଣୀ ପିସିସି ସଭାପତିଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୩.୩୧ କୁଇଣ୍ଟାଲ ଗଞ୍ଜେଇ ଜବତ: ୨ ଗିରଫ

ଭୁବନେଶ୍ୱର,୧୮।୯ (ବ୍ୟୁରୋ): ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗଜପତି ଜିଲା ଅଡବା ଥାନା ଅଞ୍ଚଳରୁ ଗିରଫ କରିଛି କ୍ରାଇମବ୍ରାଞ୍ଚର ଏସଟିଏଫ୍ ଟିମ୍। ଏଥିସହ ୩.୩୧ କୁଇଣ୍ଟାଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ତଲରାଇସିଂ ଅଞ୍ଚଳର ଇନଶ୍ୱବନ୍ଧୁ ନାୟକ ଓ କୁଳମଣି ନାୟକ। ଏ ନେଇ ଅଡବା ଥାନାରେ ଏକ ମାମଲା(ନଂ.୮୫/୨୦) ରୁଜୁ ହୋଇଛି। ଏହି ଚୋରା ଚାଲାଣରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି।

# ରାଜ୍ୟରେ ବଢୁଛି କୋଭିଡ୍-୧୯ ପରୀକ୍ଷା

## ଦିନକରେ ୪୮ ହଜାର ଟେଷ୍ଟ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ରାଜ୍ୟରେ କୋଭିଡ୍-୧୯ ଟେଷ୍ଟ ହାର ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ଦିନରେ କରୋନ ଟେଷ୍ଟ ୪୮ ହଜାର ଟପିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ରାଜ୍ୟରେ ଥିବା ସରକାରୀ ଓ ଘରୋଇ ୫୬ଟି ଲାବରେଟୋରିରେ ୪୮,୧୪୬ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆର୍‌ଟି-ପିସିଆର୍ ୮ ହଜାର ୪୦୭ କରାଯାଇଥିବା ବେଳେ ଆଣ୍ଟିଜେନ୍ ୩୯ ହଜାର ୬୨୮ ଏବଂ ଟ୍ରୁନାଟ ୧୧୧ ଟେଷ୍ଟ କରାଯାଇଛି। ଏସ୍‌ସିବିରେ ସର୍ବାଧିକ ୨୩୧୫ ଜଣଙ୍କର ଆରଟି-ପିସିଆର ଓ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିବା ବେଳେ ଆର୍‌ଏଆର୍‌ସିରେ ୧୬୨୬, ଏମ୍ସରେ ୪୫୯, ଆଇଏଲଏସ୍‌ରେ ୪୨୪, ଆଇଆଇଏସ୍‌ଇଆର୍‌ରେ ୩୨୨, ଆଇଜିଏଚ୍‌ରେ ୨୬୮ ଏବଂ ଏମକେସିଜିରେ ୪୭୨ ଟେଷ୍ଟ କରାଯାଇଛି। ସେହିପରି ଅନୁଗୋଳ ଜିଲାରେ ସର୍ବାଧିକ ୧୨୦୧ ଆଣ୍ଟିଜେନ ଟେଷ୍ଟ କରାଯାଇଥିବା ବେଳେ ବାଲେଶ୍ୱର ୧୩୧୬, ବରଗଡ ୫୧୭, ବଲାଙ୍ଗୀର, ୧୧୦୮, ଭଦ୍ରକ ୧୦୪୫, କ୍ୟାପିଟାଲ ହସ୍ପିଟାଲ ୧୧୮୨, କଟକ ୧୦୧୮ ଏବଂ ଦେବଗଡ ଜିଲାରେ ୮୫୧ ଟେଷ୍ଟ କରାଯାଇଛି। ସେହିପରି ଗଞ୍ଜାମ ଜିଲାରେ ସର୍ବାଧିକ ୫ ହଜାର ୫୭ ଆର୍‌ଟି-ପିସିଆର ଓ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିବା ବେଳେ କେନ୍ଦୁଝର ୨୭୬୯, ମୟୂରଭଞ୍ଜ ୩୬୬୯, ରାୟଗଡା ୧୬୧୫, କେନ୍ଦ୍ରାପଡା ୪୬୦୩, ଖୋର୍ଦ୍ଧା ୧୩୧୦ ଏବଂ ମାଲକାନଗିରିରେ ସର୍ବାଧିକ ୧୦୩୫ ଟେଷ୍ଟ କରାଯାଇଥିବା ସୂଚନା ଦିଆଯାଇଛି।

# ଜାରକା ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ




ଜବତ ସାମଗ୍ରୀ ସହ ଖବରଦାତା ସମ୍ମିଳନୀରେ ଏସ୍‌ପି ବି.ଗଙ୍ଗାଧର ଓ ଅନ୍ୟ ଅଧିକାରୀମାନେ।

## ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ

ଭବାନୀପାଟଣା, ୧୮।୯ (ଡି.ଏନ.ଏ.)

କଳାହାଣ୍ଡି-କନ୍ଧମାଳ ସୀମାନ୍ତରେ ଗତ ଦୁଇମାସରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। କଳାହାଣ୍ଡି ଜିଲାର ଜାରକା ସଂରକ୍ଷିତ ଓ ବୁରହାନୀ ଜଙ୍ଗଲରେ ଗତ ୧୫ ଓ ୧୬ ତାରିଖରେ ମାଓବାଦୀ ଓ ପୋଲିସ ମଧ୍ୟରେ ଦୁଇଥର ଗୁଳି ବିନିମୟ ହୋଇଥିବା କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧର ଶୁକ୍ରବାର ରିଜର୍ଭ ପୋଲିସ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଗୁଳି ବିନିମୟ ପରେ ଜାରି ସର୍ଚ୍ଚ ଅପରେଶନ ସମୟରେ ଗୋଟିଏ ଇନସାସ ରାଇଫଲ ସହ ୯ଟି ଗୁଳି, ୪ଟି କିଟ୍ ବ୍ୟାଗ, ଔଷଧ, ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ୫ ମାଓବାଦୀଙ୍କ ମୃତ୍ୟୁ ପରେ ମାଓବାଦୀ ସଂଗଠନର ମନୋବଳ ଭାଙ୍ଗିଛି ଏବଂ ଗୋଟିକ ପରେ ଗୋଟିଏ ଅପରେଶନରେ ସେମାନେ ଛତ୍ରଭଙ୍ଗ ଦେବା ଏହାର ପ୍ରମାଣ ବୋଲି ଏସ୍‌ପି ଗଙ୍ଗାଧର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ୬ ବାଟାଲିୟନ ସିଆର୍‌ପିଏଫ କମାଣ୍ଡାଣ୍ଟ ବିପ୍ଳବ ସରକାର, କୋବ୍ରା ୨୦୨ ବାଟାଲିୟନ ଡିସି ପଙ୍କଜ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୯ ତାରିଖରେ କଳାହାଣ୍ଡି-କନ୍ଧମାଳ ସୀମାରେ ପୋଲିସ ଓ ମାଓବାଦୀଙ୍କ ଗୁଳି ବିନିମୟ ବେଳେ ୫ ଜଣ ମାଓବାଦୀ ନିହତ ହୋଇଥିବା ବେଳେ ୨ ଜଣ ଯବାନ ଶହୀଦ ହୋଇଥିଲେ। ସେହି ଦିନଠାରୁ ଉକ୍ତ ଅଞ୍ଚଳରେ ପୋଲିସ ଅପରେଶନ ଯୋରଦାର ଚାଲିଛି।

# ପ୍ଲେ ଷ୍ଟୋରରୁ ହଟିବାର ଘଣ୍ଟାଏ ପରେ ଫେରିଲା ପେଟିଏମ୍ ଆପ୍

ନୂଆଦିଲ୍ଲୀ,୧୮।୯

ପେମେଣ୍ଟ ଏବଂ ଫାଇନାନ୍ସ ସେବା ଯୋଗାଉଥିବା ଆପ୍ଲିକେଶନ ପେଟିଏମ୍‌କୁ ଗୁଗଲ ଏହାର ପ୍ଲେ ଷ୍ଟୋରରୁ ଶୁକ୍ରବାର ହଟାଇଦେଇଥିଲା। ଏହାର ଘଣ୍ଟାଏ ପରେ ଉକ୍ତ ଆପ୍ ପୁଣିଥରେ ପ୍ଲେ ଷ୍ଟୋରରେ ଉପଲବ୍ଧ ହେଉଥିବା ପେଟିଏମ୍ ସୂଚନା ଦେଇଛନ୍ତି। ଅପରପକ୍ଷରେ ପେଟିଏମ୍‌ର ଅନ୍ୟ ଆପ୍ଲିକେଶନ ଯଥା ପେଟିଏମ୍ ମଲ୍, ପେଟିଏମ୍ ମନି ଉପରେ କୌଣସି କଟକଣା ଲାଗି ନାହିଁ। ଏଗୁଡିକ ପୂର୍ବଭଳି କାର୍ଯ୍ୟ କରୁଥିବା ଜଣାପଡିଛି। ନୀତି ଉଲ୍ଲଂଘନ ଅଭିଯୋଗ ଆସିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ବୋଲି ଗୁଗଲ ପକ୍ଷରୁ ସୂଚନା ଦିଆଯାଇଛି। ଆଇପିଏଲ୍ ଆରମ୍ଭ ହେବାର ଗୋଟିଏ ଦିନ ଆଗରୁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ନଜରକୁ ଆସିଛି। ଗୁଗଲର ପ୍ରଡକ୍ଟ, ଆଣ୍ଡଏଡ ସିକ୍ୟୁରିଟି ଏବଂ ପ୍ରିଭେସି ଉପସଭାପତି ସୁଜେନ ଫ୍ରେ ଏକ ବ୍ଲଗ୍ ପୋଷ୍ଟରେ କହିଛନ୍ତି ଯେ, କ୍ରୀଡ଼ା କ୍ଷେତ୍ରରେ ଅନ୍‌ଲାଇନ ଜୁଆ ଏବଂ ଅନିୟନ୍ତ୍ରିତ ଜୁଆ ଆପ୍‌ଗୁଡିକୁ ଅନୁମତି ପ୍ରଦାନ କରାଯାଉନାହିଁ। କୌଣସି ଟୁର୍ନାମେଣ୍ଟ ଲାଗି ବାଜି ଲଗାଇ ପ୍ରକୃତ କ୍ୟାଶ ପ୍ରାଇଜ ଜିତିବା, ଆପ୍ ସହାୟତାରେ ଅନ୍ୟ ବାହ୍ୟ ୱେବ୍‌ସାଇଟକୁ ସଂଯୋଗ କରିବା ଭଳି ପ୍ରସଙ୍ଗର ଗୁଗଲ ନିୟମକୁ ଉଲ୍ଲଂଘନ କରିଥିବା ଦେଖାଯାଇଛି। ୟୁଜରଙ୍କ ସୁରକ୍ଷାକୁ ନଜରରେ ରଖି ଗୁଗଲ ବିଭିନ୍ନ ନିୟମ ଲାଗୁ କରିଛି। ଯଦି କୌଣସି ଆପ୍ ଏହାର ବିରୋଧ କରୁଥାନ୍ତି ତାଙ୍କୁ ଏ ନେଇ ତାଗିଦ କରାଯିବା ସହ ପ୍ଲେ ଷ୍ଟୋରରୁ ହଟାଯାଇଥାଏ। ଯଦି ଡେଭଲପର ଅନୁପାଳନକୁ ବାରମ୍ବାର ନ ମାନନ୍ତି ତେବେ ତାଙ୍କ ଗୁଗଲ ପ୍ଲେ ଡେଭଲପର ଆକାଉଣ୍ଟ ବାଦ୍ ଦିଆଯାଇଥାଏ। ଏହି ନୀତି ସବୁ ଡେଭଲପରଙ୍କ ଲାଗି ସମାନ ଭାବେ ଲାଗୁ ହୋଇଥାଏ ବୋଲି ଫ୍ରେ କହିଛନ୍ତି। ଏହି ପ୍ରସଙ୍ଗ ଉପରେ ପେଟିଏମ୍ ପକ୍ଷରୁ ଟୁଇଟ ଯୋଗେ ଗ୍ରାହକଙ୍କୁ ଅବଗତ କରାଯାଇଥିଲା। କମ୍ପାନୀ କହିଥିଲା ଯେ, ଗୁଗଲ ପ୍ଲେ ଷ୍ଟୋରରୁ ପେଟିଏମ୍ ଅସ୍ଥାୟୀ ଭାବେ ହଟିଛି। ନୂଆ ଡାଉନଲୋଡ ଏବଂ ଅପ୍‌ଡେଟ କରିବାକୁ ଉପଲବ୍ଧ ହେବ ନାହିଁ। ଏହା ଶୀଘ୍ର ପ୍ଲେ ଷ୍ଟୋରକୁ ଫେରିବ।

# ୪ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

କାମାକ୍ଷାନଗର, ୧୮।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ଗ୍ରାମରେ ଘଟିଥିବା ବହୁଚର୍ଚ୍ଚିତ ଗଣବଳାତ୍କାର ଏବଂ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟନାରାୟଣ ପାତ୍ର ଘଟଣାର ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଜୁନ୍ ୧୨ ବିଳମ୍ବିତ ରାତିରେ ବାଲିକୁମାର ଗ୍ରାମର ଜନୈକା ବିବାହିତା ମହିଳାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ମହିଳା ଜଣକ ରୋଷେଇ ଘରେ ଶୋଇଥିବାବେଳେ ଗ୍ରାମର ହରି ପାତ୍ର, ରଘୁ ଲୋହାର ବଳାତ୍କାର କରିଥିଲେ। ଏହାପରେ ସୁଦର୍ଶନ ଲୋହାର, ଆନନ୍ଦ ପାତ୍ର ମହିଳାଙ୍କ ସମ୍ବେଦନଶୀଳ ଅଙ୍ଗରେ ରୁଟି ତାଓ୍ୱା ବେଣ୍ଟ, ଲୁହା ରଡ୍ ଭର୍ତ୍ତି କରି ନିର୍ମମ ଭାବେ ହତ୍ୟା କରିଥିଲେ। ଘଟଣା ସମୟରେ ଏକ ନିର୍ମାଣାଧୀନ ଇନ୍ଦିରା ଆବାସ ଘର ଛାତ ଉପରେ ଶୋଇଥିବା ମହିଳାଙ୍କ ୨୦ ବର୍ଷର ସାନପୁଅ ଏ ସମ୍ପର୍କରେ ସମ୍ପର୍କୀୟଙ୍କ ଘରକୁ ଯାଇ ସମସ୍ତ ଘଟଣା କହିଥିଲେ। ହେଲେ ଭୟରେ ଘଟଣାସ୍ଥଳକୁ କେହି ଆସି ନ ଥିଲେ। ଘଟଣାର ପରଦିନ ଅର୍ଥାତ୍ ୧୩ ତାରିଖରେ କଟକରେ ରହି ରାଜମିସ୍ତ୍ରି କାମ କରୁଥିବା ମହିଳାଙ୍କ ବଡ଼ପୁଅ ଗ୍ରାମକୁ ଆସି ଘଟଣା ସମ୍ପର୍କରେ କଙ୍କଡ଼ାହାଡ଼ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୩୨/୧୭, ଦଫା ୪୫୦, ୩୭୬ (ଡି), ୩୦୨, ୧୨୦(ବି)ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ମାମଲାର କୋର୍ଟ କେସ ନଂ. ସିଟିଏସ୍‌ଏସ୍ ୧୨୭/୧୭ର ବିଚାର କରିବା ସହ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ କୋର୍ଟ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ବର୍ଷେ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଗଣେଶ କୁମାର ବେହେରା ମାମଲା ପରିଚାଳନା କରିଥିବାବେଳେ ଅତିରିକ୍ତ ସରକାରୀ ଓକିଲ ଦେବରାଜ ବେହେରା, ସୂର୍ଯ୍ୟନାରାୟଣ ସାହୁ ଏଥିରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବାଲିକୁମା ଗଣବଳାତ୍କାର ଘଟଣା ସେହି ସମୟରେ ରାଜ୍ୟରେ ଚହଳ ପକାଇଥିଲା। ଏହାକୁ ନେଇ ଶାସକ ଦଳକୁ ବିରୋଧୀ ଘେରିବା ସହ ରାଜନୀତି ସରଗରମ ହୋଇଥିଲା।



ଦୋଷୀ ସାବ୍ୟସ୍ତ ପରେ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ନିଆଯାଉଛି।

## ବହୁଚର୍ଚ୍ଚିତ ବାଲିକୁମା ଗଣବଳାତ୍କାର, ହତ୍ୟା ମାମଲା

# ଯୁବକଙ୍କୁ ଗୁଳିମାଡ଼, ଭୁଜାଲି ଚୋଟ

ଖୋର୍ଦ୍ଧା ଅଫିସ,୧୮।୯

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଛକରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ଓ ଭୁଜାଲିରେ ଆକ୍ରମଣ ହୋଇଛି। ସେ ହେଲେ ଛଣଗିରି ଗ୍ରାମର ସେକ୍ ରଫିକ୍(୨୬)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଜଙ୍କିଆ ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ସୂଚନା ମୁତାବକ, ଛଣଗିରିର ସେକ୍ ସୁଲତାନ୍ ନୟାଗଡ ଜିଲା ଚାନ୍ଦପୁର ଅଞ୍ଚଳରେ ଘଟିଥିବା ଏକ ମାମଲାରେ ଜେଲ ଯାଇ ଗତ କିଛି ମାସ ପୂର୍ବେ ଜାମିନରେ ଆସିଥିଲେ। ଗୁରୁବାର ରାତିରେ କୌଣସି କାରଣକୁ ନେଇ ସୁଲତାନ ଓ ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଶୁକ୍ରବାର ଛଣଗିରି ଛକରେ ସେକ୍ ରଫିକ ଯାଉଥିବା ବେଳେ ହଠାତ୍ ସୁଲତାନ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଗୋଟିଏ ଗୁଳି ତାଙ୍କ ବାମ ଆଣ୍ଠୁ ତଳେ ବାଜିଥିବା ବେଳେ ଅନ୍ୟଟି ହାତରେ ବାଜିଥିଲା। ସୁଲତାନ୍ ଭୁଜାଲିରେ ରଫିକଙ୍କ ପେଟ, ଛାତି ଓ ହାତକୁ ଚୋଟ ମାରି ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ପଦ୍ମ ଧରିଲେ ରାଜକିଶୋର

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନ ପୂର୍ବରୁ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି। ଗତ ସାଧାରଣ ନିର୍ବାଚନରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିବା ବରିଷ୍ଠ ନେତା ରାଜକିଶୋର ବେହେରା ଦଳରୁ ଇସ୍ତଫା ଦେବା ପରେ ଶୁକ୍ରବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଓଡ଼ିଶା ସମେତ ସମଗ୍ର ଦେଶରେ କଂଗ୍ରେସ ଜନସାଧାରଣଙ୍କ ଆସ୍ଥା ହରାଉଛି। ଗୋଷ୍ଠୀ କନ୍ଦଳରେ ଛନ୍ଦି ହୋଇପଡ଼ିଥିବା କଂଗ୍ରେସ ଏବଂ ଏହାର ନେତୃବୃନ୍ଦ ରାଜ୍ୟର ବିକାଶ ତଥା ଜନହିତ ପ୍ରସଙ୍ଗକୁ ଭୁଲିଯାଇ କେବଳ ସ୍ୱାର୍ଥବାଦୀ ହୋଇ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନକଲ୍ୟାଣ ଓ ରାଷ୍ଟ୍ରହିତକୁ ଗୁରୁତ୍ୱ ଦେଇ ଭାରତକୁ ବିଶ୍ୱରେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିବାରେ ସଫଳ ହୋଇଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ମିଶିଥିବା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜକିଶୋରଙ୍କ ସମେତ ଜଗତ୍‌ସିଂହପୁରର ପୂର୍ବତନ ବିଧାୟକ କୈଳାସ ମଲ୍ଲିକ, ତିର୍ତ୍ତୋଲ ବ୍ଲକର ପୂର୍ବତନ ଅଧକ୍ଷ ପ୍ରଦୀପ୍ତ ନାୟକ ପ୍ରମୁଖ ଅନୁଷ୍ଠାନିକ ଭାବେ ଦଳରେ ଯୋଗ ଦେଇଛନ୍ତି। ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ତରାଇ ପ୍ରମୁଖ ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଆସନ୍ତା ଉପନିର୍ବାଚନରେ ରାଜକିଶୋରଙ୍କୁ ଭାଜପା ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।



# ମୃତଦେହ ଦାହ କରାଇ ଦେଲେନି ଗାଁ ଲୋକେ

## କଙ୍ଗାରୁ କୋର୍ଟର ଭୟାବହତା

- ୨୦ ଘଣ୍ଟା ପଡ଼ି ରହିଲା ମୃତଦେହ
- ପୋଲିସର ହସ୍ତକ୍ଷେପ ପରେ ହଟିଲା ଉତ୍ତେଜନା, ୨୨ ଅଟକ

ନୟାଗଡ଼ ଅଫିସ,୧୮।୯

କଙ୍ଗାରୁ କୋର୍ଟର ଭୟାବହତା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ ପାଣିଭଣ୍ଡାର ଗାଁରେ। ଗ୍ରାମବାସୀ ମୃତଦେହ ଦାହ କରିବାର ସୁଯୋଗ ନ ଦେବାରୁ ପ୍ରାୟ ୨୦ ଘଣ୍ଟା ମୃତଦେହ ପଡି ରହିଥିଲା। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଏହାର ସମାଧାନ କରିବା ପରେ ମୃତଦେହ ଦାହ କରାଯାଇଛି। ଏନେଇ ଶୁକ୍ରବାର ଥାନାରେ ଅଭିଯୋଗ ହେବାପରେ (ନଂ.୯୭/୨୦)ରେ ଏକ ମାମଲା ରୁଜୁ କରି ଗାଁ ସଭାପତି, ସମ୍ପାଦକଙ୍କ ସମେତ ୨୦ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

ପାଣିଭଣ୍ଡାର ଗାଁର ବିପିନ ଡାକୁଆଙ୍କ ଅଭିଯୋଗ ଅନୁସାରେ, ସେ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ସ୍ତ୍ରୀ ଗାଁ ସଭାରେ ଫେରାଦ ହୋଇଥିଲେ। ତେଣୁ ସ୍ତ୍ରୀଙ୍କୁ ଭରଣପୋଷଣ ପାଇଁ ଦେଢ଼ ଲକ୍ଷ ଟଙ୍କା ଦେବାକୁ ଗାଁ ସଭାରେ କୁହାଯାଇଥିଲା। ମାତ୍ର ସେ ଅରାଜି ହେବାରୁ ତାଙ୍କୁ ଗାଁରୁ ତଡି ଦିଆଯାଇଥିଲା। ଏହାପରେ ସେ ଓ ତାଙ୍କ ବାପା ପ୍ରଫୁଲ୍ଲ(୬୦) ଗୁଞ୍ଜୁବାରଣ ଗାଁରେ ଭଡାରେ ରହିଥିଲେ। ଗୁରୁବାର ମଧ୍ୟାହ୍ନରେ ତାଙ୍କ ବାପା ପ୍ରଫୁଲ୍ଲଙ୍କ ମୃତ୍ୟୁ ହୋଇଥିଲା। ବାପାଙ୍କ ମୃତଦେହ ସତ୍କାର ପାଇଁ ବିପିନ ଗାଁକୁ ଯାଇଥିଲେ। ହେଲେ ଗାଁ ଲୋକେ ମୃତଦେହକୁ ଶ୍ମଶାନରେ ପୋଡିବାକୁ ସୁଯୋଗ ଦେଲେନାହିଁ, ବରଂ ବିପିନଙ୍କୁ ମାରପିଟ୍ କରିଥିଲେ। ଏଭଳିସ୍ଥଳେ ନିଜକୁ ବଞ୍ଚାଇବାକୁ ଯାଇ ବିପିନ ଭୟରେ ବାପାଙ୍କ ମୃତଦେହକୁ ଗାଁରେ ଛାଡି ପଳାଇ ଆସିଥିଲେ। ଗାଁ ଦାଣ୍ଡରେ ଗୁରୁବାର ଅପରାହ୍ନରୁ ମୃତଦେହ ପଡି ରହିଥିଲା। ପରେ ବିପିନ ଥାନାରେ ଜଣାଇବାରୁ ଶରଣକୁଳ ଥାନା ପୋଲିସ ଯାଇ ଗାଁ ଲୋକଙ୍କୁ ବୁଝାଶୁଝା କରିଥିଲା। ହେଲେ କିଛି ସୁଫଳ ମିଳି ନ ଥିଲା। ବରଂ ସ୍ଥାନୀୟ ଲୋକ ନିଜ ଜିଦ୍‌ରେ ଅଟଳ ରହି ମୃତଦେହକୁ ଦାହ କରାଇ ଦେବେ ନାହିଁ ବୋଲି କହିଥିଲେ। ଏହା ପରେ ବିପିନ ଗୁଞ୍ଜବାରଣ ଗାଁରେ ବାପାଙ୍କ ମୃତଦେହ ଦାହ କରିଥିଲେ।

ଏନେଇ ଶରଣକୁଳ ଆଇଆଇସି ବିମଳ ମଲ୍ଲିକ କୁହନ୍ତି, କଙ୍ଗାରୁ କୋର୍ଟକୁ ନେଇ ସୃଷ୍ଟ ବିବାଦୀୟ ଘଟଣା ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲା। ଉତ୍ତେଜନାକୁ କମାଇବା ପାଇଁ ପ୍ରଥମେ ମୃତଦେହ ସତ୍କାର କରାଯିବା ବ୍ୟବସ୍ଥା କରାଯାଇଥିଲା। ଏହାପରେ ଥାନାରେ ମାମଲା ରୁଜୁ କରାଯାଇ ପ୍ରାୟ ୨୨ ଲେକାଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ପାଣିଭଣ୍ଡାର ଗାଁର ଜଣେ ବ୍ୟକ୍ତି କୁହନ୍ତି, ଗାଁଲୋକ କିଛି ଭୁଲ କରି ନାହାନ୍ତି। ବିପିନ ନିଜ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏପରି କି ତାଙ୍କୁ ଘରୁ ତଡି ଦେଇଥିଲେ। ଜଣେ ମହିଳା ଓ ତାଙ୍କ ପିଲାମାନେ ବଞ୍ଚିବା ପାଇଁ କିଛି ଅର୍ଥ ଭରଣପୋଷଣ ଦେବାକୁ କୁହା ଯାଇଥିଲା। ହେଲେ ବିପିନ ଗାଁର ନିଷ୍ପତ୍ତିକୁ ଅଣଦେଖା କରିଥିଲେ। ରାଗ ଶୁଝେଇବା ପାଇଁ ଗାଁ ଶ୍ମଶାନରେ ବାପାଙ୍କ ମୃତଦେହ ସଂସ୍କାର କରିବାକୁ ଆଣି ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛନ୍ତି। ଏପରି କି ଗାଁଲୋକଙ୍କୁ ଅଯଥାରେ ବଦନାମ କରି ପୋଲିସ କେସ ଦେଲେ। ଏହା ଠିକ୍ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।



ଗ୍ରାମବାସୀଙ୍କ ସହ ପୋଲିସ ଅଧିକାରୀମାନେ ଆଲୋଚନା କରୁଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବିଚିତ୍ରା
ପରିବାରବର୍ଗ


ଲାଡ୍‌ଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

## ଯାତ୍ରୀଭଡ଼ା ନିର୍ଦ୍ଧାରଣ ...

କରାଯିବାକୁ ଯୋଜନା ରଖାଯାଇଛି। ରେଳ କ୍ଷେତ୍ରରେ ବର୍ତ୍ତମାନ ଆଂଶିକ ଭାବେ ଘରୋଇ କ୍ଷେତ୍ରକୁ ସରକାର ସୁଯୋଗ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଲାଗି ଆଲଷ୍ଟମ ଏସ୍‌ଏ, ବୋମ୍ବାର୍ଡିଅର ଇଙ୍କ, ଜିଏମ୍‌ଆର୍ ଇନଫ୍ରାଷ୍ଟ୍ରକଚର ଲିମିଟେଡ ଏବଂ ଆଦାନୀ ଏଣ୍ଟରପ୍ରାଇଜେସ ଭଳି କମ୍ପାନୀ ଆଗ୍ରହ ଦେଖାଇଛନ୍ତି। ନୂଆ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରେଳବାଇରେ ପ୍ରାୟ ୫୦ ହଜାର କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ନିବେଶକୁ ଆକୃଷ୍ଟ କରାଯାଇପାରିବ। ୨୦୨୩ ସୁଦ୍ଧା ଦେଶରେ ହାଇସ୍ପିଡ୍ ଟ୍ରେନ ଚଳାଇବା ଲାଗି ଜାପାନରୁ ଋଣ କରାଯାଇଛି। ଟ୍ରେନଗୁଡ଼ିକର ଗତି ବଢ଼ାଇବା ଲାଗି ମଧ୍ୟ ଯୋଜନା ରଖାଯାଇଛି। ଅପରପକ୍ଷରେ ବ୍ୟସ୍ତବହୁଳ ଷ୍ଟେଶନଗୁଡ଼ିକରୁ ୟୁଜର୍ସ ଫି ଆଦାୟ କରାଯିବ । ଏଥିଯୋଗୁ ଭଡ଼ା ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୧୦୯ ରୁଟ୍‌ରେ ୧୫୧ ଘରୋଇ ଟ୍ରେନ ଚଳାଚଳ କରାଇବା ଲାଗି ସରକାର ଟେଣ୍ଡର ଆହ୍ୱାନ କରିଛନ୍ତି।

## ଆଜିଠାରୁ ଆଇପିଏଲ୍

ଚେନ୍ନାଇକୁ ଚିନ୍ତାରେ ରଖିଛି। ଚେନ୍ନାଇ ସଫଳତାରେ ରାଇନାଙ୍କର ବହୁତ ଅବଦାନ ରହିଛି। ରାଇନାଙ୍କ ସ୍ଥାନରେ ଚେନ୍ନାଇ ମ୍ୟାନେଜମେଣ୍ଟ ଯୁବ ଖେଳାଳି ଋତୁରାଜ ଗାଏକ୍ୱାଡଙ୍କୁ ଖେଳାଇବାକୁ ଯୋଜନା କରୁଥିଲା। ମାତ୍ର ସେ ୫ ଥର କୋଭିଡ୍ ପଜିଟିଭ ଜଣାପଡିବା ପରେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ତେବେ ଦଳରେ ଶେନ ୱାଟଶନ, ଅମ୍ବାତି ରାୟୁଡୁ, କେଦାର ଯାଦବ, ରବୀନ୍ଦ୍ର ଜାଡେଜା, ଡ୍ୱେନ ବ୍ରାଭୋଙ୍କଭଳି ମ୍ୟାଚ୍ ୱିନର ରହିଛନ୍ତି। ବୋଲିଂ ବିଭାଗରେ ସାମ କୁରାନ, ଜୋଶ ହାଜେଲଉଡ, ମିଚେଲ ସାଣ୍ଟନର ଓ ଲୁନ୍‌ଗି ଏନ୍‌ଗିଡି ବିଦେଶୀ କୋଟା ପୂରଣ କରିବେ। ରେକର୍ଡ ଅନୁସାରେ ମଧ୍ୟ ଚେନ୍ନାଇଠାରୁ ମୁମ୍ବାଇ ୨ ପାଦ ଆଗରେ ରହିଛି। ଉଭୟ ଦଳ ଏହା ପୂର୍ବରୁ ପରସ୍ପରକୁ ମୋଟ ୩୦ ଥର ଭେଟିଛନ୍ତି। ସେଥିରୁ ମୁମ୍ବାଇ ୧୮ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ଚେନ୍ନାଇ ୧୨ ମ୍ୟାଚ ଜିତିଛି। ୨୦୧୯ ଆଇପିଏଲ୍ ଫାଇନାଲରେ ଦୁଇ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ମ୍ୟାଚରେ ଚେନ୍ନାଇକୁ ମାତ୍ର ୧ ରନରେ ହରାଇ ମୁମ୍ବାଇ ଟାଇଟଲ ହାସଲ କରିଥିଲା। ଚେନ୍ନାଇ ପକ୍ଷରୁ ପ୍ରତିନିଧିତ୍ୱ କରି ଆସିଥିବା ରାଇନା ସର୍ବାଧିକ ୭୨୨ ରନ କରିଥିବାବେଳେ ମୁମ୍ବାଇର ଲସିଥ ମାଲିଙ୍ଗା ୩୬ଟି ଉଇକେଟ ନେଇଛନ୍ତି। ବୃହତ ବିଜୟ ପ୍ରସଙ୍ଗ ଉଠିଲେ ଏଥିରେ ମଧ୍ୟ ଚେନ୍ନାଇକୁ ପଛରେ ପକାଇଛି ମୁମ୍ବାଇ। ରନ ଦୃଷ୍ଟିରୁ ଦଳ ୨୦୧୩ ମେ ୫ରେ ମୁମ୍ବାଇରେ ସର୍ବାଧିକ ୬୦ ରନରେ ବିଜୟୀ ହୋଇଥିବାବେଳେ ଉଇକେଟ ଦୃଷ୍ଟିରୁ ୨୦୦୮ ମେ୧୪ରେ ଚେନ୍ନାଇକୁ ୯ ଉଇକେଟରେ ପରାସ୍ତ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଚେନ୍ନାଇ ବିପକ୍ଷରେ ମୁମ୍ବାଇ ୨୦୧୮ ଏପ୍ରିଲ ୨୮ରୁ ଏପର୍ଯ୍ୟନ୍ତ ୫ଟି ମ୍ୟାଚରେ ଅପରାଜେୟ ରହିଛି। ଏବେ ମୁମ୍ବାଇ ବିଜୟରେ ବ୍ରେକ୍ ଲଗାଇବା ଲକ୍ଷ୍ୟରେ ରହିଛି ସୁପରକିଙ୍ଗ୍ସ।

## ଅକ୍ଟୋବର ୧୨ରୁ ...

ହେବାର ଥିଲା। କିନ୍ତୁ କୋଭିଡ୍-୧୯ ମହାମାରୀ ପାଇଁ ଯେଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହାକୁ ଦୃଷ୍ଟିରେ ରଖି ପିଲାଙ୍କ ସୁରକ୍ଷା ପାଇଁ ଓଜେଇଇ ପରୀକ୍ଷାକୁ ସ୍ଥଗିତ କରିଥିଲା। ତେବେ ଏହି ପରୀକ୍ଷାକୁ ଆସନ୍ତା ଅକ୍ଟୋବର ୧୨ରୁ ଆରମ୍ଭ କରାଯିବ ବୋଲି ଶୁକ୍ରବାର ସୂଚନା ଦିଆଯାଇଛି। ସେହିପରି ପରୀକ୍ଷା ଦେବାରେ ଛାତ୍ରୀଛାତ୍ରମାନେ ଯେପରି ଅସୁବିଧା ସମ୍ମୁଖୀନ ନ କରନ୍ତି, ସେଥିପାଇଁ ଚଳିତବର୍ଷ ରାଜ୍ୟରେ ଆଉ ୬ଟି ସହର ଓ ରାଜ୍ୟ ବାହାରେ ୩ଟି ସହରରେ ପରୀକ୍ଷା କେନ୍ଦ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ଦେବୀ ମିଶ୍ରଙ୍କ ଘରେ...

ଘଟେଶ୍ୱର ଘାଟକୁ ଲିଜ୍ ଦିଆଯାଇଥିଲା। ସେହିଭଳି ଖୋର୍ଦ୍ଧା ଅତ୍ରି ପର୍ଯ୍ୟଟନସ୍ଥଳୀରେ ଥିବା ସରକାରୀ ଗେଷ୍ଟ ହାଉସ୍‌ର ପରିଚାଳନା ଦାୟିତ୍ୱ ମଧ୍ୟ ସି-ଶୋର୍ ନେଇଥିଲା। ଏଥିରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ସେତେବେଳେ ଅଭିଯୋଗ ହୋଇଥିଲା। ତେବେ ୫ଶହ କୋଟିର ସି-ଶୋର୍ ଚିଟ୍‌ଫଣ୍ଡ ଠକେଇ ଘଟଣା ପଦାକୁ ଆସିବା ପରେ ୨୦୧୩ରୁ ସିବିଆଇ ଏହାର ତଦନ୍ତ କରୁଛି। ଇତିମଧ୍ୟରେ ସିବିଆଇ ବହୁ ନେତା, ମନ୍ତ୍ରୀ, ଅଫିସର, ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ଅଫିସରଙ୍କ ଘରେ ଚଢ଼ାଉ କରିଥିବାବେଳେ କେତେଜଣ ମଧ୍ୟ ଗିରଫ ହୋଇ ଜେଲ୍ ଯାଇଛନ୍ତି। ଏହି ମାମଲାରେ ବିଧାୟକ ମିଶ୍ରଙ୍କ ସମ୍ପୃକ୍ତି ଥିବା ନେଇ ସିବିଆଇର ଏହି ଚଢ଼ାଉରୁ ଜଣାପଡୁଛି। ଡିଏସ୍‌ପି ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ସିବିଆଇର ୬ଜଣିଆ ଟିମ୍ ଶୁକ୍ରବାର ସକାଳ ୮ଟାରେ ହଠାତ୍ ବିଧାୟକଙ୍କ ବାସଭବନରେ ଚଢ଼ାଉ କରିଥିଲା। କିନ୍ତୁ ବିଧାୟକ ଏବେ କରୋନାରେ ଆକ୍ରାନ୍ତ ହୋଇ ଆଇସୋଲେଶନରେ ଥିବାରୁ ସିବିଆଇ ଅଧିକାରୀମାନେ ସମସ୍ତ ଗାଇଡ୍‌ଲାଇନ୍ ଅନୁସରଣ କରି ତାଙ୍କୁ ପଚରାଉଚରା ସହ କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ସେମାନେ ୩ ଘଣ୍ଟା ପରେ ବାହାରକୁ ଆସିବାବେଳେ ଗଣମାଧ୍ୟମକୁ କିଛି ବି କହି ନ ଥିଲେ। ଏ ସମ୍ପର୍କରେ ବିଧାୟକ ମିଶ୍ର କହିଛନ୍ତି, ସି-ଶୋର ମହାନଦୀ ପର୍ଯ୍ୟଟନ ପ୍ରକଳ୍ପ ସମ୍ପର୍କରେ ସିବିଆଇ ଅଧିକାରୀମାନେ ମୋତେ ପଚାରିଥିଲେ। ୭ବର୍ଷ ହେବ ସିବିଆଇ ଏହି ମାମଲାର ତଦନ୍ତ କରୁଛି। ମୋତେ ବି ପୂର୍ବରୁ ସିବିଆଇ ପଚରାଉଚରା କରିଛି। ଯେହେତୁ ମୁଁ ସେତେବେଳେ ପର୍ଯ୍ୟଟନ ମନ୍ତ୍ରୀ ଥିଲି, ସେ ସମ୍ପର୍କରେ ମୋଠାରୁ କିଛି ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ ଭାବେ ମୋର ତ ତାହା ନିଜସ୍ୱ ନିଷ୍ପତ୍ତି ନ ଥିଲା, ସବୁ ସରକାରୀ ନିଷ୍ପତ୍ତି ଥିଲା। ଅଧିକାରୀମାନେ ମୋତେ ଡକ୍ୟୁମେଣ୍ଟ ମାଗିଲେ। କିନ୍ତୁ ସେସବୁ ପର୍ଯ୍ୟଟନ ବିଭାଗରେ ରହିଥିବା ଜଣାଇଛି। ସିବିଆଇକୁ ଆମେ ସବୁବେଳେ ତଦନ୍ତରେ ସହଯୋଗ କରିଆସିଛୁ। ସିବିଆଇ ରେଡ୍ କରିନି। କାଗଜପତ୍ର କଥା ପଚାରିଥିଲେ ବୋଲି ମିଶ୍ର କହିଛନ୍ତି।

ସେହିପରି ଡିଏସ୍‌ପି ଜାବେଜ ଅକ୍ତର ଅଲ୍ଲୀଙ୍କ ନେତୃତ୍ୱରେ ସିବିଆଇର ଆଉଏକ ଟିମ୍ ସକାଳ ୧୦ଟାରେ ବିଧାୟକଙ୍କ ନରସିଂହପୁର ଡମକଟାସ୍ଥିତ ପୈତୃକ ଘରେ ଚଢ଼ାଉ କରିଥିବା ନେଇ ଆମ ନରସିଂହପୁର ଖବରଦାତା ନିରଞ୍ଜନ ଦେବକୁମାର ଜଣାଇଛନ୍ତି। ଘରେ ଥିବା ତାଙ୍କ ସାନ ଭାଇ ଦୁର୍ଗାପ୍ରସାଦ ମିଶ୍ରଙ୍କୁ ସିବିଆଇ ଅଧିକାରୀମାନେ ଦୁଇଘଣ୍ଟା ଧରି ପଚରାଉଚରା କରିବା ପରେ କିଛି କାଗଜପତ୍ର ଧରି ବାହାରିଥିଲେ। ଦେବୀ ମିଶ୍ର ମନ୍ତ୍ରୀ ଥିବାବେଳେ ନରସିଂହପୁରର ଦେବଭୂମି, ଓଲବ, ସାଗର, ଏକଡାଳ ଆଦି ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡ଼ିକର ପରିଚାଳନା ଦାୟିତ୍ୱ ସି-ଶୋର୍‌କୁ ଦିଆଯାଇଥିଲା। ଏଥିସହ ନରସିଂହପୁର ସଦର ମହକୁମାରେ ଏକ ସି-ଶୋର୍ ବିକ୍ରୟକେନ୍ଦ୍ର ମଧ୍ୟ ଖୋଲାଯାଇଥିଲା। ତେବେ କେଉଁ ସମ୍ପର୍କରେ ସିବିଆଇ ଅଧିକାରୀମାନେ ତାଙ୍କ ଭାଇଙ୍କୁ ପଚାରିଥିଲେ ତାହା ଜଣାପଡି ନ ଥିଲେ ମଧ୍ୟ ଚିଟ୍‌ଫଣ୍ଡ ଠକେଇ ଓ ଆୟବହିର୍ଭୂତ ସମ୍ପତ୍ତି ନେଇ ଖୋଳତାଡ଼ କରାଯାଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ତତ୍‌କାଳୀନ ପର୍ଯ୍ୟଟନ ନିର୍ଦ୍ଦେଶକ ରବି ନନ୍ଦ, ସ୍ୱାଗତିକା ଇନ୍‌ଫ୍ରା ଲିମିଟେଡ୍‌ର ପ୍ରଶାନ୍ତ ପଟ୍ଟନାୟକ ଓ ଆଭେନ୍ୟୁ ଆସୋସିଏଟ୍ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ବିଷ୍ଣୁ ମିଶ୍ରଙ୍କ ଘରେ ମଧ୍ୟ ସିବିଆଇ ଚଢ଼ାଉ କରିଥିବା ଜଣାପଡିଛି।

## ନିର୍ବାଚନ ପୂର୍ବରୁ ସିବିଆଇ ତଦନ୍ତ ଧାରାରେ ପରିଣତ ହୋଇଛି: ବିଜେଡି

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସିବିଆଇ ତଦନ୍ତ ସମ୍ପର୍କରେ ବିଜୁ ଜନତା ଦଳର ମୁଖପାତ୍ର ଲେଲିନ ମହାନ୍ତି ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଗତ ୭ ବର୍ଷ ଧରି ଓଡ଼ିଶାରେ ସିବିଆଇ ମାମଲାର ତଦନ୍ତ କରି ଆସୁଛି। ସାଧାରଣ ନିର୍ବାଚନ, ଉପନିର୍ବାଚନ ଏବଂ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସିବିଆଇ ରେଡ୍ କରିବା, ଯାଞ୍ଚ କରିବା ଏବଂ ନୋଟିସ ଦେବା ଭଳି ଧାରା ଦେଖିବାକୁ ମିଳିଛି । ଠିକ୍ ନିର୍ବାଚନ ପୂର୍ବରୁ କାହିଁକି ଏଭଳି ଅଚାନକ ଚଢ଼ାଉ ହେଉଛି ତାହାକୁ ନେଇ ଓଡ଼ିଶାର ଜନସାଧାରଣ ଆଶ୍ଚର୍ଯ୍ୟ ହେଉଛନ୍ତି ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ଆକସ୍ମିକ ଭାବେ ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ । ନିର୍ମାଣାଧୀନ କାମର ଶେଷ ପର୍ଯ୍ୟାୟରେ ପ୍ରତିବନ୍ଧକ ଦୂର ହେବ । କାଳେ କିଛି ଦେବାକୁ ପଡ଼ିବ,ଏହି ଭାବନାରେ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**ବୃଷ** — ଆଜି କୌଣସି ନୂତନ କାର୍ଯ୍ୟାରମ୍ଭ କରିବା ସକାଶେ ମନସ୍ଥ କରିପାରନ୍ତି। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିପାରିବେ । ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

**ମିଥୁନ** — ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। କର୍ମକ୍ଷେତ୍ରରେ ବିଗତ ଦିନରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ । ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ ଆକାର ଧାରଣ କରିବାର ସମ୍ଭାବନା ରହିଛି ।

**କର୍କଟ** — ରାଶିରେ ଶୁକ୍ର ବକ୍ରୀ ଶନିଙ୍କ ଦୃଷ୍ଟିରେ ଥିବାରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ । ଆପଣଙ୍କ ମଧୁର ବିନୟ ବଚନ ପ୍ରଭାବରୁ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ । ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** — କର୍ମାଧିପ ନୀଚାରୋହୀ ହୋଇ ଦ୍ୱାଦଶସ୍ଥ ଯୋଗୁ କାମର ଚାପ ବୃଦ୍ଧି ପାଇବା କାରଣରୁ ସ୍ଥିରତା ରହିବ ନାହିଁ। ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ଗତକାଲି ପରି ଆଜି ମଧ୍ୟ ପରିସ୍ଥିତି ଅପରିବର୍ତ୍ତିତ ରହିବ । ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି।

**କନ୍ୟା** — ତିନୋଟି ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି ଆପଣଙ୍କୁ କୌଣସି ସମସ୍ୟା ବିଚଳିତ କରିପାରିବ ନାହିଁ। ତଥାପି ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। କଳା, ସାହିତ୍ୟ ଓ ସଭାସମିତିରେ ସମସ୍ୟା ସମାଧାନ ପାଇଁ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** — ସ୍ୱସ୍ଥାନପାଳକ ଶନି ହେତୁ ପରିବାରରେ ସୁଖ ଶାନ୍ତି ଫେରାଇଆଣିବା ଚେଷ୍ଟା କଦାପି ବିଫଳ ହେବନି । ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। କେତେକ କ୍ଷେତ୍ରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ।

**ବିଛା** — ଏକାଦଶସ୍ଥ ଗ୍ରହ ପ୍ରଭାବରେ କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଯାନବାହନରେ ଭ୍ରମଣବେଳେ ଦ୍ରବ୍ୟ ଚୋରି ହୋଇପାରେ। ବନ୍ଧୁଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ** — ଆଜିର ଗ୍ରହସ୍ଥିତିରୁ ବେଖାତିର ଭାବରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାସମିତିରେ, ତର୍କବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମ ସମ୍ପୂର୍ଣ୍ଣ ହୋଇପାରିବ। ଶୁଣା କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର** — କେନ୍ଦ୍ରସ୍ଥ ଗ୍ରହ ପ୍ରଭାବରୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ ଓ ସାମୟିକ ଅସୁବିଧାର ସମ୍ମୁଖୀନ ହେବେ । ବିବାଦୀୟ ଘଟଣାର ପରିସ୍ଥିତି ହଠାତ୍ ବଦଳି ଯାଇପାରେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** — କର୍ମକ୍ଷେତ୍ରରେ ଆପଣ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଚେଷ୍ଟା କରୁଥିବା କାମରେ, ମାଙ୍ଗଳିକ କାର୍ଯ୍ୟ,କଚେରି ମାମଲାରେ, ଜମିଜମା ବିବାଦରେ ଉପକୃତ ହେବେ। ପାରିବାରିକ ସମସ୍ୟା ଭିତରେ ଗତି କରିପାରନ୍ତି।

**ମୀନ** — ସଚେତନତା ଅଭାବରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ପାଖ ପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

ଆଜି ଆଶ୍ୱିନ ମଳକୃଷ୍ଣପକ୍ଷର ଦ୍ୱିତୀୟାଯୁକ୍ତ ତୃତୀୟା, ଶନିବାର,ସେପ୍ଟେମ୍ବର ୧୯ ତାରିଖ,ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଘ.୦୨।୪୨ ଗତେ ତୁଳାଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ,( ଆଜି ସ୍ପଷ୍ଟ ବକ୍ରୀ ରାହୁ ମିଥୁନରୁ ବୃଷ ରାଶିକୁ ଏବଂ କେତୁ ଧନୁରୁ ବିଛା ରାଶିକୁ ଗମନ କରିବେ) ଦିବା ଘ.୦୫।୩୮ ଗତେ ଘ.୦୬।୨୭ ମଧ୍ୟେ, ଘ.୭।୧୫ ଗତେ ଘ.୦୯।୪୦ ମଧ୍ୟେ, ଘ.୧୨।୦୪ ଗତେ ଘ.୦୩।୧୭ ମଧ୍ୟେ, ଘ.୦୪।୦୫ ଗତେ ଘ.୦୫।୪୧ ମଧ୍ୟେ,ରାତ୍ରି ଘ.୦୨।୨୭ ଗତେ ଘ.୦୩।୧୫ ମଧ୍ୟେ ଅମୃତବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

### real estate

### SALE

**Ready to move 2/3BHK flat for sale near Airport. It provided best amenities basic price @3000/- per sft. Puja Offer 100/- per sft. 9938569014, 9861433014.** D-18276

**2BHK flat near Tamando Square (close to market). 9937166932.** D-69343

**Individual bangalow for sale at Hanspal Square, Bhubaneswar close to NH walking distance. Contact: 9439853684, 9938424085.** D-18221

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

**Gharabari developed plot with boundary near Phulnakhara (Synergy College). 9439487505.** D-69344

**Ready to move housing project Simplex, Duplex, flat available at Smartcity, Bhubaneswar (Nationalised Bank loan facilities). 9437677099.** D-69165

**Booking open for 3BHK Luxurious & premium flat at Surya Nagar, Bhubaneswar, genuine buyer contact- DEEPAK- 9937329999.** D-69916

**Plot sale near AIIMS Hospital, Bhubaneswar with 30' road, 9439206202.** D-69161

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/-, 9938016295. D-69163

**Plot for immediate sale at Saheed Nagar 6000sft. (GA Plot), 2400sft at Sum Hospital (BDA Plot), 33000sft. Mancheswar (IDCO plot) & 4000sft plot at Palasuni (200 meters from NH) Bhubaneswar, buyers Contact- DEEPAK- 9937329999.** D-69914

4BHK Duplex 45,00,000/- finishing Hanspal, Plot Atala (Finance available)- 9337888942 D-69625

**Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra road for immediate sale. Contact: 9938095118, 8763935874 during Office hour.** D-69918

CV Raman College ପାଖରେ 30,000sqft., 12,000sqft. ଘରବାରି plot ବିକ୍ରିହେବ। Contact: 9778928492. D-68374

**1500sqft. single plot near NH-5 Hanspal 30ft road under BDA and BMC- 9040059669** D-69624

### GENERAL

### SALE

**1. Fully furnished flat No. B-506, 5th floor Gymkhana Palm Height near Sum Hospital, Bhubaneswar front south facing flat. 2. Verna Vehicle (vehicle No. OD02AX7761) Registered on 31.08.2018. 3. Bolero Pickup (vehicle No. OR02BZ9485) registered on 28.08.2012. 4. Micra Vehicle (vehicle No. OR02BV1467) registered on 21.01.2012. Contact No: 9873669329, 9437028801.** D-18256

### to-let

Single furnished room attached toilet for Working Executive and 2BHK for Family Omfed Chhak, Chandrasekharpur. 9337199407. D-68373

2 Room house with attached kitchen near Khandagiri, Bhubaneswar. Contact-9437051142. D-18286

### healthcare

Thailand Massage Refreshments Bhubaneswar, Cuttack, Puri. 9853999966, 9123319079, 9582980091, Homeser vices 9853999966@gmail.com. D-18258

Herbal full body massage smart Lady Therapist - 9437453813. D-69917

Rejuvenate and Ayurvedic full body massage by smart therapist. 9348123330. D-69750

Refresh your mind and soul with best therapy at Orchid Salon/ Spa, 9937287222. D-69541

Get refreshment body massage by expert therapist contact for. 9556978408. D-69746

Swarna SPA newly open positively health benefits with expert therapist. 7873794731. D-69747

Newly open spa centre smart therapist body massage,Bamikhal, 7205187702. D-59960

Get good massage for your health the best therapy SPA station. 7655024727, 8118079281. D-69542

Herbal full body massage by smart / expert therapist. Contact: 8338067247. D-69745

Newly open spa centre smart therapist body massage, Rasulgarh: 7846814019. D-59959

Newly open full body massage SPA in Bhubaneswar. Contact: 7205058838. D-69749

### education

ଘରେବସି medical registration କରନ୍ତୁ। D.Pharma/ GNM (50K), BUMS/ BHMS(1lakh), BAMS/ BDS(2lakhs), call only practioners, SMS/ Whatsapp- 9893869473 (Agent excuse). D-69751

### business

Offering long term contract for Bedsheets Stitching, Packing works for Regd. Tailoring Agencies. Poonam Textile, Rayagada. 9664942710. D-18284

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### LOST

It is notified for the information that my original qualifying examination certificate of main Secondary Examination of year 2018 and Roll No. 6107853 issued by CBSE has been actually lost. Name of the candidate Aswasana Nayak, full Address- C/o- Chandra Kanta Nayak, At- Podisila, P.S.- Raikia, Dist- Kandhamal Odisha, Pin- 762101. D- 18283

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ମାମଲା, ଅଭିଯୁକ୍ତ ଗିରଫ

ଆସିକା, ୧୮।୯ (ଡି.ଏନ୍.ଏ): ଆସିକା ଏନ୍ଏସିର ବସଷ୍ଟାଣ୍ଡ ସଂଲଗ୍ନ ଆଇବି ଏରଗୋଲା କ୍ୟାମ୍ପରୁ ଗୁରୁବାର ରାତିରେ ଗଞ୍ଜେଇ ଚୋରା ଚାଲାଣ ମାମଲାର ପୋଲିସ ଜଣଙ୍କୁ ଗିରଫ କରିଛି। ସେହେଲେ ସେହି କ୍ୟାମ୍ପର ଏମ ଅଜୟ। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଗଷ୍ଟ ୧୭ ତାରିଖରେ ଆସିକା କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାର କଲେଜ ଛକ ନିକଟରୁ ଗୋଟିଏ ବାଇକ୍ ଓ ପିକଅପ ଭ୍ୟାନରେ ଚାଲାଣ ହେଉଥିବା ୪୫ କିଲୋ ଗଞ୍ଜେଇକୁ ପୋଲିସ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ହୋଇଥିବା ବେଳେ ଅଜୟ ଫେରାର ଥିଲେ। ଏ ନେଇ ପୋଲିସ ନଂ. ୩୪୧/୨୦ରେ ମାମଲା ରୁଜୁ କରିଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଗୁମ୍ମା,୧୮।୯: ଗୁମ୍ମା ବ୍ଲକ ଖାରିଗଡ଼ା ଗ୍ରାମରେ ଶୁକ୍ରବାର ପୋଲିସ ଜଣେ ଯୁବକ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଉକ୍ତ ଗାଁର ଆର୍ମୀଗେଲା ଗମାଙ୍ଗୀ। ଗମାଙ୍ଗ ଗୁରୁବାର ରାତିରୁ ଘରୁ କେଉଁ ଆଡେ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇ ନଥିଲେ। ସକାଳେ ଗୁମ୍ମା ପୋଲିସ ଏକ କରଞ୍ଜ ଗଛରୁ ଝୁଲନ୍ତା ଅବସ୍ଥାରେ ଗମାଙ୍ଗଙ୍କ ମୃତ୍ୟୁଦେହ ଉଦ୍ଧାର କରିଥିଲା। ଏ ନେଇ ନଂ.୪/୨୦ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମେଡିକାଲକୁ ପଠାଇଛି।

### ଅଟୋ -ଟିପ୍ପରର ଧକ୍କା, ୫ ଆହତ

ଛତ୍ରପୁର,୧୮।୯(ଡି.ଏନ୍.ଏ.): ଛତ୍ରପୁର ଥାନା ଜିଏନ୍ ପାଲମ ସମ୍ମୁଖ ଜାତୀୟ ରାଜପଥରେ ଶୁକ୍ରବାର ଅଟୋ ଓ ଟିପ୍ପର ମୁହାଁମୁହିଁ ଧକ୍କା ହେବାରୁ ଜଣେ ଶିଶୁ ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଅଗସ୍ତିନୂଆଗାଁ ପଞ୍ଚାୟତ ଅଧୀନ ନୋଳିଆନୂଆଗାଁର ପି ଈଶ୍ୱର, ପି ଆଙ୍କାମା, ଏ ଗୋରାମା, ଏ ଏରେମା ଓ ଏ ଗୁରେୟା। ଆହତଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଈଶ୍ୱରଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଛତ୍ରପୁର ହସ୍ପିଟାଲରୁ ଗାଁକୁ ଅଟୋରେ ଫେରୁଥିବା ବେଳେ ଜିଏନ ପାଲମ ନିକଟ ଜାତୀୟ ରାଜପଥରେ ସମ୍ମୁଖରୁ ଆସୁଥିବା ଏକ ଟିପ୍ପର ସହ ଧକ୍କା ହୋଇଥିଲା।

### ଭରଣପୋଷଣ ମାମଲା: ସ୍ୱାମୀ ଜେଲ ଗଲେ

ଦିଗପହଣ୍ଡି,୧୮।୯(ଡି.ଏନ୍.ଏ.): ବ୍ରହ୍ମପୁର ସ୍ଥିତ ପରିବାର ଅଦାଲତ ପକ୍ଷରୁ ଜାରି କରାଯାଇଥିବା ୱାରେଣ୍ଟ ବଳରେ ଦିଗପହଣ୍ଡି ପୋଲିସ ସ୍ଥାନୀୟ ସାନବ୍ରାହ୍ମଣ ସାହିର ସତ୍ୟନାରାୟଣ ଦାସଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି। ସ୍ତ୍ରୀଙ୍କ ପକ୍ଷରୁ ପରିବାର ଅଦାଲତରେ ଦାଖଲ କରାଯାଇଥିବା ଭରଣପୋଷଣ ମାମଲାରେ ସ୍ୱାମୀ ଅନୁପସ୍ଥିତ ରହିବା ସହ କୋର୍ଟ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ତାଙ୍କ ବିରୋଧରେ ମାମଲା ନଂ. ସିଆର୍‌ପି- ୨୪୫/୧୭ ଅନୁଯାୟୀ ୱାରେଣ୍ଟ ଜାରି କରାଯାଇଥିଲା।

### ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ଚାରାରୋପଣ

ଫୁଲବାଣୀ ଅଫିସ, ୧୮।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ଗୁରୁବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ବ୍ରାହ୍ମଣୀ ଦେବୀ ମନ୍ଦିର ପରିସରରେ ୭୦ଟି ଅଁଳା ଓ ଲିମ୍ବ ଗଛ ଲଗାଯାଇଛି। କାର୍ଯ୍ୟକ୍ରମରେ ଦଳର ପୂର୍ବତନ ଜିଲା ସଭାପତି ଲିଙ୍ଗରାଜ ଦଳବେହେରା, ଭଗବାନ ମହାନ୍ତି, ଦେବନାରାୟଣ ପ୍ରଧାନ, ରମେଶ ମହାନ୍ତି, ସୁଧାଂଶୁ ଗୁରୁ, ପରେଶ ମହାପାତ୍ର, ବିଶ୍ୱରଞ୍ଜନ ଦାଶ ପ୍ରମୁଖ ସାମିଲ ଥିଲେ।

# ଆନ୍ତଃରାଜ୍ୟ ବାଇକ୍ ଲୁଟେରା ଗ୍ୟାଙ୍ଗର ୫ ଗିରଫ

ଜୟପୁର, ୧୮।୯ (ନି.ପ୍ର./ଡି.ଏନ୍.ଏ.)

ଆନ୍ତଃରାଜ୍ୟ ବାଇକ ଚୋରା ରାକେଟର ପର୍ଦ୍ଦାଫାସ କରିଛି ଜୟପୁର ଟାଉନ ଥାନା ପୋଲିସ। ଏହି ବାଇକ ଲୁଟେରା ଗ୍ୟାଙ୍ଗର ୫ ଜଣକୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଜୟପୁର ସଦର ଥାନା ଗେଟଗୁଡାର ସୁବାସ ମାଛ(୨୫), ନୁଆଁଗୁଡାର ଜଗଦୀଶ ହିଆଲ (୨୩), କୋରାପୁଟ ସଦର ଥାନା ଅଞ୍ଚଳର ବାପି ବାଘ (୨୫), ଜୟପୁର ସହର ଭିକି ଟାକରି (୧୯) ଓ ସୁନିଲ ଖରା ଓରଫ ସାନ ବୁଟି (୧୯)। ଅଭିଯୁକ୍ତମାନଙ୍କଠାରୁ ୧୬ଟି ବାଇକ ଜବତ କରରଯାଇଛି। ଏନେଇ ଆଜି ଜୟପୁର ଟାଉନ ଥାନାଧିକାରି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଜବତ ଗାଡ଼ି।

ଅଭିଯୁକ୍ତମାନେ କୋରାପୁଟ ଜିଲା ସହ ଛତିଶଗଡ, ଆନ୍ଧ୍ରପ୍ରଦେଶ, ନବରଙ୍ଗପୁର ଓ କୋରାପୁଟ ଜିଲାରୁ ବାଇକ ଚୋରି କରୁଥିଲେ। ସେମାନେ ବୁଲେଟ, ଆପାଚି , ପଲସର ଭଳି ନାମୀଦାମୀ ବାଇକ ଚୋରି କରି ଆର.ସି ବୁକ ନକଲି କରି ବିଭିନ୍ନ ବାହାନା ଦେଖାଇ ଚୋରି ବାଇକକୁ ବନ୍ଧକ ରଖୁଥିଲେ। ଗତ ୧୬ ଜୁଲାଇରେ ଭୁପତି ସାହି ତ୍ରିନାଥ ଦାସଙ୍କ ୩ଟି ବାଇକ ଚୋରି ହୋଇଥିଲା। ଏ ନେଇ ସେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିଲା। ଦୀର୍ଘ ଦିନ ପରେ ଏମାନଙ୍କୁ କାବୁ କରିବା ରେ ସଫଳ ହୋଇଛି। ଗିରଫ ୫ ଜଣଙ୍କ ନାମରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ରହିଛି। ବର୍ତ୍ତମାନ ସୁଦ୍ଧା ଜୟପୁର ଟାଉନ ଥାନାରେ ୩୫ଟି ମାମଲା ରୁଜୁ କରାଯାଇଥିବା ବେଳେ ସୁନାବେଡା, କୋରାପୁଟ ସଦର ଓ ଜୟପୁର ସହରରୁ ଚୋରି ଗାଡି ଜବତ ହୋଇଛି। ଆଗକୁ ମଧ୍ୟ ଅନ୍ୟ ଚୋରି ଗାଡି ମିଳିବ ବୋଲି ଟାଉନ ଥାନାଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।

# ଗଜପତିରେ ନୂଆ ୨୫ ପଜିଟିଭ୍ ଚିହ୍ନଟ

ପାରଳାଖେମୁଣ୍ଡି, ୧୮।୯(ସ୍ୱ.ପ୍ର.)

ଗଜପତିରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୧ହଜାର ୫ଜଣଙ୍କ କରୋନା ପରୀକ୍ଷଣ ହୋଇଥିବେଳେ ଏଥିରୁ ୨୫ଜଣ ପିଜିଟିଭ୍ ଚିହ୍ନଟ ହୋଇଛନ୍ତି। ମୋହନା ବ୍ଲକରୁ ସର୍ବାଧିକ ୧୦ଜଣ, ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୯ଜଣ, ନୂଆଗଡ଼ ବ୍ଲକରୁ ୩ଜଣ, ଗୋଷାଣୀ ବ୍ଲକରୁ ୨ଜଣ ଏବଂ ଆର୍.ଉଦୟଗିରି ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ଜଣାପଡିଛି। ଏଥିମଧ୍ୟରୁ ସ୍ୱାସ୍ଥ୍ୟ କର୍ମୀଙ୍କ ଯାଞ୍ଚବେଳେ ୨୨ଜଣ, ପୂର୍ବ ସଂକ୍ରମଣଙ୍କ ସଂସ୍ପର୍ଶରେ ୩ଜଣ ଚିହ୍ନଟ ହୋଇଥିବାର ଜିଲାପାଳ ଅନୁପମ ସାହା ଏହା ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୩୨୭୭ରେ ପହଞ୍ଚିଛି।

**WANTED**
ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ଏକ ନୂଆ ଷ୍ଟାର୍ଟଅପ୍ ବିଜିନେସ୍ ପାଇଁ ଅଭିଜ୍ଞ ଷ୍ଟାଫ୍ ଦରକାର।
**DTP OPERATOR & SUPPORTING STAFFS**
(experience in printing industry)
ଆଗ୍ରହୀ ପ୍ରାର୍ଥୀମାନେ ନିଜର ବାୟୋଡାଟାକୁ newstartup.bbsr@gmail.com କୁ ପଠାଇ ଦିଅନ୍ତୁ । Interview କେବଳ Whatsapp Video Call ମାଧ୍ୟମରେ କରାଯିବ । Whastapp : 8249416516

ଚେନ୍ନାଇରେ ଚାକିରି/ ହିନ୍ଦୀ କହିପାରୁଥିବା ଜରୁରୀ/ତୁରନ୍ତ ଯୋଗଦେବା ଆବଶ୍ୟକ/ ବେତନ ୧୩୦୦୦ - ୧୮୦୦୦ + ରୁମ୍/ ଘର ରୋଷେୟା / ହେଲ୍‌ପର, ଘରୋଇ ଚାକର/ ଅଫିସ୍ ଆସିଷ୍ଟାଣ୍ଟ
**9884761210**

**REQUIRED**
2 nos. of Office Assistance Salary 8000/-, Branch Co-ordinator Salary 11000/- Visit : Urban Residency, Plot No-168, Krishna Vihar Apartment, Patrapada, Bhubaneswar
Contact - 9861214749

**LeeRooy Bags**
ଆବଶ୍ୟକ କରୁଛି ଅଭିଜ୍ଞ
ସେଲ୍‌ସ ଏକ୍‌ଜିକ୍ୟୁଟିଭ୍
ବଜରଙ୍ଗୀ ଟ୍ରେଡର୍ସ ତୁଷାରକାନ୍ତ ରାଉତରାୟ ମାର୍ଫତ୍ କୃପାସିନ୍ଧୁ ରାଉତରାୟ, ସର୍ବୋଦୟ ନଗର ପୁରୀ-2, ପିନ୍-752002
9090405010,9509617373

**Victus Dying Garment Division**
ସିଲାଇ ଅପରେଟର ଆବଶ୍ୟକ । ପୁରୁଷ ଓ ମହିଳା କାମ ଜାଣିଥିବା ଏବଂ ନ ଜାଣିଥିବା ଆବେଦନ କରିପାରିବେ । କାମ ନ ଜାଣିଥିବା ବ୍ୟକ୍ତିଙ୍କୁ ଟ୍ରେନିଂ ଦିଆଯିବ। ଏଠାରେ ରହିବା, ଖାଇବା, ହଷ୍ଟେଲର ସୁବିଧା ଅଛି । ଯଦି କେହି କାମ କରିବାକୁ ଚାହୁଁଛନ୍ତି ତଳେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରନ୍ତୁ । ଯିବା ପାଇଁ କମ୍ପାନୀ ଗାଡ଼ିର ସୁବିଧା ଦିଆଯିବ।
ଦରମା – Rs.7500/– ରୁ Rs.12000/– ପର୍ଯ୍ୟନ୍ତ
ଯୋଗାଯୋଗ: 8895367501, 8489248494, 9777061694

# ବଦଳିଲା ଦୋକାନ ବଜାର ଖୋଲିବା ସମୟ

ଡାବୁଗାଁ, ୧୮।୯ (ଡି.ଏନ୍.ଏ.)

ଦିନକୁ ଦିନ ନବରଙ୍ଗପୁର ଜିଲାର ଡାବୁଗାଁ ଅଞ୍ଚଳରେ କାରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାକୁ ଲାଗିଛି। ଏହାକୁ ନଜରରେ ରଖି ଆସନ୍ତା ୨୦ ତାରିଖରୁ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଦୋବାନ ବଜାର ଖୋଲିବା ସମୟରେ ପରିବର୍ତ୍ତନ କରାଯିବ ବୋଲି ବ୍ୟବସାୟୀମାନେ ନିଷ୍ପତ୍ତି ନେଇଛନ୍ତି। ଏଣିକ ସକାଳ ୭ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଶୁକ୍ରବାର ବ୍ୟବସାୟୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ପତ୍ର ଥାନଧିକାରୀଙ୍କୁ ଦେଇଛନ୍ତି। ଏହି ସମୟରେ ଦେବରାଜ ପାତ୍ର, ଏମ୍‌ପି ପ୍ରତିନିଧି ଏମ୍. ଆପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜୟନ୍ତ ପାତ୍ର, ଜି. ସାଇ ରାଜୁ, କୈଳାସ ବିଶୋୟୀ, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଗୁପ୍ତ ବିଶୋୟୀ, ଚମ୍ପା ଅଗ୍ରୱାଲ, ପାପନା ରେଲି, ପିଣ୍ଟୁ ଜେନା, ଅଶୋକ ସୌରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହିପତ୍ରର ନକଲ ଡାବୁଗାଁ ତହସିଲଦାର, ଡାବୁଗାଁ ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଛି।


ବ୍ୟବସାୟୀମାନେ ଥାନାଧିକାରୀଙ୍କୁ ପତ୍ର ଦେଉଛନ୍ତି।

# କାଦୁଅ ରାସ୍ତାରେ ୩ଘଣ୍ଟା ଫସି ରହିଲା ଟ୍ୟାଙ୍କର

ଜୟପୁର, ୧୮।୯(ଡି.ଏନ.ଏ.)

**ପୁରୁଣାଗଡ-ବଦଳିଗୁଡା ରାସ୍ତାର ଦୁରବସ୍ଥା**

କୋରାପୁଟ ଜିଲା ଜୟପୁର ପୌରାଞ୍ଚଳ ଉପାନ୍ତ ପୁରୁଣାଗଡରୁ ବଦଳିଗୁଡା ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ଏଥିଯୋଗୁ ସ୍ଥାନୀୟ ବାସିନ୍ଦା ହଇରାଣ ହେଉଛନ୍ତି। ଶୁକ୍ରବାର ଓମ୍‌ଫେଡର ଏକ ଟ୍ୟାଙ୍କର କାଦୁଆରେ ଫସି ରହିଯାଇଥିଲା। ଦୀର୍ଘ ୩ ଘଣ୍ଟା ପରେ ଏହି ଟ୍ୟାଙ୍କରକୁ ବାହାର କରାଯାଇଥିଲା। ଏହି ରାସ୍ତାର କିଛି ସ୍ଥାନ ପିଚୁ ହୋଇଛି। ଅନେକ ଜାଗର ବାକି ରହିଛି। ତେଣୁ ବର୍ଷାଦିନରେ ଏହିପରି ସମସ୍ୟ ଦେଖାଦେଇଥାଏ ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି।


କାଦୁଅ ରାସ୍ତାରେ ଅଟକି ରହିଥିବା ଟ୍ୟାଙ୍କର ।

# ଧରିତ୍ରୀର ପ୍ରଭାବ
# ବନ୍ୟାରେ ଭାଙ୍ଗିଥିବା ବ୍ରିଜ୍ ମରାମତି ହେବ

ମାଲକାନଗିରି, ୧୮।୯(ଡି.ଏନ୍.ଏ.)

କାଲିମେଳା ବ୍ଲକ ଚିନ୍ତଲବାଡା ପଞ୍ଚାୟତ ରୋସଲକୋଣ୍ଡା ଗ୍ରାମ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରାସ୍ତାରୁ ଯାଇଥିବା ପୋଲ ତିନିବର୍ଷ ତଳେ ହୁଡ୍‌ହୁଡ୍ ବାତ୍ୟାରେ ଭାଙ୍ଗିଯାଇଥିଲା। ଏହାର ମରାମତି ପାଇଁ ଅଞ୍ଚଳବାସୀ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରିଥିଲେ। କିନ୍ତୁ ବ୍ରିଜ୍ ମରାମତି ହୋଇ ପାରି ନ ଥିଲା। ଏ ନେଇ ଗତ ୧୨ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏ ସମ୍ବନ୍ଧରେ ବଲାଙ୍ଗୀରର 'ଦୁର୍ନୀତି ବିରୋଧୀ ଯୁବବର୍ଗ' ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗ୍ରାମ ଉନ୍ନୟନ ବିଭାଗ ରାଜ୍ୟ ମୁଖ୍ୟ ପ୍ରଦୀପ ଜେନାଙ୍କୁ ଟୁଇଟ୍ କରି ଏହି ଘଟଣା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହାପରେ କାଲିମେଳା ବିଡିଓ ଘଟଣା ସ୍ଥଳକୁ ଯାଇ ଚିନ୍ତଲୱାଡା ପଞ୍ଚାୟତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଚଳିତ ବର୍ଷ ଗଛିତ ପାଣ୍ଠିରୁ ତୁରନ୍ତ ଏହି ପୋଲର ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.eT-NORTH-WAT-15-2020, ତା.14.09.2020ରିଖ
କାର୍ଯ୍ୟର ନାମ : ୱାଲ୍ଟିୟର ମଣ୍ଡଳର ରାୟପୁର-ବିଜୟନଗରମ୍ ଲାଇନ୍‌ରେ ରୁଫ୍ ଲିକେଜ୍(Roof leakage)ର ନିବାରଣ ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧୀନରେ ଷ୍ଟାଫ କ୍ୱାର୍ଟରଗୁଡ଼ିକର ଛାତର ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 50,22,658.14, EMD (ଟଙ୍କାରେ) : 1,00,500/-, କାର୍ଯ୍ୟ ଶେଷ ହେବା ଅବଧି : 04 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.10.2020ରିଖ 1330 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର
PR-261/L/20-21

**INSTITUTE OF MATHEMATICS AND APPLICATIONS**
ANDHARUA, BHUBANESWAR, ODISHA, 751029
(Under Science & Technology Department, Govt. of Odisha)
www.iomaorissa.ac.in
**ADVERTISEMENT FOR REGISTRAR POST**
No. IMA/100/ 274//2020 Dated:15/09/2020
No.CAD-478:- Applications in prescribed format are invited from the eligible Indian nationals for the Post of Registrar. For details of the post, eligibility criteria, qualifications, experience, scale of pay, application format etc. please visit the website www.iomaorissa.ac.in.

| Sl.No. | Name of the Post | Number of Posts | Category |
|---|---|---|---|
| 01 | REGISTRAR | 01 | UR |

Last date of receipt of application is 16.10.2020.
Sd./- DIRECTOR
OIPR-28006/11/0005/2021

# ପଥର କ୍ୱାରି ବନ୍ଦ ପାଇଁ ବିଡିଓଙ୍କୁ ଦାବିପତ୍ର

କୋରୁକୋଣ୍ଡା, ୧୮।୯(ଡି.ଏନ.ଏ.)

କୋରୁକୋଣ୍ଡା ବିଡ଼ିଓ ଦାଶରଥି ସରାବୁଙ୍କୁ ପଥର କ୍ୱାରି ବନ୍ଦ କରିବା ପାଇଁ କେନ୍ଦ୍ରାଗୁପ୍ପା ଗ୍ରାମବାସୀ ଦାବିପତ୍ର ଦେଇଛନ୍ତି। ଗାଁ ନିକଟରେ ପଥର କ୍ୱାରି ହେଲେ ଗ୍ରାମବାସୀଙ୍କ ପାଇଁ ବିପଦ ଅଛି ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ, ଅଗଷ୍ଟ ମାସ ୨୪ ଏବଂ ୨୮ ତାରିଖରେ ମାଲକାନଗିରି ତହସିଲଦାର ପତ୍ର ନଂ ୨୪୨୩/୨୦, ୨୪୬୮/୨୦ ଦ୍ୱାରା ମୌଜା ଖାତା ନଂ-୬୨୩, ପ୍ଲଟ ନଂ ୧୯୧୮ ରେ ପଥର କ୍ୱାରି ନିମନ୍ତେ ନିଲାମ ପ୍ରକ୍ରିୟା ବାହାର କରିଥିଲେ। ଉକ୍ତ ପଥର କ୍ୱାରିଟି କୋରୁକୋଣ୍ଡା ରାଜସ୍ୱ ବିଭାଗ ଅଧୀନ କେନ୍ଦ୍ରାଗୁପ୍ପା ଗ୍ରାମର ଅତି ନିକଟରେ ଅଛି। ଏଥିସହିତ ହେବାକୁ ଥିବା ପଥର କ୍ୱାରିର ପୂର୍ବ ଦିଗରେ ଲୋକମାନଙ୍କର ଚାଷ ଜମି, ଦକ୍ଷିଣ ଦିଗରେ ପ୍ରଧାନମନ୍ତ୍ରୀ ସଡକ ଯାହାକି ଏମଭି-୩୨ ଠାରୁ ଏମଭି-୩୧ ଦେଇ କିଚପାଲ୍ଲୀ ଗ୍ରାମକୁ ଯାଇଛି। ପଶ୍ଚିମ ଦିଗରେ ମଧ୍ୟ ଲୋକମାନଙ୍କର ଚାଷ ଜମି, ନଦୀ ଓ ଉତ୍ତର ଦିଗରେ କେନ୍ଦ୍ରାଗୁପ୍ପା ପ୍ରାଥମିକ ବିଦ୍ୟାଳୟ ରହିଛି। ପ୍ରାୟ ଦିନସାରା ଲୋକମାନେ ଏହି ପାହାଡ଼ ନିକଟ ଦେଇ ଯାତାୟତ କରିବା ସହ ଗୋରୁଗାଈ ମାନେ ପାହାଡକୁ ଚରିବାକୁ ଯାଉଥିବା ଗ୍ରାମବାସୀ କହିଛନ୍ତି। ତେଣୁ ଯଦି ଏଠାରେ ପଥର କ୍ୱାରି କରାଯାଏ ତାହେଲେ ଗ୍ରାମବାସୀଙ୍କ ପ୍ରତି ବିପଦ ରହିଥିବା ଅଭିଯୋଗ କରିଛନ୍ତି। ତହସିଲଦାରଙ୍କୁ ପ୍ରସ୍ତାବ ଦେବା ସମୟରେ ରାଜସ୍ୱ ନିରୀକ୍ଷକ କାହିଁକି ଗ୍ରାମବାସୀଙ୍କ ମତାମତ ନେଇ ନଥିଲେ ଗ୍ରାମବାସୀ ତାହା ପ୍ରଶ୍ନ କରିଛନ୍ତି। ଏହି ପଥର କ୍ୱାରି ପାଇଁ ହେଉଥିବା ନିଲାମ ପ୍ରକ୍ରିୟାକୁ ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ବେଳେ ସମୟରେ ଗ୍ରାମର ଗୋବିନ୍ଦ ମାଡକାମୀ, ରାମକୃଷ୍ଣ ମାଡକାମୀ, କେଶବ ଧକଡ଼, ଅର୍ଜୁନ ଦୁରୁକା, ଲୋକନାଥ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।


ବିଡିଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ଫେରାର୍ ଗାଡ଼ି ଚାଳକ ଗିରଫ

ଦିଗପହଣ୍ଡି,୧୮।୯(ଡି.ଏନ୍.ଏ.)

ଫେରାର୍ ଥିବା ଦିଗପହଣ୍ଡି ବ୍ଲକ ବଡ଼ ଡୁମ୍ବୁଲା ଗ୍ରାମର ଗାଡି ଚାଳକ ରୋସନ ସେଠୀଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗତ ୬ ତାରିଖରେ ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ନିକଟ ମୁଖ୍ୟରାସ୍ତାରେ କାର୍ ଧକ୍କାରେ ଦିଗପହଣ୍ଡି ଗଜାନନ ନଗରର କାଞ୍ଚନ ବେହେରା ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ରୋସନ ଫେରାର ହୋଇଯାଇଥିଲେ।

**ODISHA JOINT ENTRANCE EXAMINATION - 2020 ( OJEE - 2020 )**

No: OJEE2020/266 Date: 18.09.2020

**PUBLIC NOTICE REGARDING RESCHEDULING OF OJEE - 2020**

This is for information of all concerned that the **Odisha Joint Entrance Examination (OJEE – 2020)** for admission to B. Tech. (non-JEE Main) / B.Pharm / MBA / MCA / M.Tech / M.Tech (Part Time) / M.Arch / M Plan / M.Pharm / Int. MBA and Lateral Entry to B.Tech / B.Pharm Courses in Government and Private Universities and Colleges of Odisha, which was originally scheduled in the 1st week of May but had to be postponed due to the extraordinary situation arising from COVID – 19 pandemic, will now be conducted **during 12th October to 19th October, 2020.**

The Entrance Examination will be conducted in **Computer Based Test (CBT) mode for all the courses** as mentioned above in three shifts on each day of the examination.

The shift-wise complete schedule of the examination as well as the dates of downloading of Admit Cards indicating Roll No., Shift and Centre of Examination will be displayed on the official websites of OJEE **(www.ojee.nic.in/ www.odishajee.com)** by the end of September 2020.

The candidates and their parents are advised to keep visiting above websites for latest updates.

Sd/-
Chairman, OJEE 2020

# ଫୋନ୍ ପେରେ ଲକ୍ଷାଧିକ ଟଙ୍କା ଉଠାଇ ଯୁବକ ଗିରଫ

**୧.୧୮ ଲକ୍ଷ ଟଙ୍କା ଜବତ**

ବୁଗୁଡ଼ା,୧୮।୯(ଡି.ଏନ.ଏ.): ବୁଗୁଡ଼ା ଥାନା ଗୋଲାମୁଣ୍ଡୁଳା ଗ୍ରାମରେ ମୋବାଇଲ ଫୋନ ପେ ଏବଂ ସିମ୍‌କାର୍ଡ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଉଠାଇବା ଅଭିଯୋଗରେ ବୁଗୁଡ଼ା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ୧ ଲକ୍ଷ ୧୮ ହଜାର ଟଙ୍କା ଜବତ ହୋଇଛି। ଗିରଫ ଯୁବକ ହେଲେ ଗୋଲାମୁଣ୍ଡୁଳା ଗ୍ରାମର ସଞ୍ଜୟ କୁମାର ବିଷୋୟୀ। ଏନେଇ ବୁଗୁଡ଼ା ଥାନାରେ ନଂ ୨୬୮/୨୦ରେ ଏକ ମାମଲା ରୁଜୁ ହୋଇଥିଲା।

ପ୍ରକାଶ ଯେ, ଗୋଲାମୁଣ୍ଡୁଳା ଗ୍ରାମରେ କୃଷ୍ଣଚନ୍ଦ୍ର ଗୌଡ଼ଙ୍କ ମୋବାଇଲ ସିମ୍ କାର୍ଡରେ ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଥିବା ବିଷୟ ତାଙ୍କ ପୁଅ ଅକ୍ଷୟ ଜାଣିଥିଲେ। ତେବେ ସଞ୍ଜୟ ଅକ୍ଷୟଙ୍କୁ ୫୦୦୦ ଟଙ୍କା ପଠାଇବା ପାଇଁ କହିଥିଲେ। ଏ ବିଷୟରେ ସଞ୍ଜୟଙ୍କଠାରୁ ସମସ୍ତ କୌଶଳ ଜାଣି ଅକ୍ଷୟ ନିଜ ବାପାଙ୍କ ମୋବାଇଲର ସିମ୍‌କାର୍ଡ଼ ଆଣି ନିଜ ମୋବାଇଲରେ ପକାଇ ଫୋନ ପେ ଖୋଲିଥିଲେ। ପରେ ସେ ତାଙ୍କ ସାଙ୍ଗ ସଞ୍ଜୟଙ୍କୁ ଅଗଷ୍ଟ ୧ରେ ୫ ହଜାର ଟଙ୍କା ପଠାଇଥିଲେ। ପରେ ଏସବୁ ସମସ୍ତ ତଥ୍ୟ ଫୋନ ପେରୁ ସଂଗ୍ରହ କରି ସଞ୍ଜୟ ଅଗଷ୍ଟ ୧ରୁ ୫ ତାରିଖ ମଧ୍ୟରେ କୃଷ୍ଣଚନ୍ଦ୍ର ଗୌଡ଼ଙ୍କ ଏକାଉଣ୍ଟରୁ ୧ ଲକ୍ଷ ୩୪ ହଜାର ଟଙ୍କା ଉଠାଇବାରେ ସକ୍ଷମ ହୋଇଥିଲେ। ୫ ଦିନ ତଳେ କୃଷ୍ଣଚନ୍ଦ୍ର ବୁଗୁଡ଼ା ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଗଲା ବେଳେ ସେଥିରେ କୌଣସି ଟଙ୍କା ନ ଥିବା ନେଇ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ଏନେଇ ସେ ବୁଗୁଡ଼ା ଥାନାରେ ସେହିଦିନ ଅଭିଯୋଗ କରିଥିଲେ। ବୁଗୁଡ଼ା ପୋଲିସ ତଦନ୍ତ କରି ଏଥିରେ ଅକ୍ଷୟଙ୍କ ସହ ସଞ୍ଜୟ ସମ୍ପୃକ୍ତ ଥିବା ଜାଣିଥିଲେ। ଖୋଳତାଡ଼ କରିବା ପରେ ସଞ୍ଜୟଙ୍କଠାରୁ ୧ ଲକ୍ଷ ୧୮ ହଜାର ଟଙ୍କା ମଧ୍ୟ ଜବତ ହୋଇଥିଲା।

**RAVENSHAW UNIVERSITY**
(A State University, NAAC Accreditation: 'A' Grade)
CUTTACK- 753003, ODISHA

**M.PHIL. /PH.D. ADMISSION ANNOUCEMENT-2020-21**
Online applications are invited for admission into different M.Phil. / Ph.D. Programmes of the University for the session 2020-21. Candidates are advised to visit our website www.ravenshawuniversity.ac.in and click on the link "ADMISSION 2020' for the admission procedure. The last date of online submission of application form is 20 October 2020. The number of seats for M.Phil. and Ph. D. in each subject has been specified in the Admission Prospectus uploaded in the University website.
The entrance examination to different M.Phil. /Ph.D. Programmes will be held on 9 and 10 November 2020.
For details please visit: www.ravenshawunviersity.ac.in
No. CAD-486 OIPR-11008/11/0005/2021
Registrar
Ravenshaw University

ଯେତେବେଳେ ଆମକୁ କିଛି ଦେଖାଯାଏନା– ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ –ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି– ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ। –ଶ୍ରୀଅରବିନ୍ଦ

# ପିଏମ୍ଓକୁ ନୂଆ ଶକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ସବୁଠୁ ଶକ୍ତିଶାଳୀ ବୋଲି କୁହାଯାଏ। ଏବେ ଏଥିରେ ତିନି ଜଣ ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତି ଏହାକୁ ଅଧିକ ସଶକ୍ତ କରିବ। ମଧ୍ୟପ୍ରଦେଶ କ୍ୟାଡର ଆଇଏଏସ୍ ଅଧିକାରୀ ରଘୁରାଜ ରାଜେନ୍ଦ୍ରନଙ୍କୁ ନିର୍ଦ୍ଦେଶକ, ଆନ୍ଧ୍ରପ୍ରଦେଶ କ୍ୟାଡର ଅଧିକାରୀ ଆମ୍ରପାଲି କାଟାଙ୍କୁ ଡେପୁଟି ସେକ୍ରେଟାରୀ ଓ ଉତ୍ତରାଖଣ୍ଡ କ୍ୟାଡର ଅଧିକାରୀ ମଙ୍ଗେଶ ଘିଲିଡ୍ୟାଲଙ୍କୁ ଅଣ୍ଡର ସେକ୍ରେଟାରୀ ଭାବେ ପିଏମ୍ଓରେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ରାଜେନ୍ଦ୍ରନ ଇସ୍ପାତ ମନ୍ତ୍ରୀ ଏବଂ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ। ୨୦୧୦ ବ୍ୟାଚ୍ ଅଧିକାରୀ ଆମ୍ରପାଲି କାଟା କ୍ୟାବିନେଟ ସେକ୍ରେଟାରୀ(ଇଣ୍ଟେଲିଜେନ୍ସ)ରେ ଡେପୁଟି ସେକ୍ରେଟାରୀ ରହିଥିଲେ। ଘିଲିଡ୍ୟାଲ ଉତ୍ତରାଖଣ୍ଡ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ଏହି ନିଯୁକ୍ତି ବାବୁ ସାମ୍ରାଜ୍ୟରେ ତିନି ଜଣ ଅଧିକାରୀଙ୍କ ଗୁରୁତ୍ୱ ବଢାଇ ଦେଇଛି। ପୂର୍ବ କାର୍ଯ୍ୟଦକ୍ଷତା ଦେଖି ଏମାନଙ୍କୁ ନିଯୁକ୍ତି ପାଇଁ ଚୟନ କରାଯାଇଛି। ପିଏମ୍ଓରେ ଏମାନେ ଟିମ୍‌ର ସଦସ୍ୟ ଭାବେ ସାମିଲ ହୋଇ ଜଟିଳ ନିଷ୍ପତ୍ତି ନେବା ଏବଂ ସଫଳତା ପାଇବା ଉପରେ ଧ୍ୟାନ ଦେବେ ବୋଲି ଆଶା କରାଯାଉଛି।

### କାର୍ଯ୍ୟାନୁଷ୍ଠାନ କେତେ ବାସ୍ତବ

ଦୁର୍ନୀତିକୁ କଦାପି ସହ୍ୟ କରାଯିବ ନାହିଁ ବୋଲି ଉତ୍ତରପ୍ରଦେଶ ସରକାର ଦାବି କରୁଛନ୍ତି। ହେଲେ ଲୋକମାନେ ଏହାର ବାସ୍ତବତା ବା ସତ୍ୟତାକୁ ଗ୍ରହଣ କରିପାରୁନାହାନ୍ତି। ତଥାପି ସରକାର ଏହା ସପକ୍ଷରେ ତଥ୍ୟ ଉପସ୍ଥାପନ କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ତିନି ବର୍ଷ ତଳେ କ୍ଷମତାକୁ ଆସିବାଠାରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରାୟ ୮୦୦ ସରକାରୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିକଟରେ ରାଜ୍ୟ ସରକାର ଦୁର୍ନୀତିରେ ଲିପ୍ତ ତଥା ବ୍ୟବସ୍ଥା ପ୍ରତି ଖାମଖିଆଲି ମନୋଭାବ ପୋଷଣ ଯୋଗୁ ଦୁଇଜଣ ଆଇପିଏସ୍ ଅଧିକାରୀ ପ୍ରୟାଗରାଜ ଏସ୍ଏସ୍‌ପି ଅଭିଷେକ ଦୀକ୍ଷିତ ଓ ମହୋବା ଏସ୍‌ପି ମଣିଲାଲ୍ ପଟିଦାରଙ୍କୁ ନିଲମ୍ବନ କରିଛନ୍ତି। ରାଜ୍ୟ ପକ୍ଷରୁ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି ଯେ, ଏବେ ସୁଦ୍ଧା ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା କେତେଜଣ ଅବସରପ୍ରାପ୍ତ ଅଧିକାରୀଙ୍କ ସମେତ ୬୭୫ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସରକାର ୩୨୫ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରିଛନ୍ତି ଏବଂ ୪୫୦ ବାବୁଙ୍କୁ ନିଲମ୍ବିତ ଓ ପଦାବନତି କରିଛନ୍ତି। କିନ୍ତୁ ସୂତ୍ରରୁ ପ୍ରକାଶ ଯେ, ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ବିରୋଧରେ ଯୋଗୀ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ କେତେଜଣ ନିଲମ୍ବିତ ଅଧିକାରୀ ଭଲ ପ୍ରଶାସନିକ ପଦକୁ ପୁଣି ଫେରିଛନ୍ତି। ଗୋଣ୍ଡା ଡିଷ୍ଟ୍ରିକ୍ ମାଜିଷ୍ଟ୍ରେଟ୍(ଡିଏମ୍) ଜେ.ବି. ସିଂଙ୍କ ସହ ଫତେପୁର ଡିଏମ୍ କୁମାର ପ୍ରଶାନ୍ତଙ୍କୁ ଜୁନ ୨୦୧୮ରେ ନିଲମ୍ବନ କରାଯାଇଥିଲା। ଗହମ କିଣାରେ ଅନିୟମିତତା ଯୋଗୁ ସେମାନଙ୍କ ବିରୋଧରେ ଏଭଳି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କିନ୍ତୁ ସିଂଙ୍କ ଅମଲାତାନ୍ତ୍ରିକ ନିର୍ବାସନ ବେଶିଦିନ ରହିଲା ନାହିଁ। ୨୦୧୯ରେ ସେ ଇଟୱା ଡିଏମ୍ ଭାବେ ନିଯୁକ୍ତି ପାଇଲେ। କୁମାର ପ୍ରଶାନ୍ତ ମଧ୍ୟ ଫତେପୁରଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଜିଲା ବଦାଉନର ଡିଏମ୍ ଭାବେ ଅବସ୍ଥାପିତ ହୋଇଥିଲେ। ପଦାବନତି ଓ ନିଲମ୍ବିତ ହୋଇଥିବା ଅଧିକାରୀମାନେ ଖୁବ କମ୍ ଦିନରେ ଶୀଘ୍ର ପଦକୁ ଫେରିଥିବାର ଆହୁରି ଅନେକ ଦୃଷ୍ଟାନ୍ତ ରହିଛି ବୋଲି ସୂତ୍ରରୁ ଜଣାପଡ଼ିଛି।

### ବିକାଶ ନା ବିନାଶ

ଇଣ୍ଡିଆନ୍ ରେଲ୍‌ୱେ ବୋର୍ଡ ଆଣ୍ଡ୍ ସର୍ଭିସର ପୁନର୍ଗଠନ ପାଇଁ ମୋଦି ସରକାର ଆଗକୁ ବଢିଛନ୍ତି। ନିକଟରେ ଏଥିପାଇଁ କ୍ୟାବିନେଟ୍ ସବୁଜ ସଙ୍କେତ ଦେଇଛି। ଏବେ ବୋର୍ଡରେ ୫ ଜଣ ସଦସ୍ୟ ରହିବେ। ଏବକାର ଚେୟାରମ୍ୟାନ ଭି.କେ. ଯାଦବ ବୋର୍ଡର ପ୍ରଥମ ସିଇଓ ହେବେ। ବୋର୍ଡର ସ୍ୱାଧୀନ ସଦସ୍ୟମାନେ ବି ରହିବେ। ଏମାନଙ୍କର କିଛି କାର୍ଯ୍ୟକାରୀ ଭୂମିକା ରହିବ ନାହିଁ। ସମସ୍ତ ରେଲୱେ ସର୍ଭିସ କ୍ୟାଡରକୁ ଏକାଠି କରି ଗୋଟିଏ ରେଲୱେ ମ୍ୟାନେଜମେଣ୍ଟ ସର୍ଭିସ(ଆଇଆର୍‌ଏମ୍‌ଏସ୍) ଗଠନ କରିବାକୁ କ୍ୟାବିନେଟ ମଧ୍ୟ ନିଷ୍ପତ୍ତି ନେଇଛି। ଏବକାର ଚେୟାରମ୍ୟାନ ବୋର୍ଡର ସିଇଓ ରହିବାବେଳେ ପ୍ରଦୀପ କୁମାରଙ୍କୁ ଇନ୍‌ଫ୍ରାଷ୍ଟ୍ରକ୍‌ଚର ସଦସ୍ୟ, ପି.ସି.ଶର୍ମାଙ୍କୁ ଟ୍ରାକସନ ଆଣ୍ଡ୍ ରୋଲିଂ ଷ୍ଟକ୍‌ର ସଦସ୍ୟ ଓ ପି.ଏସ୍. ମିଶ୍ରଙ୍କୁ ଅପରେଶନ ଆଣ୍ଡ୍ ବିଜ୍‌ନେସ୍ ଡେଭଲପ୍‌ମେଣ୍ଟର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ମଞ୍ଜୁଳା ରଙ୍ଗରାଜନଙ୍କୁ ଫାଇନାନ୍ସ ସଦସ୍ୟ ଭାବେ ଅବସ୍ଥାପିତ କରାଯାଇଛି। ବୋର୍ଡର ନୂଆ ସଂରଚନାରେ ଚେୟାରମ୍ୟାନ ସବୁ ପଦର ନିୟନ୍ତ୍ରକ ଭାବେ ମାନବ ସମ୍ବଳ (ଏଚ୍‌ଆର୍) ପାଇଁ ଉତ୍ତରଦାୟୀ ରହିବେ। ତିନୋଟି ଶୀର୍ଷ ପଦ ରେଲ୍‌ୱେ ବୋର୍ଡରୁ ପୂରଣ ହେବ। ବୋର୍ଡର ଆଉସବୁ ପଦ ଅନ୍ୟ ଅଧିକାରୀ (ଯେଉଁ ସେବାରେ ଥାଆନ୍ତୁ ପଛେ)ମାନଙ୍କ ଲାଗି ଉନ୍ମୁକ୍ତ ରହିବ। ସରକାର କହୁଛନ୍ତି, ଏଭଳି ପୁନର୍ଗଠନ ରେଳ ବିଭାଗ ମଧ୍ୟରେ ଥିବା ଆନ୍ତଃ ବିଭାଗୀୟ ବିବାଦକୁ ଶେଷ କରିଦେବ। କିନ୍ତୁ ସବୁ ରେଲୱେ ବାବୁ ସରକାରଙ୍କ ଏହି ନିଷ୍ପତ୍ତିରେ ସନ୍ତୁଷ୍ଟ ନୁହନ୍ତି। ମୌଳିକ ରୂପେ ଭିନ୍ନ ଭିନ୍ନ ସଂସ୍ଥାକୁ ଓ ସବୁ କ୍ୟାଡରକୁ ମିଶାଇ ଦେବା ପାଇଁ ସରକାରଙ୍କ ପ୍ରସ୍ତାବକୁ ଏମାନେ ପ୍ରଥମେ ବିରୋଧ କରିଛନ୍ତି। ଗୋଟିଏ ପରିବର୍ତ୍ତେ ସେମାନେ ସିଭିଲ୍ ସର୍ଭିସ ଓ ଇଞ୍ଜିନିୟରିଂ ୱିଙ୍ଗ୍ ଭଳି ଦୁଇଟି ଅଲଗା ସର୍ଭିସ ଦାବି କରୁଛନ୍ତି। ଏବେ ଏହା ବିରୋଧରେ ପ୍ରତିବାଦର ସ୍ୱର ଉଠୁଥିବା ଶୁଣିବାକୁ ମିଳୁଛି। ରେଲୱେ ୟୁନିୟନ ସରକାରଙ୍କ ଏଭଳି ପଦକ୍ଷେପ ବିରୋଧରେ ଏକ ଜୋର୍‌ଦାର ପ୍ରତିବାଦ କିରିବାକୁ ଯୋଜନା କରୁଥିବା ବି ସୂତ୍ରରୁ ଜଣାପଡ଼ିଛି।

Email: dilipcherian@gmail.com

# ବେକାରି ହ୍ରାସ କରିବ ପୋଷାକ ଶିଳ୍ପ



ନଟବର ଖୁଣ୍ଟିଆ

ଓଡ଼ିଶାରେ ଆଜି ଯେପରି ବେକାରି ବୃଦ୍ଧି ପାଇବାରେ ଲାଗିଛି ଆଉ ଲକ୍ଷ ଲକ୍ଷ ଯୁବତୀଯୁବକ ରାଜ୍ୟରେ କାମଧନ୍ଦା ନ ପାଇ ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ରୂପେ ଯାଇ କଷଣ ସହ୍ୟକରି ପେଟ ପୋଷୁଛନ୍ତି ତାହାକୁ ଅନୁଧ୍ୟାନ କଲେ ରାଜ୍ୟ ମଧ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ରାଜ୍ୟ ସରକାରଙ୍କର ପ୍ରାଥମିକ କର୍ତ୍ତବ୍ୟ ହୋଇପଡ଼ିଛି। ଆମ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ନିଯୁକ୍ତି ସୁବିଧା ସୃଷ୍ଟି କରିବାକୁ ଅନେକ ସୁବିଧା ସୁଯୋଗ ରହିଛି। ସେସବୁର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଉପଯୁକ୍ତ କାର୍ଯ୍ୟକାରୀ ହେବାଭଳି ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ହେବ। ଗତ ଅଗଷ୍ଟ ୩୦ତାରିଖରେ ଧରିତ୍ରୀ ଏହି ପୃଷ୍ଠାରେ ଆମେ ଏକ ଲେଖା 'କପା ଓ ଓଡ଼ିଶାରେ ନିଯୁକ୍ତି ସମ୍ଭାବନା' ଲେଖିଥିଲୁ। ଏହି ଲେଖା ପାଠକରି ରାଜ୍ୟ ମଧ୍ୟରୁ ଓ ରାଜ୍ୟ ବାହାରୁ କେତେକ ଓଡ଼ିଆ ବୁଦ୍ଧିଜୀବୀ ଓଡ଼ିଶାରେ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବା ପାଇଁ ଅନେକ ପ୍ରସ୍ତାବ ରଖିଥିଲେ। ଦୁଇଜଣ ପାଠକ କହିଲେ, ସୁରଟକୁ ସିନା ମୁଖ୍ୟତଃ ପୁରୁଷମାନେ ବୟନଶିଳ୍ପରେ କାମ କରିବାକୁ ଯାଉଛନ୍ତି, କିନ୍ତୁ ଅନେକ ସଂଖ୍ୟାର ଯୁବତୀ କର୍ଣ୍ଣାଟକ ଓ ତାମିଲନାଡୁର ପୋଷାକ ଶିଳ୍ପରେ କାମ କରିବାକୁ ଯାଉଛନ୍ତି। ବମ୍ବେର ପାଠକ କହିଲେ, ସେ ଜଣେ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣକାରୀ। ସେ କର୍ଣ୍ଣାଟକ ଯାଇଥିବା ବେଳେ ଦେଖିଲେ ସେଠାକାର ପୋଷାକ ଶିଳ୍ପରେ ଅନେକ ଓଡ଼ିଆ ଯୁବତୀ କାମ କରୁଛନ୍ତି। ପଶ୍ଚିମ ଓଡ଼ିଶାର ଆଉ ଜଣେ ପାଠକ କହିଲେ ତାଙ୍କ ଅଞ୍ଚଳରୁ ଲକ୍ଷେ ସଂଖ୍ୟାର ଯୁବତୀ ତାମିଲନାଡୁର ତିରୁପୁରର ପୋଷାକ ଶିଳ୍ପରେ କାମ କରୁଛନ୍ତି। କୋଭିଡ୍ ମହାମାରୀ ଯୋଗୁ କିଛିଦିନ ପାଇଁ ପୋଷାକ ଶିଳ୍ପ ବନ୍ଦପ୍ରାୟ ହୋଇଯାଇଥିବା ବେଳେ ଏବେ ପୁଣି ମୁଣ୍ଡ ଟେକିଲାଣି। ବିଶେଷକରି ଡାକ୍ତରୀ ଚିକିତ୍ସା ସମ୍ବନ୍ଧୀୟ ପୋଷାକର ଚାହିଦା ଏବେ ସାରା ବିଶ୍ୱରେ ବୃଦ୍ଧି ପାଇଛି। ଏବେ ବିଶ୍ୱର ଅନେକ ରାଷ୍ଟ୍ର ଚାଇନା ନିର୍ମିତ ପୋଷାକ ଉପରେ ବୀତସ୍ପୃହ। ସେମାନେ ଏବେ ଭାରତ ଆଡ଼େ ନଜର ପକାଇଛନ୍ତି। ତିରୁପୁର ପୋଷାକ ଶିଳ୍ପ ଏଇ ଭରପୂର ସୁଯୋଗ ଦେବାକୁ ଅଣ୍ଟାଭିଡ଼ି ଏବେ ପୋଷାକ ପ୍ରସ୍ତୁତିରେ ବିବିଧୀକରଣ କରି ବିଶ୍ୱ ବଜାରକୁ ଛାଡିବାକୁ ପ୍ରସ୍ତୁତ ହେଲାଣି। ସେଥିପାଇଁ ଓଡ଼ିଶାର ଯୁବତୀମାନେ ତିରୁପୁରକୁ ଫେରିବାକୁ ଆରମ୍ଭ କଲେଣି।

ଉପରୋକ୍ତ ପରୀପ୍ରେକ୍ଷୀରେ ଆମେ ଓଡ଼ିଶାରେ ପୋଷାକ ଶିଳ୍ପର ବିକାଶ ପାଇଁ କାହିଁକି ଗୁରୁତ୍ୱ ନ ଦେବା ? ଏହି ଲେଖକ ପ୍ରାୟ ଦୁଇ ବର୍ଷ ତଳେ ଶ୍ରୀଲଙ୍କା ଭ୍ରମଣରେ ଯାଇଥିବାବେଳେ ସେ ଦେଶର ଅର୍ଥନୀତି ଓ ଜନଜୀବନ ସମ୍ବନ୍ଧରେ ଜାଣିବାକୁ ପ୍ରୟାସ କରିଥିଲେ। ଶ୍ରୀଲଙ୍କାର ଜନସଂଖ୍ୟା ଆମ ଓଡ଼ିଶାର ଜନସଂଖ୍ୟାର ଅଧା ଆଉ କ୍ଷେତ୍ରଫଳ ମଧ୍ୟ ଅଧା। ଶ୍ରୀଲଙ୍କାରେ କପା ଚାଷ ପ୍ରାୟ ହୁଏନାହିଁ ଏବଂ ସୂତା ଓ ବସ୍ତ୍ର ଉତ୍ପାଦନ ସୀମିତ। କିନ୍ତୁ ଶ୍ରୀଲଙ୍କା ବାହାର ଦେଶରୁ କପଡ଼ା ଆମଦାନୀ କରି ତା'ର ପୋଷାକ ଶିଳ୍ପକୁ ଏପରି ସମୃଦ୍ଧ କରିଛି ଯେ, ନିଜ ଦେଶର ଚାହିଦାକୁ ମେଣ୍ଟାଇବା ପରେ ବିଶ୍ୱର ବଡ଼ ବଡ଼ ଉନ୍ନତ ରାଷ୍ଟ୍ରକୁ ପୋଷାକ ରପ୍ତାନି କରି ତା'ର ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ପ୍ରାୟ ୧୦ ଲକ୍ଷ ପାଖାପାଖି ଯୁବତୀଙ୍କୁ ପୋଷାକ ଶିଳ୍ପରେ ସମ୍ମାନଜନକ ନିଯୁକ୍ତି ଦେଇପାରିଛି। ସେହି ଝିଅମାନେ ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ସେମାନଙ୍କର ମାସିକ ବେତନ ଶ୍ରୀଲଙ୍କା ମୁଦ୍ରାରେ ୨୫ ହଜାରରୁ ୩୫ ହଜାର ପର୍ଯ୍ୟନ୍ତ। ଶ୍ରୀଲଙ୍କାରେ ଅନ୍ୟୂନ ମାସିକ ବେତନ ୧୩ ହଜାର ଟଙ୍କା। ମାସିକ ବେତନର ୩ ପ୍ରତିଶତ ଭବିଷ୍ୟନିଧି ଜମା ପାଆନ୍ତି। ଚାକିରି ଛାଡ଼ିବା ବେଳେ ସେମାନେ ଭବିଷ୍ୟନିଧି ଜମା ଉଠାଇ ନିଅନ୍ତି। ପୋଷାକ ଶିଳ୍ପରେ ନିଯୁକ୍ତି ଓ କାର୍ଯ୍ୟ ନିର୍ଘଣ୍ଟ ଅନ୍ତର୍ଜାତୀୟ ଶ୍ରମ ଆଇନ ଅନୁସାରେ ହୋଇଥାଏ। ୧୮ ବର୍ଷରୁ କମ୍ ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଏ ନାହିଁ। କର୍ମସ୍ଥଳୀକୁ ଆସିବାକୁ ଏମାନଙ୍କୁ ବାଟଖର୍ଚ୍ଚ ଦିଆଯାଏ ଏବଂ କେଉଁଠି କେଉଁଠି ମଧ୍ୟାହ୍ନ ଭୋଜନ ଦିଆଯାଏ। ଏହିସବୁ ପୋଷାକ ଶିଳ୍ପ ବଡ଼ ବଡ଼ ଶିଳ୍ପ ନୁହେଁ। ଏସବୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଏବଂ ଘରୋଇ ଉଦ୍ୟୋଗରେ ପ୍ରତିଷ୍ଠିତ। ଅବଶ୍ୟ ଅଳ୍ପ କେତୋଟି ବଡ଼ ପୋଷାକ ଶିଳ୍ପ ଅଛି। ଛୋଟ ଓ ମଧ୍ୟମ ପୋଷାକ ଶିଳ୍ପସବୁ ଉନ୍ନତ ଦେଶର ପୋଷାକ ଶିଳ୍ପ ସହ ଅନୁବନ୍ଧିତ। ସେମାନଙ୍କର ଆବଶ୍ୟକତା ଅନୁସାରେ ଏମାନେ ପୋଷାକ ପ୍ରସ୍ତୁତ କରି ପଠାନ୍ତି। ସେହି ବଡ଼ ବଡ଼ ବ୍ରାଣ୍ଡର ପୋଷାକ ଶିଳ୍ପଗୁଡ଼ିକ କାରିଗରି କୌଶଳ, ମେଶିନାରି ଆଦି ଯୋଗାଇ ଦେଇଥାନ୍ତି। ତାଲିମ ମଧ୍ୟ ଦିଅନ୍ତି।

ଶ୍ରୀଲଙ୍କାର ପୋଷାକ ଶିଳ୍ପ ସେ ଦେଶର ମୋଟ ଶିଳ୍ପ ଉତ୍ପାଦନର ୩୯ ପ୍ରତିଶତ ଉତ୍ପାଦନ କରେ। ଶ୍ରୀଲଙ୍କାରୁ ଯେତେ ଦ୍ରବ୍ୟ ରପ୍ତାନି ହୁଏ ପୋଷାକ ଶିଳ୍ପର ଭାଗ ୪୩ ପ୍ରତିଶତ। ଦକ୍ଷିଣ ପୂର୍ବ ଏସିଆରେ ଯେଉଁ ରାଷ୍ଟ୍ରସବୁ ପୋଷାକ ଉତ୍ପାଦନ କରୁଛନ୍ତି ସେମାନଙ୍କର ହାରାହାରି ମୁଣ୍ଡପିଛା ପୋଷାକ ରପ୍ତାନି ଯାହା ଶ୍ରୀଲଙ୍କାର ମୁଣ୍ଡପିଛା ରପ୍ତାନିର ସର୍ବାଧିକ। ପୋଷାକ ଶିଳ୍ପ ସେ ଦେଶର ନିଯୁକ୍ତି ସୁଯୋଗ ସୃଷ୍ଟି କଲାବେଳେ ଦେଶରୁ ଦାରିଦ୍ର୍ୟ ହଟାଇବାରେ ସହାୟକ ହେଉଛି। ଶ୍ରୀଲଙ୍କାରେ ଦାରିଦ୍ର୍ୟ ମାତ୍ରା ୭.୫ ପ୍ରତିଶତ।

ଆମ ରାଜ୍ୟରେ ଆମ୍ଭେ କାହିଁକି ପୋଷାକ ଶିଳ୍ପ ପ୍ରତି ଗୁରୁତ୍ୱ ଦେବା ନାହିଁ ? ଆମେ କପା ଉତ୍ପାଦନ କରୁଛୁ, ଆମର ବୁଣାକାର ଯେଉଁ ହସ୍ତତନ୍ତ କପଡ଼ା ବୟନ କରନ୍ତି ତାହା ବିଶ୍ୱବିଖ୍ୟାତ। ଆମ ରାଜ୍ୟରେ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି,ଯେଉଁ ଗୋଷ୍ଠୀଗୁଡ଼ିକର ସଦସ୍ୟ ସଂଖ୍ୟା ୭୦ ଲକ୍ଷ। ଏହି ଗୋଷ୍ଠୀରୁ ଦକ୍ଷ ମହିଳାଙ୍କୁ ମନୋନୀତ କରି ତାଲିମ ଦେଇ ପୋଷାକ ଶିଳ୍ପ ପାଇଁ ପ୍ରସ୍ତୁତ କରିହେବ। ଆମ ରାଜ୍ୟରେ ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଆଜିକାଲି ସବୁ ବର୍ଗର ଛାତ୍ରୀଛାତ୍ରମାନେ ୟୁନିଫର୍ମ ପିନ୍ଧୁଛନ୍ତି। ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ୟୁନିଫର୍ମ ଶାଢ଼ି ପିନ୍ଧୁଛନ୍ତି। ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସଫେଇ କର୍ମୀମାନେ ୟୁନିଫର୍ମ ପିନ୍ଧୁଛନ୍ତି। ତା'ଛଡା ଡାକ୍ତର, ନର୍ସମାନେ ଧଳା କପଡ଼ାର ଆପ୍ରନ ପିନ୍ଧୁଛନ୍ତି। ପ୍ରାଥମିକ ଉଦ୍ୟମରେ ଏମାନଙ୍କ ପୋଷାକ ଆମି ରାଜ୍ୟର ପୋଷାକ ଶିଳ୍ପରେ ପ୍ରସ୍ତୁତ ହେଲେ ଅନେକ ଲୋକ ନିଯୁକ୍ତି ପାଇପାରିବେ। ଏହିସବୁ ପୋଷାକରେ ବ୍ୟବହୃତ କପଡ଼ା ଓଡ଼ିଶାରେ ହଠାତ୍ ମିଳିବ ନାହିଁ। ପ୍ରଥମେ ବାହାରୁ ଆମଦାନୀ କରାଯାଇ ପର୍ଯ୍ୟାୟକ୍ରମେ ଆମ ବୁଣାକାରମାନେ ଯେପରି ସେହି କପଡ଼ା ହସ୍ତତନ୍ତରେ ବୁଣିପାରିବେ ତାହାର ବ୍ୟବସ୍ଥା ହେଉ। ରାଜ୍ୟ ଶିଳ୍ପ ବିଭାଗର ମୁଖ୍ୟ, ବୟନଶିଳ୍ପ ବିଭାଗ ମୁଖ୍ୟ ଓ ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣର ମୁଖ୍ୟ ଏକତ୍ର ବସି ବିଶେଷଜ୍ଞମାନଙ୍କ ପରାମର୍ଶରେ ଏକ ତିନିବର୍ଷିଆ ପୋଷାକ ଶିଳ୍ପ ବିକାଶ ଯୋଜନା ପ୍ରସ୍ତୁତ କରି ତାକୁ କାର୍ଯ୍ୟକାରୀ କରିବାକୁ ନିଷ୍ଠାପର ଉଦ୍ୟମ କରନ୍ତୁ। ଗୋଟିଏ ବିଶେଷଜ୍ଞ ପ୍ରତିନିଧି ଦଳ ଶ୍ରୀଲଙ୍କା ଏବଂ ତାମିଲନାଡୁର ତିରୁପୁର ଯାଇ ସେଠି ପୋଷାକ ଶିଳ୍ପ କିପରି କାର୍ଯ୍ୟକାରୀ ହେଉଛି ତାହା ଅନୁଧ୍ୟାନ କରି ସେଇ ଢାଞ୍ଚାରେ ଓଡ଼ିଶାରେ ପୋଷାକ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରନ୍ତୁ। ଯଦି ନିଷ୍ଠା ଓ ପ୍ରତିବଦ୍ଧତା ସହ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମାଧ୍ୟମରେ ଓଡ଼ିଶାରେ ପୋଷାକ ଶିଳ୍ପର ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୁଏ ହୁଏତ ଆସନ୍ତା ତିନି ବର୍ଷ ମଧ୍ୟରେ ୫ ଲକ୍ଷ ଯୁବତୀ ଏହି ଶିଳ୍ପରେ ସମ୍ମାନଜନକ ଭାବେ ନିଯୁକ୍ତି ପାଇବା ଅସମ୍ଭବ ହେବ ନାହିଁ। ରାଜ୍ୟରୁ ବେକାରି ହଟାଇବା ପାଇଁ ବିଭିନ୍ନ ପନ୍ଥା ମଧ୍ୟରୁ ପୋଷାକ ଶିଳ୍ପ ଅନ୍ୟ ଏକ ଉତ୍ତମ ପନ୍ଥା। ଆମେ ମଧ୍ୟ ବିଦେଶକୁ ପୋଷାକ ରପ୍ତାନିକରି ଆମ ଅର୍ଥନୀତିକୁ ସମୃଦ୍ଧ କରିପାରିବା।

ଏ–୫୦୨, ମୋତି ବ୍ଲକ, ତୋଷାଳି ଆପାର୍ଟମେଣ୍ଟ, ସତ୍ୟନଗର, ଭୁବନେଶ୍ୱର
ମୋ–୯୯୩୭୯୫୧୨୬୨

# ଭିଡ଼ମୁକ୍ତ ଓ ଅଭ୍ୟର୍ଥନାଯୁକ୍ତ ଭୋଜି



ଶୁଭନାରାୟଣ ଶତପଥୀ

କରୋନାର ସମୟ ଚାଲିଛି। ବାହାଘରରେ ଭିଡ ନ କରିବାକୁ ପଡିଛି ତାଲା। ଗହଳି ଚହଳି ଦିଶିବନି। ଡିଜେ, ମାଇକ ବାଜିବନି। ବନ୍ଧୁବାନ୍ଧବ ଆସିବେନି। ସାଙ୍ଗସାଥୀଙ୍କ ମେଳ ଜମିବନି। ଏଥିପାଇଁ ଆନୁଷ୍ଠାନିକ କାର୍ଯ୍ୟ ଆୟୋଜକଙ୍କ ମନ ଊଣା। କାରଣ ଗୋଟିଏ ବୋଲି ପୁଅ। ଲଭ୍ ମ୍ୟାରେଜ୍ କରିବ। ବାପା ଚିତ୍ରସେନଙ୍କର ଅପେକ୍ଷା। କାଳେ ଆଉ କିଛି ଦିନ ଗଲେ ଏ ପରିସ୍ଥିତି ସୁଧୁରିଯିବ। ପୂର୍ବଭଳି ବାହାଘରକୁ ଧୁମ୍‌ଧାମ୍‌ରେ ପାଳନ କରିବେ। ପୁଣି ମନରେ ଆସୁଛି ସଙ୍ଗେସଙ୍ଗେ ବାହାଘର ନ କଲେ ପୁଅ ଝିଅ ଯଦି ପଳେଇଯିବେ, ସିଏ ପୁଣି ଦୁଶ୍ଚିନ୍ତାର ଅନ୍ୟ ଏକ କାରଣ ହେବ। ଏହି ଡରରେ ବାପା ପୁଣି ବିନା ଭିଡରେ ବାହାଘର କରିବାକୁ ଅଣ୍ଟା ଭିଡିଛନ୍ତି। ଯା ଭିତରେ ସାମାଜିକ ସମ୍ମାନକୁ ଦୃଷ୍ଟିରେ ରଖି ଲଭ ମ୍ୟାରେଜ୍‌କୁ ଟାଣିଟୁଣି ଆରେଞ୍ଜ କରିବାକୁ ମନସ୍ଥ କରୁଛନ୍ତି। ଠିକ୍ ଏହି ସମୟରେ ଭଦ୍ରଲୋକ ବିଜୟବାବୁ କହିଲେ କଥା କ'ଣ କି କନ୍ୟାପିତା ଚାହୁଁଛନ୍ତି ଏଇ ମଉକାରେ କମ୍ ଭୋଜି ଖର୍ଚ୍ଚରେ ଖସିଯିବେ। ଆଉ ଝିଅପକ୍ଷ କହିଛନ୍ତି ପଚାଶ ଲୋକରୁ ଅଧିକ ବରଯାତ୍ରୀ ଯେମିତି ହେବେନି। କାରଣ ଉଭୟ ପକ୍ଷ ପଚାଶ ଲୋକରୁ ଊର୍ଦ୍ଧ୍ୱଲୋକଙ୍କୁ ନିମନ୍ତ୍ରଣ କରିବେନି ବୋଲି ଥାନାବାବୁଙ୍କୁ ପ୍ରତିଶ୍ରୁତି ଦେଇଆସିଛନ୍ତି।

ବାହାଘରରେ ଭୋଜି ଭିଡ କହିଲେ ମୁଖ୍ୟତଃ ବରଯାତ୍ରୀ ଓ ରିସେପ୍‌ସନ ଭୋଜିକୁ ନିମନ୍ତ୍ରିତ ଅତିଥିଙ୍କ ସଂଖ୍ୟାକୁ ହିଁ ବୁଝାଇଥାଏ। ମଧ୍ୟସ୍ଥତା କରୁଥିବା ଭଦ୍ରଲୋକ ବିଜୟବାବୁ ବାହାଘର ଦିନ କନ୍ୟାପିତାଙ୍କ ଘରେ ପହଞ୍ଚିଲେ। ଖନ୍ଦାଶାଳକୁ ଯାଇ ଯାହା ଦେଖିଲେ ତାଙ୍କର ସନ୍ଦେହ ହେଲା। କନ୍ୟାପିତାଙ୍କୁ ପଚାରିଲେ ଇଏ କେତେ ଜଣଙ୍କର ରୋଷେଇ ? କନ୍ୟାପିତା ଉତ୍ତର ଦେଲେ ଏଇ ଦଶ ତିରିଶ ଜଣଙ୍କର। କିନ୍ତୁ ଭଦ୍ରଲୋକ ଜାଣିପାରିଲେ ଯେ ଏହା ପ୍ରାୟ ଦୁଇଶହ ଲୋକଙ୍କ ନିମନ୍ତେ ରୋଷେଇ ହୋଇଛି। କନ୍ୟାପିତା କହିଲେ ହିଁ ହିସାବ କଲେ ହେବନି କି, ପଚାଶ ବରଯାତ୍ରୀ ବାଦେ ଆମ ଗାଁ ଲୋକେ, ବନ୍ଧୁବାନ୍ଧବ ଇତ୍ୟାଦି। ଯାଙ୍କୁ ତ ମୁଁ ଛାଡି ପାରିବିନିନା। କରୋନା ସଂକ୍ରମଣ କଥା ମନେଅଛି ତ, ଏହା କହି ଭଦ୍ରଲୋକ ଜଣକ ସେଠାରୁ ଚାଲିଗଲେ ? ବିବାହ ଓ ଭୋଜି ସରିଲା।

ଇତିମଧ୍ୟରେ କରୋନା ପୂର୍ବବର୍ତ୍ତୀ ସମୟର ଅନ୍ୟ ଏକ ଘଟଣା ବିଜୟବାବୁଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା। ଘଟଣାଟି ହେଉଛି, ଦୁଇବର୍ଷ ପୂର୍ବେ ବିଜୟବାବୁ ଏକ ବାହାଘର ଭୋଜିରେ ସାମିଲ ହେବାକୁ ପାଖ ଗାଁର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ତାଙ୍କୁ ଗେଟ୍ ପାଖରୁ ଦୁଇଜଣ ମହିଳା ଅଭ୍ୟର୍ଥନା ଜଣାଇଲେ। ପୁଅଝିଅଙ୍କୁ ଗିଫ୍ଟ ଦେବାପରେ ଭିତରକୁ ଯାଇ ଭୋଜିର ଭିଡ ଦେଖି ଭୟ କରିଗଲେ ବିଜୟବାବୁ। ଆଗକୁ ଯାଇ ଦେଖିଲେ ଅତିଥିଙ୍କ ନିମନ୍ତେ ଉଭୟ ଡାଇନିଂ ଟେବୁଲ ଓ ବଫେର ବ୍ୟବସ୍ଥା ହୋଇଛି। ବଫେ ଭୋଜିରେ ଲମ୍ବା ଲାଇନ ଦେଖି ବିଜୟବାବୁ ଡାଇନିଂ ଆଡକୁ ମୁହାଁଇଲେ। ବୁଝିବାରୁ ଜଣାପଡିଲା, ଡାଇନିଂର ଏହା ୪ନଂ. ବ୍ୟାଚର ଭୋଜନ ଚାଲିଛି। ୫ନଂ. ବ୍ୟାଚ ପାଇଁ ଅପେକ୍ଷାରତ ଅତିଥିମାନେ ଡାଇନିଂ ଟେବୁଲରେ ବସିଥିବା ଅତିଥିଙ୍କ ପଛପଟେ ଠିଆ ହୋଇଛନ୍ତି। ସତେଯେମିତି ବ୍ୟସ୍ତ ପ୍ରାୟ ଗ୍ରାହକମାନେ ଏକ ଭିଡ ହୋଟେଲ ଭିତରେ ଖାଦ୍ୟ ଗ୍ରହଣ ପାଇଁ ଲାଇନ୍ ଲଗାଇଛନ୍ତି। ଭଦ୍ରଲୋକଙ୍କ ମନରେ ପ୍ରଶ୍ନ ଉଠୁଥିଲା, ଅତିଥିଙ୍କୁ ସସମ୍ମାନ ଭୋଜନରେ ଆପ୍ୟାୟିତ କରିବା ବଦଳରେ ଆୟୋଜକଙ୍କ ଏ କି ପ୍ରକାର ଆୟୋଜନ ? ଲଜ୍ଜା ଅନୁଭବ କରି ଭଦ୍ରଲୋକ ବିଜୟବାବୁ ଗିଫ୍ଟ ପ୍ରଦାନ କରି ଘରକୁ ଫେରିଲେ। ଫେରିଲାବେଳେ ବିଶ୍ଲେଷଣ କରୁଥିଲେ, ଭୋଜିପର୍ବରେ ଅତିଥିଙ୍କୁ ଏ ଅଭ୍ୟର୍ଥନା କେତେ ଆନ୍ତରିକତାପୂର୍ଣ୍ଣ ? ଘରେ ପହଞ୍ଚି କାହାରିକୁ କିଛି ନ କହି ବେଡ୍‌ରୁମ୍‌କୁ ଗଲେ। ଉପରୋକ୍ତ ଦୁଇଟି ଘଟଣାରେ କର୍ତ୍ତାଙ୍କ ଭୋଜି ଆୟୋଜନରେ ଅସନ୍ତୁଷ୍ଟ ବିଜୟବାବୁ ହିସାବ କଲେ ଯେ, ଦୁଇଦିନ ପରେ ବର ପକ୍ଷର ରିସେପ୍‌ସନ ଭୋଜି। ଦେଖିବା ସେ କ'ଣ ବ୍ୟବସ୍ଥା କରିଛନ୍ତି।

ଅତିଥିଙ୍କ ଲମ୍ବା ତାଲିକାକୁ ବରପିତା ଚିତ୍ରସେନବାବୁ ଯେତିକି କାଟୁଥାନ୍ତି ତାଙ୍କ ପୁଅ ସେତିକି ଯୋଡି ଦେଉଥାଏ। ସେ ଯାହାହେଉ ଶେଷରେ ସାଙ୍ଗସାଥୀ ବନ୍ଧୁବାନ୍ଧବ, ପ୍ରିୟପରିଜନଙ୍କୁ ମିଶାଇ ତିନିଶହ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ ସେ। ଦୁଇଦିନ ପରେ ବିଜୟବାବୁ ଆନୁଷ୍ଠାନିକ ଭାବେ ବରପକ୍ଷଙ୍କ ରିସେପ୍‌ସନ ଭୋଜିରେ ଯୋଗଦେବାକୁ ଆସିଲେ। ଭୋଜିଦିନ ଭଦ୍ରଲୋକ ବିଜୟବାବୁ ଠିକ୍ ଦ୍ୱିପ୍ରହର ୧ଟାରେ ଚିତ୍ରସେନବାବୁଙ୍କ ଘରେ ପହଞ୍ଚିଲେ। ଭଦ୍ରଲୋକ ବୋଲି ଚର୍ଚ୍ଚା ଭିନ୍ନ ପ୍ରକାର ହେଉଥାଏ। ବିଜୟବାବୁ ଭୋଜିରେ ସାମିଲ ହେବାପରେ ବସି ଗପସପ କରୁକରୁ ଅପରାହ୍ନ ୩ଟା ହେଲାଣି। ସେ ଲକ୍ଷ୍ୟକଲେ ଭିଡ ଦ୍ୱିପ୍ରହର ୧ଟାରେ ଯେତିକିଥିଲା ବର୍ତ୍ତମାନ ବି ସେତିକି। ସନ୍ଦେହ ହେବାରୁ ଚିତ୍ରସେନବାବୁଙ୍କୁ ପଚାରିଲେ ଓ ଜାଣିବାକୁ ପାଇଲେ ଯେ ପଚାଶ ଜଣ ପ୍ରତି ଅଧ ଘଣ୍ଟା ଅନ୍ତରରେ ଅର୍ଥାତ୍ ଦୁଇଶହ ଅତିଥି ଭୋଜି ଖାଇ ସାରିଲେଣି। ଅର୍ଥାତ ନିମନ୍ତ୍ରଣ ସେହି ପ୍ରକାରର କରାଯାଇଛି। ଏଠାରେ ବି ଭଦ୍ରଲୋକ ଜଣଙ୍କ ସେହି ଏକା କଥା ଦୋହରାଇ କହିଲେ, କରୋନା ସଂକ୍ରମଣ କଥା ମନେଅଛି ତ ?

ଚିତ୍ରସେନବାବୁଙ୍କ ଭୋଜିର ଆୟୋଜନରେ ସରକାରୀ ନିର୍ଦ୍ଦେଶକୁ ଆଖିଠାର, ପ୍ରକାରାନ୍ତରେ ଭଦ୍ରଲୋକ ଓ ଅତିଥିଙ୍କ ନିମନ୍ତେ ସୁବିଧା ସୃଷ୍ଟି କରିପାରିଥିଲା। ସେଥିପାଇଁ ବିଜୟବାବୁ ଭୋଜିର ଆନନ୍ଦ ଉଠାଇପାରିଲେ ସିନା ଯୁକ୍ତିତଃ ଅନୁଭବ କରୁଥିଲେ ସାମାଜିକ ଓ ମାନସିକସ୍ତରର ବିଶୃଙ୍ଖଳାକୁ। କରୋନା କାଳରେ ମୃତ୍ୟୁର ତାଣ୍ଡବକୁ ଭ୍ରୂକ୍ଷେପ ନ କରି ଏମିତି ଅନେକ ଲୋକ ବାହାଘର, ବ୍ରତଘର, ଜନ୍ମଦିନ, ଶୁଦ୍ଧିକ୍ରିୟା କରିବାରେ ବ୍ୟସ୍ତ। ଏସବୁ ଆନୁଷ୍ଠାନିକ ବିଧିବିଧାନ। ବର୍ତ୍ତମାନ ପରିସ୍ଥିତିରେ କେବଳ ଆନୁଷ୍ଠାନିକ ବିଧି ସାମାନ୍ୟ ଅନୁପାଳନ ପୂର୍ବକ କାର୍ଯ୍ୟ ସମାପାନ କଲେ କ'ଣ ଅସୁବିଧା ହେବ ? ଏ ମାନସିକତା ନିଜ ଭିତରେ ନ ଆସିଲେ କରୋନାର କଳାବାଦଲ ସମାଜରୁ ହଟିବ ନାହିଁ। ଏପରି ମାନସିକତା ପାଇଁ ଶବ୍ଦ ଶୁଭୁନି ସିନା କିନ୍ତୁ ଭିଡ କମୁନି। ବଦଳୁନି ମାନସିକତା ବରଂ ବଦଳୁଛି ପାରିବାପଣିଆର ଚତୁରତା। ଚକମା ଦେଖାଇ ବିନା ଆଡମ୍ବର ଭିତରେ ବହୁ ଆଡମ୍ବରର ଗନ୍ଧ ସବୁଠି ବାରି ହୋଇଯାଉଛି। ସାହି, ପଡୋଶୀ, ଗାଁ, ସହରବାସୀ ସବୁ ଜାଣନ୍ତି। ତୁ ତ ମୂତୁରି ମୁଁ ବି ମୂତୁରି ନ୍ୟାୟରେ କିଏ ବା କାହା କଥା କହିବ ?

ଦିନକୁଦିନ କରୋନା ସଂକ୍ରମଣଜନିତ ରୋଗୀ ଓ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ସରକାରଙ୍କ ତରଫରୁ ନିଜେ ସତର୍କତା ଅବଲମ୍ବନ କରିବା ପାଇଁ ବାରମ୍ବାର ନିର୍ଦ୍ଦେଶ ଆସୁଛି। ସାମାଜିକ ଦୂରତା, ମୁଖା ପିନ୍ଧା, ଛେପ ନ ପକାଇବା, ଭିଡକୁ କମ୍ କରିବା ବଦଳରେ ଏସବୁ ଉଲଂଘନ କରି ଚାଲିଛି ଶିକ୍ଷିତ ମଣିଷ। ଜଣେ ସଂକ୍ରମିତ ଯେ ଶହ ଶହ ଲୋକଙ୍କୁ ଏହି ଆନୁଷ୍ଠାନିକ ଭିଡ ମାଧ୍ୟମରେ ସଂକ୍ରମିତ କରିପାରିବ, ଏକଥା ଭୁଲିବା ଉଚିତ ନୁହେଁ। ଭିଡ ଜମାଇ ନିଜର ପ୍ରତିଷ୍ଠା ଦେଖାଇବା ବୁଦ୍ଧିମତ୍ତା ନୁହେଁ ବରଂ ଭିଡକୁ ସୀମିତ କରି ଅତିଥିଙ୍କ ସ୍ୱାର୍ଥକୁ ଗୁରୁତ୍ୱଦେବା ହେଉଛି ପାରିବାପଣିଆ। ଏଥିପାଇଁ ନିଜେ ବ୍ୟକ୍ତିଗତ ଓ ଗୋଷ୍ଠୀ ସ୍ତରରେ ସଚେତନ ହେଲେ କରୋନାକୁ ରୋକାଯାଇପାରିବ ଓ ଏ ଉଦ୍ୟମ ଭବିଷ୍ୟତରେ ଏକ ଭିଡମୁକ୍ତ, ଅଭ୍ୟର୍ଥନାଯୁକ୍ତ ଭୋଜି ଆୟୋଜନର ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ–୯୪୩୮୪୩୨୦୨୩

## ଏଇ ଭାରତରେ

ତେଲଙ୍ଗାନାର ଜଣେ ସରକାରୀ ଅଧିକାରୀ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ତସ୍‌ଲିମା ମହମ୍ମଦ ତେଲଙ୍ଗାନାର ମୁଲୁଗୁ ଓ ଜୟଶଙ୍କର ଭୁପାଲପାଲି ଭଳି ଦୁଇ ଅନଗ୍ରସର ଜିଲାରେ ସବ୍–ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରନ୍ତି। ୩୪ ବର୍ଷୀୟ ଏହି ଯୁବ ଅଧିକାରୀ ରବିବାର ଦିନ ଚାଷୀମାନଙ୍କ ବିଲରେ କାମ କରି ୨୫୦ରୁ ୩୦୦ ଟଙ୍କା ଯାଏ ରୋଜଗାର କରନ୍ତି। ଏହି ଟଙ୍କାକୁ ସେ ଅସହାୟମାନଙ୍କୁ ଦେଇଥାନ୍ତି। ଅନେକ ସମୟରେ ଗରିବ ଚାଷୀଙ୍କୁ ବି ଏହା ଦିଅନ୍ତି। ସେ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏ ବିଲରେ କାମକରନ୍ତି। ତସ୍‌ଲିମା ହଳ ବୁଲାଇବାଠାରୁ ଆରମ୍ଭ କରି ଅନ୍ୟସବୁ କାର୍ଯ୍ୟ କରିଥାନ୍ତି। ସେ ଏହି କାମ ୬ ବର୍ଷ ହେବ କରିଆସୁଛନ୍ତି। ସରକାରଙ୍କ କୃଷି ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରୁଛନ୍ତି। ତସ୍‌ଲିମାଙ୍କ ବାପାଙ୍କୁ ମାଓବାଦୀ ହତ୍ୟା କରିବା ପରେ ତାଙ୍କ ମା' ଚାଷ କରି ପରିବାର ଚଳାଇବା ସହ ତାଙ୍କ ପରୀକ୍ଷା ପାଇଁ କୋଚିଂ ଫି ଯୋଗାଇ ଦେଇଥିଲେ। ସରକାରୀ ଚାକିରି ପାଇବା ପରେ ମା'ଙ୍କ ପ୍ରେରଣାରେ ସେ ଅସହାୟଙ୍କୁ ସାହାଯ୍ୟ କରୁଛନ୍ତି। ଅନାଥ ପିଲାମାନଙ୍କୁ ପଢିବା ଲାଗି ନିଜ ରୋଜଗାରରୁ ସାହାଯ୍ୟ ଯୋଗାଇ ଦେଉଛନ୍ତି। ୧୭ ଜଣ ଏଭଳି ପିଲାଙ୍କ ଜୀବନ ଗଢିପାରିଛନ୍ତି। ଚାଷକାମରେ ପରିବାରକୁ ସାହାଯ୍ୟ କରିବା ଲାଗି ପ୍ରାୟ ୩୦୦ ଛାତ୍ର ଓ ଯୁବକଙ୍କୁ ଉତ୍ସାହିତ କରିପାରିଛନ୍ତି। ଲକ୍‌ଡାଉନ ସମୟରେ ଗରିବ ପିଲାମାନଙ୍କୁ ପଢ଼ାଇବା ଲାଗି ଘରୋଇ ଶିକ୍ଷକଙ୍କୁ ପ୍ରେରିତ କରିଛନ୍ତି। ସରକାରୀ କାମ କରିବା ପରେ ସାମାଜିକ ସ୍ତରରେ ଏଭଳି ସେବା ତାଙ୍କୁ ଅଧିକ ଆନନ୍ଦ ଦିଏ ବୋଲି କହନ୍ତି ତସ୍‌ଲିମା।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୯୫

- ନିର୍ବାସନରେ ଥିବା କୌଣସି ଆମେରିକୀୟ ଓ ବିଦେଶୀ ନାଗରିକଙ୍କୁ ଆମେରିକା ସରକାର ପ୍ରତ୍ୟର୍ପଣ କରି ଆଣିପାରିବେ ନାହିଁ ବୋଲି ଜିଲା ଜଜ୍ ରୟର୍ସ ଲାମବେର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି।
- ବାହାରିନ୍ ମଧ୍ୟକୁ ପଶି ଆସିଥିବା ବେଆଇନ୍ ଅନୁପ୍ରବେଶକାରୀଙ୍କୁ ସରକାର ୩ ମାସ ପର୍ଯ୍ୟନ୍ତ କ୍ଷମା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 1 | | | | D | 2 | 0 | | C | | E | 8 |
| 4 | | | 9 | C | | 6 | 3 | | | | | | | |
| | | | | E | | | | 5 | 2 | | | | | |
| | | | | | | | | B | 1 | 6 | | A | 5 | 7 |
| | B | | | | | | | | | | 4 | | 0 | |
| | 9 | | | A | | | | | 3 | | | | C | |
| | 8 | | 2 | | | | 5 | | | 0 | | | B | |
| | | D | | 6 | | E | 4 | | A | 2 | | | | |
| | 5 | 2 | | 7 | | 0 | | 6 | C | E | 8 | 3 | | |
| | | | | | | 2 | 7 | | 4 | | B | | 6 | |
| | | | | | D | | | | 6 | 7 | | | 3 | |
| E | 7 | 3 | B | | | | 1 | D | | C | | | 4 | |
| | | 0 | 4 | 2 | | | | A | | | 9 | 6 | | |
| B | | | 0 | 8 | | | 9 | | | | | 5 | | |
| | D | | | | C | | | | 8 | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 7 | 2 | 1 | E | 5 | D | B | 3 | A | 4 | 9 | 0 | C | 8 |
| 3 | B | E | 0 | 8 | 9 | A | C | 2 | 5 | 7 | 6 | 4 | D | 1 |
| A | 0 | 1 | 4 | 3 | D | 6 | 5 | 9 | C | 8 | B | 7 | E | 2 |
| D | 4 | C | A | B | 6 | 7 | 8 | 1 | 0 | E | 2 | 5 | 3 | 9 |
| 5 | 8 | 9 | 2 | 7 | C | 4 | E | 0 | D | 1 | 3 | B | 6 | A |
| 9 | E | 5 | C | 6 | 0 | 2 | 4 | D | 3 | A | 7 | 1 | 8 | B |
| 7 | D | 4 | 9 | 1 | 2 | E | 3 | 8 | 6 | B | 0 | A | 5 | C |
| C | 2 | B | E | 5 | 8 | 0 | A | 7 | 9 | D | 1 | 6 | 4 | 3 |
| 8 | 6 | 3 | D | A | B | C | 1 | 5 | E | 2 | 4 | 9 | 0 | 7 |
| 0 | 1 | A | 7 | 4 | 3 | 9 | 6 | B | 8 | 5 | C | E | 2 | D |
| E | C | 8 | 3 | 9 | 1 | B | 7 | 4 | 2 | 6 | 5 | D | A | 0 |
| B | 3 | 7 | 6 | 2 | A | 1 | D | E | 4 | 0 | 8 | C | 9 | 5 |
| 1 | A | 6 | 5 | 0 | 4 | 8 | 9 | C | B | 3 | D | 2 | 7 | E |
| 2 | 5 | D | B | C | E | 3 | 0 | 6 | 7 | 9 | A | 8 | 1 | 4 |
| 4 | 9 | 0 | 8 | D | 7 | 5 | 2 | A | 1 | C | E | 3 | B | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏକଛତ୍ରବାଦ କାର୍ଯ୍ୟ ଜୀବଜଗତକୁ ଧ୍ୱଂସାଭିମୁଖୀ କରୁଛି

ମହାଶୟ,

ବୃକ୍ଷକୁ ଆମେ ପୂଜା କରୁଛୁ। ପ୍ରକୃତରେ ବୃକ୍ଷ ଯୋଗୁ ହିଁ ଜୀବଜଗତ ତଥା ସମୁଦାୟ ପ୍ରକୃତି ସୁରକ୍ଷିତ ରହିପାରୁଛି। ଖାଦ୍ୟ, ପାନୀୟ ,ପୋଷାକ, ବାସଗୃହ, ଆସବାବପତ୍ର, ଔଷଧ ଆଦି ପ୍ରତ୍ୟେକ ସାମଗ୍ରୀ ବୃକ୍ଷବନ୍ଧୁ ଯୋଗାଇଦେଉଛି। ସମୁଦାୟ ପରିବେଶକୁ ସୁସ୍ଥ ଏବଂ ସନ୍ତୁଳିତ ରଖିପାରିଛି। ମାତ୍ର ଅବିବେକୀ ମଣିଷ ବୃକ୍ଷର ଉପକାରିତାକୁ ଭୁଲିଯାଉଛି। ଅବିଚାରିତ ବୃକ୍ଷଛେଦନ କରିଚାଲିଛି । ରାସ୍ତା ପ୍ରଶସ୍ତୀକରଣ, ସହରୀକରଣ, କଳକାରଖାନା ସ୍ଥାପନ, ରେଳରାସ୍ତା ନିର୍ମାଣ, ଦୋକାନ ବଜାର ସ୍ଥାପନ ଆଦି ଦ୍ରୁତ ବେଗରେ ଚାଲୁଅଛି। ଫଳରେ ନିମିଷକ ମଧ୍ୟରେ ଲୋଟି ପଡୁଛନ୍ତି ଛୋଟବଡ଼ ବୃକ୍ଷରାଜି। ବିପଦ ମାଡ଼ିଆସୁଛି ପ୍ରତିମୁହୂର୍ତ୍ତରେ। ବଜ୍ରପାତରୁ ରକ୍ଷା କରୁଥିବା ବଡ଼ ବଡ଼ ବୃକ୍ଷ ତାଳଗଛ ଆଉ ନାହିଁ। ତାପମାତ୍ରା ବୃଦ୍ଧି ସହିତ ବୃଷ୍ଟିପାତର ପରିମାଣ ଦିନକୁ ଦିନ ହ୍ରାସ ପାଉଛି। ବର୍ଷସାରା ଗରମ ଅନୁଭୂତ ହେଉଛି। ବୃକ୍ଷ ଛେଦନର ପ୍ରତିବାଦ କେହି କରୁନାହାନ୍ତି। ଯେଉଁମାନ ବି କରୁଛନ୍ତି, ସେମାନଙ୍କର ସ୍ୱର କ୍ଷୀଣ। ବୃକ୍ଷ ଛେଦନ କରିବା ପୂର୍ବରୁ ତିନି ଚାରିଗୁଣ ଚାରା ଲଗାଇ ଯତ୍ନନେବା ଆବଶ୍ୟକ। କେବଳ ନାମକୁ ମାତ୍ର ବୃକ୍ଷରୋପଣ କରାଯାଉଛି। ସରକାର ଏଥିପ୍ରତି ଦୃଷ୍ଟିଦେବା ଦରକାର।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଗତେ ଜାଗିଛି ଜୀବନ ଖେଳ
ଦେଖଲୋ ନାରୀ
କେତେକାଳ ହୀନ ବେପାରେ ଥିବୁ
ନୟନ ଠାରି।
(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଏଏସ୍‌ଆଇ ତାଡ଼ିଦେଲେ ଦ୍ୱିତୀୟ ସ୍ତ୍ରୀଙ୍କ ଆଖି

**ମାଲକାନଗିରି, ୧୮।୯(ଡି.ଏନ୍.ଏ.):** ପାରିବାରିକ କଳହ ଯୋଗୁ ରାଗରେ ଜଣେ ଏଏସ୍‌ଆଇ ଦ୍ୱିତୀୟ ସ୍ତ୍ରୀଙ୍କ ଆଖି ତାଡିଦେବା ଭଳି ଘଟଣା ଶୁକ୍ରବାର ମାଲକାନଗିରି ସହରରେ ଘଟିଛି। ପୀଡିତା ସୁନାମଣୀ କାନ୍ତାରୀ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏଏସ୍‌ଆଇ ଏବେ ଫେରାର ଅଛନ୍ତି। ପ୍ରକାଶ ଯେ, ଏଏସ୍‌ଆଇ ଚନ୍ଦ୍ରଶେଖର ହାଜାରୀ ମାଲକାନଗିରି ଥାନାରେ କାର୍ଯ୍ୟରତ। ସ୍ଥାନୀୟ ଆଶୀର୍ବାଦ କଲୋନୀରେ ଦ୍ୱିତୀୟ ସ୍ତ୍ରୀ ସୁନାମଣୀ କାନ୍ତାରୀଙ୍କ ସହ ସେ ରହୁଛନ୍ତି। ଶୁକ୍ରବାର ତାଙ୍କ ପ୍ରଥମ ସ୍ତ୍ରୀ କୋରାପୁଟରୁ ସେଠାରେ ଆସି ପହଞ୍ଚିବା ପରେ ସୁନାମଣୀଙ୍କ ସହ ପାଟିତୁଣ୍ଡ ଆରମ୍ଭ କରିଥିଲେ। ଉଭୟଙ୍କ ପାଟିତୁଣ୍ଡରେ ଉତ୍ତ୍ୟକ୍ତ ହୋଇ ଏଏସ୍‌ଆଇ ହାଜାରୀ ସୁନାମଣୀଙ୍କ ଆଖିକୁ ଏକ ଛୁରିରେ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରୁ ଏଏସ୍‌ଆଇ ଫେରାର ହୋଇଯାଇଥିଲେ। ପଡୋଶୀମାନେ ଘଟଣା ସମ୍ପର୍କରେ ଜାଣିପାରି ସୁନାମଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ସୁନାମଣୀଙ୍କ ଆଖିଡୋଳା ନଷ୍ଟ ହୋଇଯିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଏବେ କଲୋନୀବାସୀ ମାଲକାନଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ମାଲକାନଗିରି ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନି। ଥାନାରେ ଏତଲା ପରେ ଏହାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ରାମପ୍ରସାଦ ନାଗ କହିଛନ୍ତି।

### ଛାତ୍ରୀଛାତ୍ରଙ୍କୁ ମାଗଣାରେ ମିଳିବ ପ୍ରେସ୍କ୍ରିପସନ ଲେଖିବା ତାଲିମ

**କଟକ ଅଫିସ, ୧୮।୯:** ମେଡିକାଲ ଶେଷ ବର୍ଷ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ନିର୍ଭୁଲ ପ୍ରେସ୍କ୍ରିପସନ୍ ଲେଖିବା ଦକ୍ଷତା ବୃଦ୍ଧି ପାଇଁ ଆଇ.ସି.ଏମ୍.ଆର(ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ) ଏକ ୩ ମାସିଆ ଅନ୍‌ଲାଇନ କୋର୍ଷ ପ୍ରଚଳନ କରିବ। ଏଥିରେ ପ୍ରେସ୍କ୍ରିପସନ୍ ଲେଖିବାର ବିଭିନ୍ନ ଦିଗ ସହ ପ୍ରେସ୍କ୍ରିପସନ୍ ଲେଖିବାବେଳେ କ'ଣ କରିବା ଓ କ'ଣ ନ ଲେଖିବା ଦରକାର ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବା ପାଇଁ ବିସ୍ତୃତ ଭାବେ ସ୍ଥାନ ଦିଆଯିବ। ଏହି କୋର୍ଷରେ ୨୦ ମିନିଟ୍‌ର ୪୦ଟି ଭିଡିଓ ଲେକ୍‌ଚର୍ କ୍ଲିପ ସ୍ଥାନ ପାଇବ ବୋଲି ଆଇସିଏମ୍‌ଆର ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ କୌଣସି ଦେୟ ଦେବାକୁ ପଡିବ ନାହିଁ ବୋଲି ଆଇସିଏମ୍‌ଆର ସ୍ପଷ୍ଟ କରିଛି। କେବଳ ଛାତ୍ରୀଛାତ୍ରମାନେ ବର୍ତ୍ତମାନ ଠାରୁ ଅନ୍‌ଲାଇନ୍ ପଞ୍ଜୀକରଣ କରି ଅକ୍ଟୋବର ୪ ଓ ୧୧ରେ ହେବାକୁ ଥିବା କୁଇଜ୍ ଟେଷ୍ଟରେ ଭାଗ ନେବାକୁ ପଡିବ। ପରେ ସେମାନଙ୍କୁ ଏହି କୋର୍ଷରେ ଭାଗ ନେବା ପାଇଁ ଅନୁମତି ଦିଆଯିବ। ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ତାଲିମ ଡିସେମ୍ବର ୩୦ ତାରିଖରେ ଶେଷ ହେବ। ସଫଳ ଭାବେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଆଇସିଏମ୍‌ଆର ଦ୍ୱାରା ତାଲିମ ପ୍ରମାଣ ପତ୍ର ଦିଆଯିବ।

# ହୋମ୍ ଆଇସୋଲେଶନରେ ୭୦% ଆକ୍ରାନ୍ତ

- ଆକ୍ରାନ୍ତଙ୍କୁ ମିଳିବ ଡାକ୍ତରୀ ପରାମର୍ଶ
- ପ୍ରଶ୍ନ ପଚାରି ପାରିବେ ସାଧାରଣ ଲୋକ
- ଜାରି ହେଲା ହ୍ୱାଟ୍ସଆପ୍ ନଂ.୯୯୩୭୫ ୬୪୦୬୬

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ଦେଶ ତୁଳନାରେ ରାଜ୍ୟରେ କରୋନା ସ୍ଥିତି ଭଲ ରହିଛି। ଓଡ଼ିଶାରେ କରୋନା ମୃତ୍ୟୁ ହାର ସାରା ଦେଶରେ କମ୍ ରହିଛି। ରାଜ୍ୟରେ ପ୍ରତିଦିନ ୫୦ହଜାରରୁ ଅଧିକ କୋଭିଡ୍ ଟେଷ୍ଟ କରାଯାଉଛି। ଆରୋଗ୍ୟ ହାର ୭୮% ଥିବାବେଳେ ମୃତ୍ୟୁ ହାର ୦.୪% ରହିଛି। ଏବେ ମଧ୍ୟ ରାଜ୍ୟର ୭୦% ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ଅଛନ୍ତି। ହୋମ୍ ଆଇସୋଲେଶନରେ ଥିବା ଅଧିକାଂଶ ଆକ୍ରାନ୍ତ ଆରୋଗ୍ୟ ହେଉଛନ୍ତି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି।

ଶୁକ୍ରବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଅଧିକାଂଶ ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ରହିବାକୁ ପସନ୍ଦ କରୁଥିବାରୁ ସେମାନେ କିପରି ଉପଯୁକ୍ତ ସୂଚନା ଓ ସେବା ପାଇପାରିବେ ସେ ଦିଗରେ ସରକାର ଏକ ନିଷ୍ପତ୍ତି ନେଇଛନ୍ତି। ହୋମ୍ ଆଇସୋଲେଶନର ସୁବିଧା ଓ ଅସୁବିଧା ସମ୍ପର୍କରେ ଏକ ସପ୍ତାହ ଧରି ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହେବ। ଆସନ୍ତା ୭ଦିନ ପର୍ଯ୍ୟନ୍ତ ଅପରାହ୍ନ ସାଢ଼େ ୪ଟାରେ ବିଶେଷଜ୍ଞମାନେ ପରାମର୍ଶ ଦେବେ। ଇଚ୍ଛୁକ ବ୍ୟକ୍ତି ଡାକ୍ତରଙ୍କୁ ପ୍ରଶ୍ନ ପଚାରିପାରିବେ। ସେଥିପାଇଁ ରାଜ୍ୟ ସରକାର ଶୁକ୍ରବାର ଏକ ହ୍ୱାଟ୍ସଆପ୍ ନଂ. ୯୯୩୭୫ ୬୪୦୬୬ ଜାରି କରିଛନ୍ତି। ଦୈନିକ ଅପରାହ୍ନ ୩ଟାରୁ ସାଢ଼େ ୩ଟା ମଧ୍ୟରେ ଲୋକେ ପ୍ରଶ୍ନ କରିପାରିବେ ବୋଲି ଶାଳିନୀ ପଣ୍ଡିତ କହିଛନ୍ତି।

ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ବରିଷ୍ଠ ଡା. ଅମରେନ୍ଦ୍ରନାଥ ମହାନ୍ତି ଉପସ୍ଥିତ ରହି କହିଲେ, ସବୁ କୋଭିଡ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ନାହିଁ। ଲକ୍ଷଣ ନ ଥିବା ଏବଂ କମ୍ ଲକ୍ଷଣ ଥିବା ରୋଗୀ ଘରେ ରହି ମଧ୍ୟ ଚିକିତ୍ସିତ ହୋଇପାରିବେ। ହୋମ ଆଇସୋଲେଶନରେ ଥିବାବେଳେ ଲକ୍ଷଣ ଦେଖିଲେ ପ୍ରଶାସନକୁ ଜଣାଇବା ଆବଶ୍ୟକ। ସେମାନଙ୍କୁ ଦିଆଯାଉଥିବା ମାଗଣା କିଟ୍‌ରେ ଔଷଧ, ସୂଚନା, ପୁସ୍ତିକା ଓ ଫୋନ ନମ୍ବର ଦିଆଯାଉଛି। ଘରେ ରହିଲେ ରୋଗୀ ପରିବାର ଲୋକଙ୍କଠାରୁ ଭଲ ସେବା ପାଇପାରିବେ। କିନ୍ତୁ ସେମାନେ ଯଦି ହସ୍ପିଟାଲରେ ରହିବ ଅନ୍ୟମାନଙ୍କୁ ଦେଖି ମନୋବଳ ଭାଙ୍ଗିଯିବ। ତେଣୁ ହୋମ ଆଇସୋଲେଶନରେ ରହି କୋଭିଡ୍ ବିରୋଧରେ ଲଢ଼େଇ ଜାରି ରଖିପାରିବା। ତେବେ ହୋମ ଆଇସୋଲେଶନରେ ଥିବାବେଳେ ଲକ୍ଷଣ ଦେଖିଲେ ପ୍ରଶାସନକୁ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ।

ଡିଏମଇଟି ଡା. ସି.ବି.କେ. ମହାନ୍ତି କହିଲେ, ବର୍ତ୍ତମାନ ସୁଦ୍ଧା କରୋନା ଚିକିତ୍ସାର ମୂଳ ଜିନିଷ ହେଲା ପ୍ରାଥମିକ ଅବସ୍ଥାରେ ଚିହ୍ନଟ ହେବା। ଲକ୍ଷଣ ଦେଖାଗଲେ ଆକ୍ରାନ୍ତଙ୍କୁ ହସ୍ପିଟାଲ ନେଇଯିବା ଏବଂ ସାବଧାନ ହେଲେ ରୋଗରୁ ବର୍ତ୍ତିପାରିବା। କାଶିବା, ଛିଙ୍କିବା, ପଜିଟିଭ ସଂସ୍ପର୍ଶରେ ଆସିଲେ କରୋନା ସଂକ୍ରମିତ ହେବାର ଆଶଙ୍କା ରହିଛି। ୮୦ ପ୍ରତିଶତ ରୋଗୀ ଲକ୍ଷଣହୀନ। ହୋମ ଆଇସୋଲେଶନରେ ଥିବାବେଳେ ଆକ୍ରାନ୍ତ ପ୍ରଚୁର ପାଣି ପିଇବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ଦିନକରେ ୪୧୮୦ ପଜିଟିଭ୍, ୧୩ ମୃତ, ୪୧୦୧ ସୁସ୍ଥ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ରାଜ୍ୟରେ ଶେଷ ୨୪ ଘଣ୍ଟାରେ ଆଉ ୪,୧୮୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧ କେନ୍ଦ୍ରରୁ ୨,୪୬୬ଜଣ ଥିବାବେଳେ ସ୍ଥାନୀୟ ଅଞ୍ଚଳରୁ ୧,୭୧୪ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧,୭୧,୩୪୧କୁ ବୃଦ୍ଧି ପାଇଛି।

ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୬୮୮ଜଣ ରହିଥିବାବେଳେ କଟକରୁ ୪୯୨, ଯାଜପୁର ୧୮୪, ସୁନ୍ଦରଗଡ଼ ଓ ପୁରୀରୁ ୧୬୬ଜଣ ଲେଖାଏ, ମୟୂରଭଞ୍ଜ ୧୬୩, ରାୟଗଡ଼ା ୧୬୦, ଅନୁଗୋଳ ୧୫୫, ବାଲେଶ୍ୱର ୧୩୩, ସମ୍ବଲପୁର ୧୨୭, ଜଗତସିଂହପୁର ୧୨୩, କେନ୍ଦ୍ରାପଡ଼ା ୧୨୧, ବରଗଡ଼ ୧୦୦ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଥିବାବେଳେ ଦେବଗଡ଼ରୁ ସର୍ବନିମ୍ନ ୧୦ ଜଣ ରହିଛନ୍ତି। ଅନ୍ୟପଟେ ରାଜ୍ୟରେ ଆଉ ୧୩ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ୮ଜଣ ପୁରୁଷ ଥିବା ବେଳେ ୫ ଜଣ ମହିଳା ରହିଛନ୍ତି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩ଜଣ ଥିବାବେଳେ କେନ୍ଦ୍ରାପଡ଼ା ଓ ପୁରୀରୁ ୨ଜଣ ଲେଖାଏ, ବରଗଡ଼, ବଲାଙ୍ଗୀର, କଟକ, ଗଜପତି, କନ୍ଧମାଳ ଓ ମୟୂରଭଞ୍ଜରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୬୮୨କୁ ବୃଦ୍ଧି ପାଇଛି। ସେପଟେ ଆଉ ୪,୧୦୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୧,୩୭,୫୬୭ରେ ପହଞ୍ଚିଛି।

ବର୍ତ୍ତମାନ ରାଜ୍ୟରେ କରୋନା ନମୁନା ପରୀକ୍ଷା ଆର୍‌ଟି-ପିସିଆର୍, ଆଣ୍ଟିଜେନ୍ ଓ ଟ୍ରୁନାଟ୍ ପଦ୍ଧତିରେ କରାଯାଉଛି। ଶେଷ ୨୪ଘଣ୍ଟାରେ ରାଜ୍ୟରେ ୪୮,୧୪୬ କରୋନା ନମୁନା ପରୀକ୍ଷା କରାଯାଇଛି। ଏଥିମଧ୍ୟରୁ ୮,୪୦୭ଟି ଆର୍‌ଟିପିସିଆର୍ ଓ ୩୯,୬୨୮ ଆଣ୍ଟିଜେନ ଟେଷ୍ଟ ଓ ଟ୍ରୁନାଟ୍‌ରେ ୧୧୧ଟି କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁକ୍ତ୨ ପ୍ରଥମ କଟ୍ ଅଫ୍ ମାର୍କ ପ୍ରକାଶ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

## ୨୧ରୁ ନାମଲେଖା

ଯୁକ୍ତ୨ ନାମଲେଖା ପାଇଁ ଶୁକ୍ରବାର ପ୍ରଥମ କଟ୍‌ଅଫ୍ ମାର୍କ ପ୍ରକାଶ ପାଇଛି। ଚଳିତବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍‌ଶା ଜୁନିୟର କଲେଜ ପ୍ରଥମ ସ୍ଥାନରେ ରହିଛି। ବିଜ୍ଞାନରେ ୮୯% ସହ ରେଭେନ୍‌ଶା ଆଗରେ ରହିଥିବାବେଳେ ଦ୍ୱିତୀୟରେ ଥିବା ବିଜେବି କଲେଜ ୮୮.୬% ଓ ବ୍ରହ୍ମପୁରର ସରସ୍ୱତୀ ବିଦ୍ୟାମନ୍ଦିର କଲେଜ ୮୬.୬୭% ସହ ତୃତୀୟ ସ୍ଥାନରେ ରହିଛି। କଳାରେ ରେଭେନ୍‌ଶା ଜୁନିୟର କଲେଜରେ ୭୨.୫% କଟ୍ ଅଫ୍ ମାର୍କ ରହିଛି। ଦ୍ୱିତୀୟରେ ବିଜେବି କଲେଜ ଥିବାବେଳେ କଟ୍ ଅଫ୍ ମାର୍କ ୭୧.୮୩% ରହିଛି। ଏହାବ୍ୟତୀତ ୬୭.୮୩% ସହ ତୃତୀୟରେ ରାଉରକେଲା ସରକାରୀ ଜୁନିଅର କଲେଜ ରହିଛି। ସେହିପରି ବାଣିଜ୍ୟରେ ୭୫.୮୩% ସହ ପ୍ରଥମ ସ୍ଥାନରେ ରେଭେନ୍‌ଶା ଜୁନିୟର କଲେଜ ରହିଥିବାବେଳେ ଦ୍ୱିତୀୟରେ ଥିବା ରାଉରକେଲା ସରକାରୀ ଜୁନିଅର କଲେଜର ୭୫.୫% ସହ ରହିଥିବା ବେଳେ ବାଣିଜ୍ୟରେ ୭୪% ସହ ତୃତୀୟରେ ବିଜେବି ଜୁନିଅର କଲେଜ ରହିଛି।

ସୂଚନାଯୋଗ୍ୟ, ଯୁକ୍ତ୨ରେ ନାମଲେଖା ପାଇଁ ୩,୮୪,୨୭୯ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୩,୪୭,୬୨୬ଜଣ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କରେ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଳାରେ ୨,୨୩,୫୭୫ଜଣ, ବିଜ୍ଞାନରେ ୮୪,୬୮୯, ବାଣିଜ୍ୟରେ ୨୫,୦୬୨, ସଂସ୍କୃତରେ ୮,୪୩୮ ଓ ଧନ୍ଦାମୂଳକ ଶିକ୍ଷାରେ ୫,୭୬୨ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୨୧ରୁ ୨୬ ତାରିଖ ମଧ୍ୟରେ ନାମ ଲେଖାଇବେ। ଏ ସମ୍ପର୍କିତ ସମସ୍ତ ତଥ୍ୟ ଷ୍ଟୁଡେଣ୍ଟସ ଏକାଡେମିକ ସିଷ୍ଟମ(ସାମ୍ସ)ର ୱେବ୍‌ସାଇଟ୍ http://samsodisha.gov.inରେ ରହିଛି।

# ୪ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ର ଉପକୂଳ ଏବଂ ଦକ୍ଷିଣ ଓଡିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଏବଂ ରାୟଗଡା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରିରେ ୬୨.୨, ଫୁଲବାଣୀରେ ୩୬.୬ ଏବଂ ପାରାଦୀପରେ ୭.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ଶ୍ରେଷ୍ଠ ୧୦ କଲେଜର କଟ୍ ଅଫ୍ ମାର୍କ

| | |
|---|---|
| **କଳା** | |
| ରେଭେନ୍‌ଶା କଲେଜ, କଟକ | ୭୨.୫% |
| ବିଜେବି କଲେଜ, ଭୁବନେଶ୍ୱର | ୭୧.୮୩% |
| ସରକାରୀ କଲେଜ, ରାଉରକେଲା | ୬୭.୮୩% |
| ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ | ୬୭.୩୩% |
| ଜାତୀୟ କବି ବୀର କିଶୋର ସରକାରୀ କଲେଜ, କଟକ | ୬୬.୩୩% |
| ସାମନ୍ତ ଚନ୍ଦ୍ର ଶେଖର କଲେଜ, ପୁରୀ | ୬୬.୩୩% |
| ଭଦ୍ରକ କଲେଜ, ଭଦ୍ରକ | ୬୪.୬୭% |
| ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର | ୬୪.୩୩% |
| ରାଜେନ୍ଦ୍ର କଲେଜ, ବଲାଙ୍ଗୀର | ୬୩.୩୩% |
| କମଗାଁ କଲେଜ, ବରଗଡ଼ | ୬୩.୧୭% |
| **ବିଜ୍ଞାନ** | |
| ରେଭେନ୍‌ଶା କଲେଜ, କଟକ | ୮୯% |
| ବିଜେବି କଲେଜ, ଭୁବନେଶ୍ୱର | ୮୮.୬% |
| ସରସ୍ୱତୀ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର | ୮୬.୬୭% |
| ଉପେନ୍ଦ୍ରନାଥ କଲେଜ, ସୋର | ୮୪.୬୭% |
| ବେସିକ ସାଇନ୍ସ କଲେଜ, ଭୁବନେଶ୍ୱର | ୮୩.୮୩% |
| ଜାତୀୟ କବି ବୀର କିଶୋର ସରକାରୀ କଲେଜ, କଟକ | ୮୧.୬% |
| ନାଳନ୍ଦା ଶ୍ରୀ କଲେଜ, ବ୍ରହ୍ମପୁର | ୮୧.୩୩% |
| ନୟାଗଡ଼ କଲେଜ, ନୟାଗଡ଼ | ୮୦.୬୭% |
| ଟେଟ୍ରାହେଡ୍ରନ ମହିଳା ମହାବିଦ୍ୟାଳୟ, ଟାଙ୍ଗୀ | ୮୦.୧୭% |
| ଇଟେକ୍ ରେସିଡନ୍‌ସିଆଲ କଲେଜ, ଢେଙ୍କାନାଳ | ୮୦% |
| **ବାଣିଜ୍ୟ** | |
| ରେଭେନ୍‌ଶା କଲେଜ, କଟକ | ୭୫.୮% |
| ସରକାରୀ କଲେଜ, ରାଉରକେଲା | ୭୫.୫% |
| ବିଜେବି କଲେଜ, ଭୁବନେଶ୍ୱର | ୭୪% |
| ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ | ୭୦% |
| ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର, ବ୍ରହ୍ମପୁର | ୭୦% |
| ଜାତୀୟ କବି ବୀର କିଶୋର ସରକାରୀ କଲେଜ, କଟକ | ୬୭.୬୭% |
| ମ୍ୟୁନିସିପାଲ କଲେଜ, ରାଉରକେଲା | ୬୭.୪% |
| ରାଜଧାନୀ କଲେଜ, ଭୁବନେଶ୍ୱର | ୬୬.୪% |
| ରାଉରକେଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଗୋବରା | ୬୬.୧୭% |
| ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର | ୬୫.୫% |


**DISTRICT OFFICE, SUBARNAPUR**
(Social Welfare Section)

No. 2256/SW Dt.14.09.2020

Sealed tenders are invited for engagement of transport agent/contractor for transportation of food stuff (Rice & Wheat) to the AWCs and THR making points under (SNP) in Subarnapur district for the year 2020-21. For other details please see notice board of Collector/DSWO or may visit the official website of Subarnapur District (http://www.subarnapur.nic.in).

Sd./- Collector, Subarnapur

**COLLECTORATE, RAYAGADA**
(Special Land Acquisition Cell)

**TENDER/QUOTATION CALL NOTICE**

No.F-38:- Sealed tenders are invited from the interested reputed Travel Agencies/Tour Operators or private individuals for providing of vehicle on hire charges on or before 09.10.2020 by 5.30 P.M. For specification details please visit our official website: www.rayagada.nic.in

Sd./- COLLECTOR, RAYAGADA

OIPR-24169/11/0002/2021

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051, Phones: 06861-232581 (O)/ 232641 (R), FAX: 06861-232541, E-mail: unit.head_balimela@yahoo.com

REGD. OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 751022, Tel.: 91-0674-2542983, 2542802, 2545526, Fax: 2542102, GRAM: HYDROPOWER, E-mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963, GSTIN: 21AAACO2575P1Z9

**TENDER CALL NOTICE No. 26/2020-21 Dated: 16.09.2020**

No. CAD-483: Sealed tenders are invited in two parts bid basis (Techno-commercial Bid & Price Bid) from the reputed manufacturers/authorized agencies for supply of materials as detailed below.

| Group No./ Sl. No. | Description of Items | Cost of Tender Paper (In Rs.) | EMD in shape of DD/ BC only (In Rs.) |
|---|---|---|---|
| 1 | Procurement of Pressure Gauges and TSDs for BHEP, Balimela as per samples | Rs.4720 Inclusive of GST @ 18% | 1% of Quoted Value |

The sale of tender paper will be from : 22.09.2020 to 13.00 hrs. of 12.10.2020
The last date & time of receipt of tender : Upto 16.00 hrs. on Dtd.12.10.2020
Date and time of opening of the Techno Commercial Bid : 16.30 hrs. of 12.10.2020
For details of tender documents, terms and conditions, eligibility criteria and downloading please visit our website at www.ohpcltd.com.

Sd./- C&P Head, BHEP, Balimela

OIPR-04019/11/0025/2021

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

No. 8493 Date: 18.09.2020

**ADVERTISEMENT FOR CONTRACTUAL ENGAGEMENT**

The following contractual postitions under Zilla Swasthya Samiti, National Health Mission, Bargarh will be filled through Walk-in-Interivew. These positions are purely contratual in nature and for a period of 11 months subject to renewal as per ZSS terms & conditons based on performances and subject to continuance of the programme.

| Sl. No. | Name of the Post | Vacancy | Remuneration & Performance Incentive | Qualification | Date of Walk-in-Interivew |
|---|---|---|---|---|---|
| 1 | District Data Manager, IDSP | 1 No. | Rs.24,311 + Perforamance Incentive | The candidate must have passed in any of the following subject from a recognized University/ Institution with minimum 50% marks. • M.Sc. in Computer Science or IT/Master in Computer Application/B.E. in Computer Science or IT or Electronics/B.Tech in Computer Science or IT or Electronics | Dt.25.09.2020 by 10.30 A.M. to 12.30 P.M., Office of CDM & PHO, Bargarh |
| 2 | Block Programme Manager | 1 No. | Rs.22,973/- + Performance Incentive | The Candidate should be a Post Graduate with minimum 55% marks. S/He should have completed one year Diploma Course in Computer Application from recognised/ registered Institute. | Dt.25.09.2020 by 3.00 P.M. to 05.00 P.M., Office of CDM & PHO, Bargarh |

The interested eligible candidates for the above position may attend **WALK-IN-INTERVIEW** at **District Training Unit, Office of CDM & PHO, NHM, Bargarh as per the date and time mentioned against each. No candidature shall be entertained after the scheduled timing as mentioned against the position. The candidates must bring their original certificates along with prescribed Bio-data format** and a set of self attested photocopies of required testimonials for verification. All such communication with respect to status of application shall be communicated through web hoisting only. Other details, terms & conditions can be downloaded from the official website of Bargarh district i.e. **www.bargarh.nic.in**. The undersigned reserves the right to cancel any or all applications without assigning any reason thereof.

Sd./- Chief District Medical & PHO cum-
District Mission Director, NHM, Bargarh

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, R.W.S&S DIVISION, SAMBALPUR**
E-mail- eerwsssbp@gmail.com

No. O-366

**"e" PROCUREMENT NOTICE**

**Bid Identification No. RWSS (SBP):- 08 / 2020-21**

1. Name of the Work : **Execution of 4 (Four) Nos individual RPWS scheme under Dhankauda block.**
2. Total Number of Work : 01 No ( One )
3. Estimated Cost : **Rs. 40893278.00**
4. Class of Contractor : **A & Special**
5. Period of Completion : 11 months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Sambalpur | RWSS (SBP):- 08/2020-21 | 28.09.2020 | 07.10.2020 up to 5.00 PM |

**Further details can be seen from the e-procurement portal "www.tendersodisha.gov.in" Subsequent corrigendum if required shall be appeared in the website only.**

**Executive Engineer, R.W.S&S. Division, Sambalpur**

OIPR-25015/11/0004/2021

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/P.O.- BARINIPUT, DIST.- KORAPUT - 764006
PHONE.: (06854) 242001, FAX: (06854) 242038, Email: sgmelukhep@ohpcltd.com

**ADDENDUM TO TENDER CALL NOTICE No. OHPC:SGM(EL): UKHEP: No. 17/2020-21, Date: 26.08.2020**

No. CAD-480: Name of the Work: Hiring of 01 No. Commercial Registered Light Vehicle (BS-IV/VI Version, Pollution Free, Make-TUV300/Bolero/Sumo Gold/Ertiga) for deployment of Poll Vehicle for Executives of maintenance Division, UKHE Project, Bariniput".)

| Sl. No. | Description | As per Tender Notice | As per Addendum |
|---|---|---|---|
| 1 | Receipt of Sealed Tender Specification | Only at the Office of Sr. General Manager (Elec.), Upper Kolab HE Project, Bariniput | At the Office of (1) Sr. General Manager (Elec.), Upper Kolab HE Project, Bariniput and (2) Office of Sr. General Manager (Elec.), Corporate Office, Vanivihar, Bhubaneswar |
| 2 | The date & time of receipt of tender | Upto 16.00 hrs. of 23.09.2020 | Upto 16.00 hrs. of 23.09.2020 for both the locations |
| 3 | The Place, Date & time of opeing of tender | At Office of SGM (Elec.), UKHEP, Bariniput at 16.30 hrs. of 23.09.2020 | At office of SGM (Elec.), UKHEP, Bariniput at 16.30 hrs. of 05.10.2020 |

All other terms and conditions of tender specification shall reamin unaltered.
For details of tender documents and terms & conditions downloading please visit our website www.ohpcltd.com.

Sd./- C & P Head, Upper Kolab HEP, OHPC Limited, Bariniput

OIPR-04002/11/0023/2021

idco | ODISHA NEW OPPORTUNITIES

No. CAD-485

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

**TENDER CALL NOTICE No.**

File No. P&C/EST/E-36/2020-21/12807 Dt.11.09.2020

**NOTICE INVITING TENDER THROUGH e-Procurement**

**Name of the** Construction of 33KV DC line with "H" pole and 2×8MVA, 33/11KV, GIS type e-substation for power supply to Aluminium Park, at Angul.

**Period of Completion:** 06 (Six) Calendar Months

| Procurement Officer | Bid Identification No. | Availability of Tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-36/2020-21 | Dtd. 21.09.2020 at 12.00 hrs. | Dtd. 15.10.2020 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the **e-procurement** portal as well as in **IDCO website**.

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0057/2021

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**

**Tender Call Notice**

E-mail: rbcirclekhurda@gmail.com

Bid Identification No. SE-Khordha (R&B) Circle-08/2020-21 Memo No - Dt. 14.09.2020

No.B-267:- The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:

1. Nature of Work : Building Work
2. No of Work : 1 No
3. Tender Cost : Rs.10000.00 (On-Line)
4. Class of Contractor : Special Class & 'A' Class
5. Available of Bid document in the Website : From Dt.24.09.2020,10.00 A.M. to Dt.05.10.2020, 05.00 P.M.
6. Date of opening of Bid : Dt. 06.10.2020 at 11.30 A.M.
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

Superintending Engineer
Khordha (R&B) Circle, Khordha

OIPR-34127/11/0012/2021



**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ପୁରୀ**

ଚିଠି ନଂ. ୬୬୦ ତାରିଖ: ୧୮।୦୯।୨୦୨୦

**ବିଜ୍ଞପ୍ତି**

| କ୍ର.ନଂ. | ଶିଶୁର ପରିଚୟ | ପୁଅ / ଝିଅ | ବୟସ | ଫଟୋ |
|---|---|---|---|---|
| ୧. | ଶିଶୁର ନାମ: **ନବ୍ୟା**<br>ପିତା: ମନୋଜ ମାହାଳିକ<br>ମାତା: ପ୍ରଣତୀ ବେହେରା<br>ଠିକଣା: ବାରୋ, ତିହିଡ଼ି, ଜିଲ୍ଲା: ଭଦ୍ରକ<br>ଥଇଥାନ ତାରିଖ: ୦୨।୦୧।୨୦୨୦ | ଝିଅ | ୧୦ମାସ ପ୍ରାୟ |  ନବ୍ୟା (ଝିଅ) |

ଗତ ତା୦୨।୦୧।୨୦୨୦ରିଖ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ପୋଲିସ ଅଧିକାରୀ ଏବଂ ଚାଇଲ୍ଡ ଲାଇନ, ପୁରୀଙ୍କ ସହାୟତାରେ ପୁରୀ ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ନିକଟସ୍ଥ ଜେନେରେଟର ପ୍ରକୋଷ୍ଠ ନିକଟରୁ ଏକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର ନବଜାତ ଶିଶୁଯତ୍ନ ପ୍ରକୋଷ୍ଠରେ ଚିକିତ୍ସା କରାଯାଇଥିଲା। ପରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିର୍ଦ୍ଦେଶାଙ୍କ ନଂ. ୪୪୫୯/CWC/୦୨।୦୧।୨୦୨୦ ଅନୁସାରେ ଶିଶୁଟିକୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ନୀଳାଚଳ ସେବା ପ୍ରତିଷ୍ଠାନ, କଣାସଠାରେ ଥଇଥାନ କରାଯାଇଅଛି। ପରବର୍ତ୍ତୀ ସମୟରେ ଶିଶୁଟିର ଜନ୍ମିତ ମାତା ଶିଶୁଟିକୁ ଦାବି କରିବାରୁ ଶିଶୁଟିର ପିତାଙ୍କ ପରିବାର ସହ ମଧ୍ୟ ଯୋଗାଯୋଗ କରାଯାଇଅଛି। କରୋନା ମହାମାରୀ ଦୃଷ୍ଟିକୋଣରୁ ଶିଶୁଟିର ପିତାଙ୍କୁ ଶିଶୁ ମଙ୍ଗଳ କମିଟି, ଭଦ୍ରକ ଏବଂ ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିକଟରେ ଉପସ୍ଥିତ ହେବା ନିମନ୍ତେ ଯଥେଷ୍ଟ ସମୟ ଦିଆଯାଇଥିଲା। ବର୍ତ୍ତମାନ ଶିଶୁଟିର ହସ୍ତାନ୍ତର ପ୍ରକ୍ରିୟାରେ ଅହେତୁକ ବିଳମ୍ବ ସହ ଶିଶୁଟିକୁ ନେବା ପାଇଁ ପରିବାର ଏବଂ ଆତ୍ମୀୟସ୍ୱଜନଙ୍କର କୌଣସି ଆଗ୍ରହ ପରିଲକ୍ଷିତ ହେଉନାହିଁ।

ଯଦି ଏହି ଶିଶୁଟିର କେହି ଅଭିଭାବକ ବା ପରିବାରବର୍ଗ ବା ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ଭିତରେ ଶିଶୁ ମଙ୍ଗଳ କମିଟି, ଉତ୍କଳ ବାଳାଶ୍ରମ ପରିସର, ନରେନ୍ଦ୍ର କୋଣ, ପୁରୀ (ଫୋନ୍ ନଂ. ୯୪୩୭୧୧୪୪୬୧)/ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମୁଦ୍ରକୂଳ ଥାନା ପାଖ (ଫୋନ୍ ନଂ. ୯୪୩୮୬୪୮୦୬୭), ପୁରୀଙ୍କ ସହ ଯୋଗାଯୋଗ କରନ୍ତୁ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ର ଧାରା ୩୮ ଉପଧାରା (୧) ଅନୁସାରେ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବା ପାଇଁ ପଦକ୍ଷେପ ନିଆଯିବ।

ସ୍ୱା./- ଜିଲ୍ଲାପାଳ, ପୁରୀ

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

କୋରୁକୋଣ୍ଡା ୧୮।୯ (ଡି.ଏନ. ଏ) ମାଲକାନଗିରି ଜିଲା କାରୁକୋଣ୍ଡାରେ ଶୁକ୍ରବାର ବାଇକ୍ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୋରୁକୋଣ୍ଡା ସଦା ପଞ୍ଚାୟତର ଜୟ୍ ପଡିଆମୀ। ପ୍ରକାଶ ଯେ, ଜୟ୍ ଏକ ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବାବେଳେ ଏକ ପୋଲ ନିକଟରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଦିନକରେ ମିଳିଲା ଜମି ପଟ୍ଟା

ପଟ୍ଟାଙ୍ଗୀ,୧୮।୯(ଡି.ଏନ୍.ଏ.): କୋରାପୁଟ ଜିଲା ପଟ୍ଟାଙ୍ଗୀ ତହସିଲ କାର୍ଯ୍ୟାଳୟରେ ପ୍ରଥମଥର ପାଇଁ ଦିନକ ମଧ୍ୟରେ ଜମି ପଟ୍ଟା ମିଳିଛି। ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଅଧୀନ ପଟ୍ଟାଙ୍ଗୀ ମୌଜାରେ ବିଭୁତି ଧଳ ନାମକ ବ୍ୟକ୍ତି ସଞ୍ଜୁ ଲତା ଭୂୟାଁଙ୍କଠାରୁ ୩ ସେଣ୍ଟ ଜମି କିଣିଥିଲେ। ଏହାପରେ ଗୋଟିଏ ଦିନରେ ହିଁ ସବ୍ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମି ପଞ୍ଜୀକରଣ ସହ ବିଭୁତିଙ୍କୁ ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା ଜମି ପଟ୍ଟା ପ୍ରଦାନ କରିଥିଲେ। ଜମି ପଞ୍ଜୀକରଣ କାର୍ଯ୍ୟରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟର ସୁଧୀରକାନ୍ତ ସାହୁ, ଅମିନ ଭୀମସେନ ଭତ୍ରା, ମନୋଜ କୁମାର ଦାସ, ଜୟ୍ ପ୍ରକାଶ ରାଓ ଏବଂ ରିତାଞ୍ଜଳି ଜେନା ସହଯୋଗ କରିଥିଲେ।

### ରାୟଗଡ଼ାରେ ୬୬୦୦ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ରାୟଗଡ଼ା ଅଫିସ, ୧୮।୯- ଶୁକ୍ରବାର ରାୟଗଡ଼ା ଜିଲାରୁ ୧୬୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ୭୧ ମହିଳା ଏବଂ ୮୮ ପୁରୁଷ ରହିଛନ୍ତି। ନୂତନ ସଂକ୍ରମିତଙ୍କ ମଧ୍ୟରେ ଜିଲାର ଗୁଡାରୀ ବ୍ଲକ୍‌ରୁ ୪୨, ରାମନାଗୁଡ଼ାରୁ ୩୬, କଲ୍ୟାଣସିଂହପୁରରୁ ୨୬, କାଶୀପୁରରୁ ୨୩, କୋଲନରାରୁ ୧୧, ରାୟଗଡ଼ା ସହରାଞ୍ଚଳରୁ ୮, ପଦ୍ମପୁରରୁ ୭, ଚନ୍ଦ୍ରପୁରରୁ ୨, ଗୁଣପୁର ସହରାଞ୍ଚଳରୁ ୨, ଗୁଣପୁର ଗ୍ରାମାଞ୍ଚଳରୁ ମୁନିଗୁଡ଼ା ଓ ରାୟଗଡ଼ା ଗ୍ରାମାଞ୍ଚଳରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଏଥିରେ ୨ କୋଭିଡ୍ ଯୋଦ୍ଧା ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୬୬୦୭ ରେ ପହଞ୍ଚିଛି। ସେଥିମଧ୍ୟରୁ ୫୭୬୭ ଜଣ ସୁସ୍ଥହୋଇ ଫେରିଥିବାବେଳେ ୩୪ ଜଣ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୮୦୬ ସକ୍ରିୟ ସଂକ୍ରମିତ ରହିଥିବା ସୂଚନା ମିଳିଛି।

### ବରିଷ୍ଠ କିରାଣି ନିଲମ୍ବିତ

ପଡିଆ/ମାଲକାନଗିରି, ୧୮।୯ (ଡି.ଏନ୍.ଏ.) - ନିଲମ୍ବିତ ହେଲେ ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ସୁଧାଂଶୁ ରାଓ। ଜିଲା ଶିକ୍ଷାଧିକାରୀଙ୍କଚିଠି ନଂ ୨୧୩୦ରେ ତାଙ୍କୁ ନିଲମ୍ବନ କରାଯାଇଅଛି। ସୂଚନାନୁଯାୟୀ ସୁଧାଂଶୁ ରାଓ ଗତ ୧୫ ତାରିଖ ଦିନ ବ୍ଲକ ଶିକ୍ଷକ ସଂଘ ସମ୍ପାଦକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିସହ ସେ ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ ଥିବା ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସଂଘ ପକ୍ଷରୁ ରାଏଙ୍କ ବିରୋଧରେ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ଦିଆଯାଇଥିଲା। ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ପକ୍ଷରୁ ଦାବି ହୋଇଥିଲା। ଏହାର ଫଳ ସ୍ୱରୂପ ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠି ରାଏଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏ ନେଇ ଖଇରପୁଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଓ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଜିଲା ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### 'ସୁନେତ୍ର'ରେ ୬୬ଜଣଙ୍କୁ ମାଗଣା ଚଷମା

ଦାମନଯୋଡି, ୧୮।୯(ଡି.ଏନ୍.ଏ.) କୋରାପୁଟ ବ୍ଲକ ମାଥିଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଶାନ୍ତ କୁମାର ସାମଲ ସୁନେତ୍ର ଯୋଜନାର ଉଦ୍‌ଘାଟନ କରିଥିଲେ। ଚକ୍ଷୁ ରୋଗୀଙ୍କୁ ୬୬ଟି ଚଷମା ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଡା ତାପସ ରଞ୍ଜନ ବେହେରା, ବିପିଏମ୍ ନୂତନ ସିଂ, ମାର୍ଶାଲିନ୍ ବିଶ୍ୱାଳ, ସାଗରିକା ଚୌଧୁରୀ, ଭାରପ୍ରାପ୍ତ ପିଏଲଇଓ ମକର ଜାନି, ସୁପରଭାଇଜର ରାଧିକା ସୋରେନ୍, ଫାର୍ମାଶିଷ୍ଟ ସରୋଜ କୁମାର ସେଠୀ, ଚିନ୍ମୟୀ ଆଚାର୍ଯ୍ୟ, ବ୍ଲକ ଏକାଉଣ୍ଟ ମ୍ୟାନେଜର ପ୍ରକାଶ କୁମାର ସ୍ୱାଇଁ, ଏନ୍‌ସିଡି କାଉନସେଲର ତାପସୀ କୁମାରୀ ଜେନା, ସ୍ୱସ୍ଥ୍ୟକର୍ମୀ ସୁଜାତା ପ୍ରିୟଦର୍ଶନୀ ସାମଲ, କର୍ମଚାରୀ ମୀନ ସାଉନ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ କୁମାର ଆଚାର୍ଯ୍ୟଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚଢ଼ାଦରରେ ସାର ବିକ୍ରିକୁ ନେଇ ଉତ୍ତେଜନା

ଏମ୍‌ଭି-୭୯, ୧୮।୯(ଡି.ଏନ.ଏ.)



କୃଷି ଅଧିକାରୀ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

ମାଲକାନାଗିରି ଜିଲାର ବିଭିନ୍ନ ସ୍ଥାନରେ ସାର ଅଭାବ ରହୁଛି। ଏହା ମଧ୍ୟରେ ଅସାଧୁ ବ୍ୟବସାୟୀମାନେ ଚଢାଦରରେ ସାର ବିକ୍ରି କରୁଛନ୍ତି। ପଡିଆ ଲ୍ୟାମ୍ପ୍ସ ଅଧୀନ ପୁଷୁଗୁଡା ଓ କାଲିମେଲା ବ୍ଲକର ମାଲାଭରମ ଅଞ୍ଚଳର ଚାଷୀଙ୍କୁ ଚଢାଦରରେ ସାର ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଛି।ଏହାକୁ ନେଇ ଚାଗୀମାନେ ଅସନ୍ତୋଷବ୍ୟକ୍ତ କରିବା ସହ ପାଟିତୁଣ୍ଡ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଯେ, ଏମ୍‌ଭି ୮୮ ଗ୍ରାମରେ ଥିବା ଶ୍ରୀମନ୍ତ ହାଲଦାରଙ୍କ ଟିନା ସାର ଦୋକାନରେ ସାର ଆଜି ବସ୍ତା ପିଛା ୪ ଶହ ଟଙ୍କା ଦରରେ ବିକ୍ରି ହେଉଥିଲା। ପୁଷୁଗୁଡା ସରପଞ୍ଚ ରାମା ରାବାଙ୍କ ନେତୃତ୍ୱରେ ଶହେରୁ ଅଧିକ ଚାଷୀ ସାର ବିକ୍ରିକୁ ବିରୋଧ କରିବା ସହ ପାଟିତୁଣ୍ଡ କରିଥିଲେ। ସାର ଦୋକାନରେ ସ୍ଥାନୀୟ କୃଷି ଅଧିକାରୀଙ୍କ ଉପସ୍ଥିତିରେ ସାର ବିକ୍ରି ଆରମ୍ଭ କରାଯିବାକୁ ଥିବାବେଳେ ଦୋକାନୀ ଜଣଙ୍କ ସକାଳୁ ମାଲାଭରମ ଓ ପୁଷୁଗୁଡା ପଞ୍ଚାୟତର ୪୮ ଜଣ ଚାଷୀଙ୍କୁ ୪ ଶହ ଟଙ୍କା ଦରରେ ସାର ବିକ୍ରି କରିସାରିଥିଲେ। ଖବର ପାଇ କୃଷି ଅଧିକାରୀ ବସୁଦେବ ମଣ୍ଡଳ ଘଟଣା ସ୍ଥଳରେ ପହଞ୍ଚି ସାର ବିକ୍ରିକୁ ବନ୍ଦ କରିଥିଲେ। ଚାଷୀଙ୍କ ମଧ୍ୟରେ ଉତ୍ତେଜନା ତୀବ୍ରତର ହେବାରୁ କାଲିମେଲା କୃଷି ଅଧିକାରୀ ସୁକାନ୍ତୀ ବାକା ଘଟଣାସ୍ଥଳରେ ପହଞ୍ଚି ଚାଷୀ ଓ ଦୋକାନୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ନିର୍ଦ୍ଧାରିତ ଦର ସହ ଦୋକାନୀଙ୍କ ନେବା ଆଣିବା ଖର୍ଚ୍ଚକୁ ମିଶାଇ ସାର ବସ୍ତା ପିଛା ୩ ଶହ ୨୦ ଟଙ୍କାରେ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ୪୮ ଜଣ ଚାଷୀଙ୍କୁ ବିକ୍ରି କରାଯାଇଥିବା ସାରର ବଳକା ଅର୍ଥ ସ୍ଥାନୀୟ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଫେରସ୍ତ ଦେବାପାଇଁ କାଲିମେଲା କୃଷି ଅଧୀକାରୀ ନିର୍ଦ୍ଦେଶ ଦେଇଥିଲେ। ଲାଭଖୋର ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

**କୃଷି ଅଧିକାରୀଙ୍କ ହସ୍ତକ୍ଷେପ ପରେ ଶାନ୍ତ ହେଲେ ଚାଷୀ**

# ବଜ୍ରପାତରେ ନାବାଳିକା ମୃତ, ୨ ଆହତ

ଦଶମନ୍ତପୁର, ୧୮।୯( ଡି.ଏନ୍.ଏ.)

ବଜ୍ରପାତ ଘଟି ଶୁକ୍ରବାର କୋରାପୁଟ ଜିଲା ଦଶନ୍ତପୁର ବ୍ଲକ ଅଧୀନ ଚଣ୍ଡାବାଡ଼ ପଞ୍ଚାୟତ ଲତାପୁଟ ଗାଁର ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଦୁଇଜଣ ମା-ଝିଅ ଆହତ ହୋଇଛନ୍ତି। ମୃତକ ହେଲେ କୁଡ଼ ମୁଦୁଲିଙ୍କ ଝିଅ ପାର୍ବତୀ(୧୦)।

ସୂଚନା ଅନୁଯାୟୀ, ଗାଁର ଦଳେଇ ଜାନୀଙ୍କ ସ୍ତ୍ରୀ ଚିଙ୍ଗି ଜାନୀଙ୍କ ସହ ତାଙ୍କ ଝିଅ ସବଦିନୀ ଏବଂ ପାର୍ବତୀ ସଲପଗୁଡ଼ା ନିକଟ ବିଲକୁ ଘାସ ବାଛିବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ବର୍ଷାହେବାରୁ ସେମାନେ ବିଲ ନିକଟସ୍ଥ ଏକ ଆମ୍ବଗଛ ପାଖରେ ଛିଡା ହୋଇଥିଲେ। ହଠାତ୍ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ପାର୍ବତୀଙ୍କ ମୃତ୍ୟୁ ହୋଇଥିଲା। ଚିଙ୍ଗି ଓ ସବଦନୀ ଆହତ ହୋଇଛନ୍ତି। ଏନେଇ କୁଡ଼ ମୁଦୁଲି ଥାନାରେ ଏତଲା ଦେଇଛନ୍ତି।

# ମାଲକାନଗିରିରେ ୩ହଜାର ମୁହାଁ ସଂକ୍ରମିତ ସଂଖ୍ୟା

ମାଲକାନଗିରି,୧୮।୯(ଡି.ଏନ୍.ଏ.)

ମାଲକାନଗିରି ଜିଲାରୁ ଗତ୨ ୪ ଘଣ୍ଟା ମଧ୍ୟରେ ଆଉ ୫୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୧୫, ବାଲିମେଳା ଏନ୍‌ଏସିରୁ ୬, ମାଥିଲିରୁ ୧, ମାଲକାନଗିରି ବ୍ଲକରୁ ୭, ଖଇରପୁଟରୁ ୨, କାଲିମେଳାରୁ ୮, ପଡ଼ିଆରୁ ୨ ଏବଂ ଚିତ୍ରକୋଣ୍ଡାରୁ ୧୨ ଜଣ ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୯୮୮ ରେ ପହଞ୍ଚିଛି। ସେଥିମଧ୍ୟରୁ ୨୬୩୩ ଜଣ ସୁସ୍ଥହୋଇ ଫେରିଛନ୍ତି। ସେହିପରି ୮ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜିଲାରେ ଆଉ ୩୪୭ ଜଣ ଚିକିତ୍ସିତ ଥିବା ମାଲକାନଗିରି ଜିଲାପାଳ ମନିଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ଚିନ୍ତା ବଢ଼ାଉଛି ପରିବା ଦର

ଗୁଣପୁର,୧୮।୯(ଡି.ଏନ୍.ଏ.)– ରାୟଗଡା ଜିଲା ଗୁଣପୁର ଅଞ୍ଚଳରେ ପରିବା ଦର ଏବେ ଆକାଶ ଛୁଆଁ। ତେବେ ଆବଶକୀୟ ସମାଗ୍ରୀ ବହୁତ ବଢିବା ଖାଉଟିଙ୍କୁ ବ୍ୟଥିତ କରିଛି। ବଜାରରେ ଏବେଆଳୁ ଦର କିଲୋ ପିଛା ୪୦ ଟଙ୍କାରେ ପହଞ୍ଚିଛି। ସେପରି ପିଆଜ ଦର ୩୫ ଟଙ୍କା ହୋଇଛି। ଅନ୍ୟପଟେ ଟମାଟ କିଲୋ ପିଛା ୭୦ ଟଙ୍କା। ଯାହା ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କରୋନା ପାଇଁ ଲୋକଙ୍କ ଆର୍ଥିକସ୍ଥିତି ପ୍ରଭାବିତ ହୋଇଥିବାବେଳେ ଆବଶ୍ୟକ ସାମାଗ୍ରୀର ଦର ବଢ଼ି ଖାଉଟିଙ୍କ ଅର୍ଥ ବ୍ୟବସ୍ଥା ବିଗାଡି ଦେଇଛି। ଗତ କିଛି ଦିନ ତଳେ ଟମାଟ କିଲୋ ୫୦, ଆଳୁକିଲୋ ୨୫ ରୁ ୩୦ ଏବଂ ପିଆଜ କିଲୋ ୨୫ ଟଙ୍କା ରହିଥିଲା। ହେଲେ ବର୍ତ୍ତମାନ ଟମାଟ, ପିଆଜ ଏବଂ ଆଳୁର ହୁ ହୁ ଦରବୃଦ୍ଧି ବୋଝ ଉପରେ ନଳିତା ବିଡା ହୋଇଛି। ଏପରି କ୍ଷେତ୍ରରେ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

# ଏନ୍‌ଏଚ୍ ନିର୍ବାହୀ ଅଧିକାରୀଙ୍କ ଅଫିସ ଆଗରେ ଧାରଣା



ଆଇନଜୀବୀ ସଂଘ ସଦସ୍ୟମାନେ ଧାରଣା ଦେଉଛନ୍ତି।

ଜୟପୁର ୧୮।୯ (ନି.ପ୍ର/ଡି.ଏନ୍.ଏ.)

ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ବାରିଣିପୁଟରୁ-ବୋରିଗୁମ୍ମା ଯାଏ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏନେଇ ବାରମ୍ବାର ଦାବି କଲେ ମଧ୍ୟ କିଛି ସୁଫଳ ମୁଳୁ ନାହିଁ। ଏ ନେଇ ଓକିଲ ସଂଘ ପକ୍ଷରୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇ ବିକ୍ଷୋଭ କରାଯାଇଛି। ତୁରନ୍ତ ରାସ୍ତା ନିର୍ମାଣ ଓ ମରାମିତ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ତାହା ସହ ନିର୍ମାଣ ଦାୟିତ୍ୱ ନେଇଥିବାଠିକା ସଂସ୍ଥା ନାମରେ ଜୟପୁର ସଦର ଥାନାରେ ଏତଲା ଦିଆଯାଇଛି। ଆଇନଜୀବୀମାନେ ଅଭିଯୋଗ କରିଛନ୍ତି ଯେ ବାରିଣିପୁଟରୁ ବୋରିଗୁମ୍ମା ଯାଏ ରାସ୍ତା ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଶହ ଶହ ଗାଡି ଯାତାୟତ କରୁଥିବା ବେଳେ ତାହା ଖାଲଖାମାରେ ପରିପୂର୍ଣ୍ଣ। ଫଳରେ ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ଗତ ସପ୍ତାହରେ ମଧ୍ୟ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ନିବାହିଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରି ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ରାସ୍ତା ମରାମତି ନହେଲେ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ମଧ୍ୟ ଦେଇଥିଲେ। ସେହିପରି ଭାଜପା ପକ୍ଷରୁ ମଧ୍ୟ ନିବାହୀ ଯନ୍ତ୍ରୀଙ୍କୁ ଘେରାଉ କରାଯାଇଥିବା ବେଳେ ଆଇନଜୀବୀମାନେ ଶୁକ୍ରବାର ଧାରଣା ଦେଇଛନ୍ତି। ଗତ ଦିନରେ ଇନ୍ଦିରା ନନ୍ଦ ମଧ୍ୟ ଧାରଣା ଦେଇଥିଲେ । ସିପିଆଇ ମଧ୍ୟ ତୁରନ୍ତ ରାସ୍ତା ନିର୍ମାଣ କରାଯାଉ ନ ହେଲେ ନିବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛି।

### ବିଜେଡିର ଜନସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର, ୧୮।୯(ଡି.ଏନ୍.ଏ.)

ରାୟଗଡା ଜିଲା ପଦ୍ମପୁର ବ୍ଲକ ନାଇରା ଓ ଡେରିଗାଁ ପଞ୍ଚାୟତରେ ବିଜେଡିର ଏକ ଜନସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟମରେ ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ପଦ୍ମପୁର ବ୍ଲକ ବିଜେଡି ସଭାପତି ରବିନାରାୟଣ ଆଚାର୍ଯ୍ୟ, ରାୟଗଡା ଜିଲା ଯୁବ ବିଜେଡି ଉପସଭାପତି କୈଳାସ କ୍ରାସ୍କା, 'ଆମ୍। ଅଧ୍ୟକ୍ଷ ଗୋବର୍ଦ୍ଧନ ଶବର, ନାଇରାର ଶ୍ୟାମ ମହାନ୍ତି, ଲିଙ୍କିଟି ପଦରର ପୂର୍ବତନ ସରପଞ୍ଚ ହୁତୁଲା ମାଝି, ନାଇରାର ପୂର୍ବତନ ସରପଞ୍ଚ ହୁତୁଲା ମାଝି, ସୁବାଷ ଶବରଙ୍କ ସହ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। ସର୍ବପ୍ରଥମେ ସ୍ୱର୍ଗତ ଯଯାତୀ କେଶରୀ ସାହୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଲିମାଗୁଡା ଗ୍ରାମରେ ଲୋକଙ୍କୁ ମହାମାରୀ କରୋନା ଉପରେ ସଚେତନ କରିବା ସହ ଗ୍ରାମବାସୀଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଏସ୍‌ଏଚ୍‌ଜି ମହିଳାଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ଜନହିତକାରୀ କାର୍ଯ୍ୟ ଉପରେ ବୁଝାଇଥିଲେ।

### କୋରାପୁଟରୁ ୯୯ ପଜିଟିଭ

କୋରାପୁଟ,୧୮।୯(ସ୍ୱ.ପ୍ର):

କୋରାପୁଟ ଜିଲାରୁ ୯୯ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଶୁକ୍ରବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୨୨, କୋରାପୁଟ ପୌରାଞ୍ଚଳରୁ ୧୪, ସୁନାବେଡ଼ା ପୌରାଞ୍ଚଳରୁ ୧୩, କୋଟପାଡ ଏନ୍‌ଏସିରୁ ୮, କୋରାପୁଟ ବ୍ଲକରୁ ୬, ବୈପାରିଗଡ଼ାରୁ ୫, ବୋରିଗୁମ୍ମାରୁ ୫, ଜୟପୁର ବ୍ଲକରୁ ୫, କୋଟପାଡରୁ ୫, କୁନ୍ଦ୍ରାରୁ ୫, ଲମତାପୁଟରୁ ୪, ଲକ୍ଷ୍ମୀପୁରରୁ ୨, ସେମିଳିଗୁଡ଼ାରୁ ୪ ଏବଂ ପଟ୍ଟାଙ୍ଗୀରୁ ଜଣେ ରହିଛନ୍ତି।

# ପୋଲିସ ବିରୋଧରେ ଅଭିଯୋଗ ଆଣିଲେ ଅଭିଯୁକ୍ତଙ୍କ ଭାଇ

ବୈପାରୀଗୁଡା, ୧୮।୯(ଡି.ଏନ୍.ଏ.)

**ଚମ୍ପା ହରିଜନ ହତ୍ୟା ଘଟଣା**

ଚମ୍ପା ହରିଜନଙ୍କୁ ବଳତ୍କାର ହତ୍ୟା ମାମଲାରେ ପୋଲିସ ମୋ ଭାଇକୁ ଫସାଇ ଦେଇଛି। ମୋ ଭାଇ ନିର୍ଦ୍ଦୋଷ। ପ୍ରକୃତ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇ ମୋ ଭାଇ ଭଗବାନ ସିଗରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଏହାର ଉପଯୁକ୍ତ ତଦନ୍ତ କରି ଭାଇଙ୍କୁ ମୋର ନ୍ୟାୟ ପ୍ରଦାନ କରାଯିବା ସହ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏପରି ଅଭିଯୋଗ ଆଣିଛନ୍ତି ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଭଗବାନଙ୍କ ସାନ ଭାଇ ସନିଆ ସିଗରାମ। ସେ କୋରାପୁଟ ଏସ୍‌ପିଙ୍କ ନିକଟକୁ ଅଭିଯୋଗ ପତ୍ର ଡାକରେ ପଠାଇଛନ୍ତି।

ଗତ ଜୁଲାଇ ୨ ତାରିଖରେ ମାଥିଳି ହାଟକୁ ଯିବା ପାଇଁ ଡାଲା ଟୋକେଇ ଆଦି ଧରି ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗାଡି ଅପେକ୍ଷାରେ ଚମ୍ପା ହରିଜନ ଅପେକ୍ଷା କରିଥିଲେ। ଭଗବାନ ସେଠାକୁ ବାଇକ୍‌ରେ ଯାଇ ଡାଲା କିଣିବା ପାଇଁ କିଛି ସମୟ ମୂଲ ଚାଲ କରି ଫେରିଆସିଥିଲା। ୪ତାରିଖ ଦିନ ଚମ୍ପାଙ୍କ ମୃତଦେହ କୋଲାର ପଞ୍ଚାୟତ ରାମପୁର ବିଦ୍ୟାଳୟରୁ ଉଦ୍ଧାର କରାଯାଇଥିଲା। ପୋଲିସ ଅଧିକାରୀ ସିସିଟିଭି କ୍ୟାମରାରେ ଚମ୍ପାଙ୍କ ସହ ଭାଇଙ୍କ କଥାବାର୍ତ୍ତା ଦୃଶ୍ୟ ଦେଖି ଭାଇଙ୍କୁ ଫସାଇ ଦେବାକୁ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। କୌଣସି କାମରେ କୋଟପାଡ ଯାଇଥିବା ଭଗବାନଙ୍କୁ ସେଠାରୁ ଉଠାଇ ଆଣି ବୈପାରୀଗୁଡା ଥାନାରେ ୧୫ ଦିନ ରଖି ନିର୍ଯ୍ୟାତନା ଦେଇ ହତ୍ୟା ମାମଲାରେ ଫସାଇ ଦେଇଛନ୍ତି। ଏପରିକି ମିଥ୍ୟା ପ୍ରମାଣ ଯୋଗାଡ କରିବାକୁ ପୋଲିସ ଅଧିକାରୀ ଜଣେ ସହକର୍ମୀଙ୍କ ସହ ଭଗବାନଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କଠାରୁ ଭଗବାନଙ୍କ ହଳେ ପୋଷାକ ଓ ଅନ୍ତବସ୍ତ୍ର ମାଗି ଆଣି ସେ ସବୁ ଘଟଣା ସ୍ଥଳରୁ ଜବତ କରାଯାଇଥିବା ଦର୍ଶାଇଥିଲେ ବୋଲି ସନିଆ ଅଭିଯୋଗ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ଗୁଣପୁର,୧୮।୯(ଡି.ଏନ.ଏ)



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

ରାୟଗଡା ଜିଲା ଗୁଣପୁର ଭାରତୀୟ ମଜଦୁର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଶୁକ୍ରବାର ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ସମସ୍ତ ପ୍ରବାସୀ ଶ୍ରମିକ ତଥା ବେକାର ଯୁବତୀ ଯୁବକମାନଙ୍କ ଦକ୍ଷତା ସର୍ବେକ୍ଷଣ କରାଯାଇ ଅନୁରୂପ ନିଯୁକ୍ତି ତଥା କର୍ମସଂସ୍ଥାନ ଯୋଗାଇବା, ସ୍ୱାସ୍ଥ୍ୟକର୍ମଚାରୀଙ୍କ ଭଳି ସମସ୍ତ ମହିଳା କୋରନାଯୋଦ୍ଧା ଅଙ୍ଗନୱାଡି, ଆଶାକର୍ମୀଙ୍କୁ ଦୈନିକ ୫୦୦ ଟଙ୍କା କରୋନା ସହାୟତା, ଅର୍ଥାଭାବ ଦର୍ଶାଇ କୌଣସି ଠିକା କର୍ମଚାରୀଙ୍କୁ ଛଟେଇ କରାନଯାଉ, ବନ୍ଦ ଥିବା ସମସ୍ତ ସରକାରୀ ନଯୁକ୍ତି ତୁରନ୍ତ କରାଯାଉ, ନିର୍ମାଣଶ୍ରମିକ, ବିଡି ଶ୍ରମିକ, ଟ୍ୟାକ୍ସି ଓ ରିକ୍ସାଚାଳକ, ସ୍ୱରୋଜଗାରୀ ଓ ଉଠା ଦୋକାନୀ ଭଳି ଅଣସଂଗଠିତ ଶ୍ରମିକଙ୍କୁ ତାଲା ବନ୍ଦ ସମୟର ମାସିକ ଦୁଇ ହଜାର ଟଙ୍କା କରୋନା ସହାୟତା ରାଶି ଯୋଗାଇବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଅବସରରେ ବିଏମଏସ୍‌ର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସଙ୍କ ସମେତ ଗୁଣପୁର ଶାଖା ସଭାପତି ମନୋଜକୁମାର ଦାସ, ସମ୍ପାଦକ ସୁଷମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶୀ ମଦ କାରବାରରେ ୨ଗିରଫ

ମାଲକାନଗିରି,୧୮।୯(ଡି.ଏନ୍.ଏ.):

ମାଲକାନଗିରି ଜିଲା ଅବକାରୀ ବିଭାଗ ପକ୍ଷରୁ ବାଲିମେଳା ଏନ୍‌ଏସିରେ ଚଢ଼ାଉ କରାଯାଇ ୧୦୫ ଲିଟର ଦେଶୀ ମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଲିମେଳା ମେଡିକାଲ ଲାଇନ୍‌ର ଜୋହନ ବାଗ ଓ ଏନ୍‌ଏସି କାର୍ଯ୍ୟାଳୟ ଅଞ୍ଚଳ ଲେନର ପିଲୁ କୁଲଦୀପ। ଚଢ଼ାଉରେ ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ୍, ବାଲିମେଳା ଅବକାରୀ ଓଆଇସି ଜଗା ରାଓଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

# ବିନା ନୋଟିସରେ ଛଟେଇ ପ୍ରତିବାଦରେ ଧାରଣା

ଜୟପୁର,୧୮।୯(ନି.ପ୍ର.)




ଧାରଣା ଦେଇଥିବା ସିକ୍ୟୁରିଟି ଗାର୍ଡମାନେ।

ଓପିଟିସିଏଲ୍ (ବିଦ୍ୟୁତ ବିଭାଗ)ରେ ଠିକାରେ କାମ କରୁଥିବା ୨୩୦ ସିକ୍ୟୁରିଟିଗାର୍ଡଙ୍କୁ ଗତ ୧ତାରିଖିରୁ ଅଘୋଷିତ ଛଟେଇ କରାଯାଇଛି। ଏହା ବିରୋଧରେ ଶୁକ୍ରବାର ପୂର୍ବାହ୍ନରେ ସେମାନେ ଜୟପୁର ମୁଖ୍ୟ ଟ୍ରାଫିକ ଛକରୁ ପାରାବେଡା ଟ୍ରାଫିକ ଛକ ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରାରେ ଯାଇଥିଲେ। ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସେ କହିଛନ୍ତି।

ପ୍ରକାଶଯେ, ଓଡ଼ିଶା ସରକାରଙ୍କ ଓପିଟିସିଏଲ୍ ବିଭାଗ ବିନା ନୋଟିସରେ ବିଦ୍ୟୁତ୍ ବିଭାଗରେ ପ୍ରାୟ ୧୫/୧୭ ବର୍ଷ ଧରି କାମ କରିଆସୁଥିବା ସିକ୍ୟୁରିଟିଗାର୍ଡମାନଙ୍କ କାମ ବନ୍ଦ କରିଦେଇଛନ୍ତି। ସେମାନଙ୍କୁ ଗତ ଚାରି ମାସର ଦରମା ଏବଂ ପ୍ରାୟ ତିନି ବର୍ଷର ବୋନସ, ଛୁଟିରେ ପ୍ରାପ୍ୟ ପାଇନାହାନ୍ତି। ଏମାନଙ୍କର ପ୍ରତିମାସରେ ଇପିଏଫ୍ ଏବଂ ଇଏସ୍‌ଆଇ ବାବଦକୁ ଦେୟ କଟୁଛି। ଆଗରୁ ସେମାନେ ୫ କିଲୋମିଟର ପରିଧି ମଧ୍ୟରେ କାମ କରୁଥିଲେ ଏବଂ ବିଭାଗର ବିଭିନ୍ନ ମରାମତି କାର୍ଯ୍ୟ ରେ ସହାୟତା ମଧ୍ୟ କରୁଥିଲେ। ବର୍ତ୍ତମାନ ଦଶ କିଲୋମିଟରେ ଦୂର ପର୍ଯ୍ୟନ୍ତ ଡ୍ୟୁଟି କରିବା ପାଇଁ ବାଧ୍ୟ କରୁଛନ୍ତି ଏବଂ କୌଣସି ଯାତାୟତ ଖର୍ଚ୍ଚ ମଧ୍ୟ ଦେଉନାହାନ୍ତି ବୋଲି ସିକ୍ୟୁରିଟି ଗାର୍ଡମାନେ ଅଭିଯୋଗ କରିଛନ୍ତି। ଏହି ଗାର୍ଡମାନେ ବିଦ୍ୟୁତ୍ ତାର ଚୋରି ଓ ବିଭିନ୍ନ ଯନ୍ତ୍ରାଂଶର ଜଗାରଖା ସହ ହେଲପର୍ ଭଳି କାମ କରିଆସିଛନ୍ତି। ଗତ ଦିନରେ ଠିକାଦାର ବଦଳାଯାଇଥିଲା ବେଳେ ଏମାନଙ୍କ କାମ ସୁରକ୍ଷିତ ରହିଥିଲା। କୋରୋନା ସମୟରେ କାମଧନ୍ଦା ମିଳୁ ନ ଥିବାରୁ ଲୋକେ ଦାଦନ ଖଟିବାକୁ ଯାଉଥିବା ବେଳେ ଏଠି କାମରେ ନିୟୋଜିତ ଲୋକଙ୍କୁ ଛଟେଇ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଅମାନବିକତାର ପରିଚୟ ବୋଲି କୁହାଯାଇଛି। ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସବୁ ସିକ୍ୟୁରିଟି ଗାର୍ଡମାନଙ୍କୁ ପୁନଃ ନିଯୁକ୍ତି ସହ ସେମାନଙ୍କ ବକେୟା ପାଉଣା ଦେବାକୁ ଏଆଇଟିୟୁସିର ଜିଲା ଶ୍ରମିକ ପ୍ରତିନିଧି ପ୍ରମୋଦ କୁମାର ମହାନ୍ତି ଦାବି କରିଛନ୍ତି। ଆସନ୍ତା ୨୧ ତାରତଖରେ ଜିଲା ଶ୍ରମ ଅଧିକାରୀ ମହୋଦୟ ମିଳିତ ବୈଠକ ଡକାଇଛନ୍ତି। ସେଥିରେ ଓପିଟିସିଏଲ୍‌ର ପଦାଧିକାରୀ, କଣ୍ଟ୍ରାକ୍ଟର-ଗଞ୍ଜାମ ସିକ୍ୟୁରିଟି ସଂସ୍ଥା ଓ ଶ୍ରମିକ ପ୍ରତିନିଧିମାନେ ଯୋଗ ଦେବେ। ନ୍ୟାୟ ନ ମିଳିଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଶ୍ରମିକ ପ୍ରତିନିଧିମାନେ ଘୋଷଣା କରିଛନ୍ତି। ରାମକୃଷ୍ଣ ଦାସ, ସୁଦର୍ଶନ ବିଷୋୟୀ, ନିତ୍ୟାନନ୍ଦ ପାତ୍ର,ମଣ୍ଟୁ ହରିଜନ, ତ୍ରିଲୋଚନ ନାୟକ, ନରସିଂହ ନାୟକ, ତ୍ରିପତି ସଗରିଆ, ତ୍ରିନାଥ ନାୟକ,ଲବ ଗୌଡ଼, ଗୋବିନ୍ଦ ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ବାବା ଅମିଲ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

Galaxy Tower
(Regd. Company)
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ
ଡିଜିଟାଲ ଟାୱାର ଲଗାନ୍ତୁ ଓ ପାଆନ୍ତୁ
ଅଗ୍ରିମ - ୨୦ ଲକ୍ଷ
ଭଡ଼ା - 45 ହଜାର
ମାସିକ 25,000 ଟଙ୍କାର ସୁବିଧା +
ମାଗଣା ଇଣ୍ଟରନେଟ୍ + (20 ବର୍ଷର କୋର୍ଟ ଏଗ୍ରିମେଣ୍ଟ)
9451783485
H.No. 412, Subhash Nagar Jind, Haryana

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୱିଚାଟ୍, ଟିକ୍‌ଟକ୍ ଉପରେ ଆମେରିକାର କଟକଣା



**ୟୁଏସ, ୧୮।୯ :** ଚାଇନା ଭିତ୍ତିକ ମୋବାଇଲ ଆପ୍ଲିକେଶନ ଟିକ୍‌ଟକ୍ ଏବଂ ୱିଚାଟ୍ ଉପରେ ଆମେରିକା କଟକଣା ଲାଗୁ କରିଛି। ଏହି ଆପ୍‌ଗୁଡିକର ବ୍ୟବହାର ଓ ଦେଣନେଣ ଏବଂ ପ୍ରସାରକୁ ସମଗ୍ର ଆମେରିକାରୁ ନିଷେଧ କରିବା ପାଇଁ ଟ୍ରମ୍ପ ପ୍ରଶାସନ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ରବିବାରଠାରୁ ଏହି ଆପ୍‌ଗୁଡିକ ବିରୋଧରେ କଟକଣା ଲାଗିବ ବୋଲି ଜଣାପଡିଛି। ଏହି ଆପ୍‌ର ବ୍ୟବହାର ସହିତ ନୂତନ ଡାଉନ୍‌ଲୋଡ କିମ୍ବା ଅପ୍‌ଡେଟ ମଧ କରାଯାଇପାରିବ ନାହିଁ। ବାଣିଜ୍ୟ ସଚିବ ୱିଲବୁର ରୋଷ କହିଛନ୍ତି ଯେ, ଏହି ଚାଇନା ବିକଶିତ ୱିଚାଟ୍ ଆପ୍ ଜରିଆରେ ଟଙ୍କା ନେଣଦେଣ କାର୍ଯ୍ୟ ସହ ଅନ୍ୟାନ୍ୟ କାରବାର ଓ ପ୍ରସାରକୁ ୟୁଏସ୍ ରାଜ୍ୟରୁ ନିଷେଧ କରାଯାଇଛି। ସେହିଭଳି ଏହି ଆପ୍‌ର ପ୍ୟାରେଣ୍ଟ କମ୍ପାନୀ ଟେନ୍‌ସେଣ୍ଟ ହୋଲ୍‌ଡିଂ ଲିମିଟେଡକୁ ଏ ସମସ୍ତ ବିଷୟ ସମ୍ପର୍କରେ ସୂଚିତ କରାଯାଇଛି। କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି ଯେ ଏହି ଆପ୍‌କୁ ଆମେରିକା ବଜାରରୁ ନିଷେଧ ସହ ଆପ୍ ଷ୍ଟୋରରୁ ହଟାଇବାକୁ କୁହାଯାଇଛି।

### ୨୩ରୁ ଆପଲ୍ ଅନ୍‌ଲାଇନ ଷ୍ଟୋର

**ନୂଆଦିଲ୍ଲୀ,୧୮।୯ :** ପ୍ରମୁଖ ସ୍ମାର୍ଟ ଫୋନ ବ୍ରାଣ୍ଡ ଆପଲ୍ ଖୁବ୍‌ଶୀଘ୍ର ଭାରତ ବଜାରରେ ଅନ୍‌ଲାଇନ ଷ୍ଟୋର ଖୋଲିବାକୁ ଯାଉଛି। ଭାରତୀୟ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି କମ୍ପାନୀ ଏହି ସେବା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛି। ଚଳିତ ମାସ ୨୩ରେ ଏହି ଷ୍ଟୋର ଶୁଭାରମ୍ଭ ହେବାକୁ ଯାଉଥିବା ସୂଚନା ମିଳିଛି। ଏଭଳି ପଦକ୍ଷେପ ଦ୍ୱାରା ଗ୍ରାହକଙ୍କ ଚାହିଦା ପୂରଣ ସହ ଘରୋଇ ବଜାରରେ ଏକ ପ୍ରମୁଖ ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀ ଭାବେ ସଫଳତା ହାସଲ କରିବ ବୋଲି କମ୍ପାନୀର ଜଣେ ଅଧିକାରୀ ଏହା କହିଛନ୍ତି। ଏହି ଷ୍ଟୋର ଶୁଭାରମ୍ଭ ହୋଇଯିବା ପରେ ଭାରତ ବଜାରରୁ ଗ୍ରାହକମାନେ ସିଧା ଏହି ଫୋନକୁ ଅନ୍‌ଲାଇନ ଦ୍ୱାରା ମଗାଇପାରିବେ। କମ୍ପାନୀ ବର୍ତ୍ତମାନ ଆମାଜନ ଓ ଫ୍ଲିପ୍‌କାର୍ଟ ଏବଂ ୱାଲ୍‌ମାର୍ଟ ଦ୍ୱାରା ସେବା ଯୋଗାଇ ଦେଉଛି।

# ଜିଡିପି ୧୪% ପର୍ଯ୍ୟନ୍ତ ଖସିପାରେ

**ନୂଆଦିଲ୍ଲୀ,୧୮।୯**

କୋଭିଡ୍-୧୯ ସଂକ୍ରମଣ ବର୍ତ୍ତମାନ ଦ୍ରୁତ ହୋଇଛି। ଗତ ୬ ମାସ ଧରି କ୍ଷତିଗ୍ରସ୍ତ ହୋଇ ରହିଥିବା ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରିବାରେ ଏହା ଆହୁରି ସମସ୍ୟା ସୃଷ୍ଟି କରୁଛି। ଭାରତ କୋଭିଡ୍-୧୯ର ଏକ ନୂଆ ହଟ୍‌ସ୍ପଟ୍ ଭାବେ ଉଭା ହୋଇଛି। ଭାରତୀୟ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସବୁଠାରୁ ଖରାପ ସମୟ ଦେଇ ଗତି କରୁଥିବା ଜଣାପଡିଛି। ପ୍ରଥମ ତ୍ରୈମାସରେ ଜିଡିପି -୨୩.୯% ଖସିଛି। ଚଳିତ ଆର୍ଥିକ ବର୍ଷରେ ଜିଡିପିକୁ ଶକ୍ତ ଝଟକା ଲାଗିବ ବୋଲି ବିଶ୍ୱର ପ୍ରମୁଖ ରେଟିଂ ଏଜେନ୍ସିଗୁଡିକ ପୂର୍ବାନୁମାନ କରିଛନ୍ତି। ନିକଟରେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ଭାରତର ହ୍ରାସ ହେଉଥିବା ଜିଡିପିକୁ ନେଇ ଚିନ୍ତା ପ୍ରକଟ କରିଥିଲା। ଏଭଳି ସ୍ଥିତିରେ ଘରୋଇ ବଜାରର ଜିଡିପି ୧୪.୮% ହ୍ରାସ ହେବ ବୋଲି ଗୋଲ୍ଡ ମ୍ୟାନ୍ ସ୍ୟାଚ୍ ଗ୍ରୁପ୍ ଇଙ୍କ୍ କହିଛି। ସେହିଭଳି ଭାରତର ଜିଡିପି -୯% ଖସିଯିବ ବୋଲି ଏଡିବି ଆକଳନ କରିଛି। ସେହିଭଳି ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋଅପରେଶନ ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ହୋଇଥିବା ଆକଳନରେ ଜିଡିପି




୧୦.୨% ଖସିଯିବ ବୋଲି କୁହାଯାଇଛି।

ଭାରତ ସଂକ୍ରମଣ ରୋକିବା ଦିଗରେ ସକ୍ଷମ ହୋଇନାହିଁ। ଏହାର ପ୍ରଭାବ ବାଣିଜ୍ୟ ଏବଂ କାରବାର ଉପରେ ପଡିଛି। ଚାହିଦା ଖସିଯିବାରୁ ଏହା ଅର୍ଥ ବ୍ୟବସ୍ଥା ଲାଗି ଅସୁବିଧା ସୃଷ୍ଟି କରିଛି। ଘରୋଇ ବଜାରରେ କଟକଣା କୋହଳ କରାଯାଇଛି। ହେଲେ ସଂକ୍ରମଣ ବଢୁଥିବାରୁ ଏହା ଖାଉଟିଙ୍କୁ ଭୟଭୀତ କରି ରଖିଛି। ଏପଟେ ଭାରତ ୟୁଏସ୍ ଏବଂ ବ୍ରାଜିଲ ପରେ ତୃତୀୟ ବୃହତ୍ ସଂକ୍ରମିତ ସ୍ଥାନ ପାଲଟିଛି। ସାରା ବିଶ୍ୱରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ

### ଚିନ୍ତା ବଢ଼ାଉଛି ସଂକ୍ରମଣ ବୃଦ୍ଧି

ଆରମ୍ଭ ହୋଇଗଲାଣି। ଏପଟେ ପ୍ରଥମ ପର୍ଯ୍ୟାୟ ସଂକ୍ରମଣକୁ ରୋକିବାରେ ଭାରତ ସକ୍ଷମ ହୋଇପାରିନାହିଁ ବୋଲି ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚର ମୁଖ୍ୟ ଅର୍ଥନୀତିଜ୍ଞ ସୁନୀଲ କୁମାର ସିହ୍ନା ସୂଚନା ଦେଇଛନ୍ତି। ଅଭିବୃଦ୍ଧି ୧୧.୮% ଖସିବା ନେଇ ଏହି ଏଜେନ୍ସି ପୂର୍ବାନୁମାନ କରିଛି। ଜିଡିପି -୫.୮% ଖସିବ ବୋଲି ପୂର୍ବରୁ ଏହି ଏଜେନ୍ସି ପୂର୍ବାନୁମାନ କରିଥିଲା।

ଘରୋଇ ବଜାରର ପ୍ରଥମ ତ୍ରୈମାସ ଜିଡିପି ହ୍ରାସ (-୨୩.୯% ) ୧୯୯୬ ପରଠାରୁ ସବୁଠାରୁ ଖରାପ ପର୍‌ଫରମାନ୍ସ। ସେହିଭଳି ବିଶ୍ୱର ପ୍ରମୁଖ ଅର୍ଥ ବ୍ୟବସ୍ଥା ମଧ୍ୟରେ ଭାରତ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଖୋଲାଯାଉଥିବାରୁ ଅଭିବୃଦ୍ଧି ସ୍ଥିତାବସ୍ଥାକୁ ଧୀରେ ଧୀରେ ଫେରିବ ବୋଲି ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସୂଚନା ଦେଇଥିଲେ। ଅଗଷ୍ଟ ୧ରେ ରିଜର୍ଭ ବ୍ୟାଙ୍କ ଏହାର ଅଭିବୃଦ୍ଧି ଆକଳନ ପ୍ରକାଶ କରିପାରେ। ଏହିଦିନ ସୁଧହାର ସମ୍ପର୍କରେ ମଧ ଘୋଷଣା କରାଯିବ। ଦେଶର ବିଭିନ୍ନ କ୍ଷେତ୍ରର କାର୍ଯ୍ୟକଳାପ ବର୍ତ୍ତମାନ ସୁଦ୍ଧା ମଧ ଟ୍ରାକ୍‌କୁ ଫେରିନାହିଁ। ଏହାକୁ ଦେଖିଲେ ଜିଡିପି ୭.୧% ଖସିପାରେ ବୋଲି ୟୁବିଏସ୍ ଗ୍ରୁପ୍ ଅର୍ଥନୀତିଜ୍ଞ ତନ୍‌ଭୀ ଗୁପ୍ତା ମତ ରଖିଛନ୍ତି। ଆର୍ଥିକ ବର୍ଷ ୨୦୨୦-୨୧ରେ ଅଭିବୃଦ୍ଧି ୧୦.୬% ରହିବା ନେଇ ବ୍ଲୁମ୍‌ବର୍ଗ ପକ୍ଷରୁ କୁହାଯାଇଛି। କର୍ପୋରେଟ କ୍ଷେତ୍ରର ସ୍ଥିତାବସ୍ଥା ଫେରିବା ନେଇ ଅସୁବିଧା ହେବ ବୋଲି ଡଚ୍ ବ୍ୟାଙ୍କର ଅର୍ଥନୀତିଜ୍ଞ ପୂର୍ବାନୁମାନ କରିଛନ୍ତି। ଏହି ଏଜେନ୍ସି କହିଛି ଯେ, ଜିଡିପି (-)୮ରୁ (-) ୭.୨% ଖସିଯିବ।

# ଏୟାର ଇଣ୍ଡିଆ ଏକ୍ସପ୍ରେସକୁ ୧୫ ଦିନ ବାତିଲ କଲା ଦୁବାଇ





**ନୂଆଦିଲ୍ଲୀ,୧୮।୯**

ଦୁବାଇ କର୍ତ୍ତୃପକ୍ଷ ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ସେବାକୁ ୧୫ ଦିନ ପାଇଁ ବାତିଲ କରିଛନ୍ତି। ଏହି ବିମାନରେ ଯାତ୍ରା କରିଥିବା ଜଣେ ଯାତ୍ରୀ କୋଭିଡ୍-୧୯ ସଂକ୍ରମିତ ଜଣାପଡିବା ପରେ ବିମାନ କମ୍ପାନୀ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ବ୍ୟାନ ପରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ସମସ୍ତ ଦୁବାଇ ଭିତ୍ତିକ ବିମାନ ସେବାକୁ ଶାରଜା ଯାଏ ପ୍ରଦାନ କରିବ ବୋଲି କମ୍ପାନୀର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୪ ଡିସେମ୍ବରରେ ସଂକ୍ରମିତ ଯାତ୍ରୀ ଜଣଙ୍କ ଜୟପୁର-ଦୁବାଇ ବିମାନରେ ଯାତ୍ରା କରିଥିଲେ। ଏହି ବିମାନ କମ୍ପାନୀ ଦ୍ୱିତୀୟ ଥର ଏଭଳି କାର୍ଯ୍ୟ କରିଥିବା ଦୁବାଇ ସିଭିଲ ଆଭିଏଶନ ଅଥରିଟି ପକ୍ଷରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୨ରେ ମଧ ବିମାନ କମ୍ପାନୀକୁ ଦୁବାଇ କର୍ତ୍ତୃପକ୍ଷ ଚେତାବନୀ ଦେଇଥିଲେ। ସୂଚନାଯୋଗ୍ୟ, ଅଗଷ୍ଟରେ ହଂକଂ କର୍ତ୍ତୃପକ୍ଷ ମଧ ଏୟାଇ ଇଣ୍ଡିଆ ଉପରେ ମଧ କଟକଣା ଲଗାଇଥିଲେ। ଅଗଷ୍ଟ ୧୪ରେ ହଂକଂକୁ ଯାଇଥିବା ଏୟାର ଇଣ୍ଡିଆ ବିମାନରେ ୧୪ ଜଣ କୋଭିଡ୍ ସଂକ୍ରମିତ ବାହାରିଥିବା ଜଣାପଡିଛି।

# ଏସ୍‌ବିଆଇର ନୂଆ ଉଠାଣ ନିୟମ

**ଭୁବନେଶ୍ୱର, ୧୮।୯**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ୨୪ ଘଣ୍ଟିଆ ଓଟିପି ଭିତ୍ତିକ ଏଟିଏମ୍ ଉଠାଣ ବ୍ୟବସ୍ଥା ଗତ ଶୁକ୍ରବାରଠାରୁ ଲାଗୁ କରାଯାଇଛି। ଏହା ଫଳରେ ଗ୍ରାହକମାନେ ସୁରକ୍ଷିତ ଉଠାଣ ସହ ଆର୍ଥିକ ସମସ୍ୟା ହେବ ନାହିଁ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଆଗରୁ ଏଟିଏମ୍‌ରୁ ଟଙ୍କା ଉଠାଣ ସମୟରେ ଗ୍ରାହକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଘଟଣା ନଜରକୁ ଆସିଛି। ସେହିସବୁ ସମସ୍ୟାର ସମାଧାନ ସହ ଗ୍ରାହକମାନେ କିପରି ସୁରକ୍ଷିତ ଏଟିଏମ୍ ଉଠାଣ ଓ ଠକେଇରୁ ରକ୍ଷା ପାଇପାରିବେ। ଏହାକୁ ନଜରରେ ରଖି ବ୍ୟାଙ୍କ ପକ୍ଷରୁ ଏହି ୨୪ଘଣ୍ଟିଆ ଓଟିପି ଭିତ୍ତିକ ଉଠାଣ ବ୍ୟବସ୍ଥା ଲାଗୁ କରାଯାଇଛି। ଚଳିତ ବର୍ଷ ଜାନୁୟାରୀ ପହିଲାରୁ ଏଟିଏମ୍‌ରୁ ଟଙ୍କା ଉଠାଣକୁ ସୁରକ୍ଷିତ କରିବା ଲାଗି ବ୍ୟାଙ୍କ ପକ୍ଷରୁ ଏଭଳି ଓଟିପି ଭିତ୍ତିକ ଉଠାଣ ସେବା ଆରମ୍ଭ କରାଯାଇଥିଲା ; ଯାହା ରାତି ୮ ରୁ ସକାଳ ୮ ଯାଏ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଥିଲା। ଫଳରେ ଗ୍ରାହକମାନେ ୧୦ ହଜାର କିମ୍ବା ଏହା ଠାରୁ ଊର୍ଦ୍ଧ୍ୱ ମୂଲ୍ୟର ଟଙ୍କା ଉଠାଣ ସମୟରେ ରେଜିଷ୍ଟ୍ରଭୁକ୍ତ ଫୋନକୁ ଏକ ଓଟିପି ଯାଉଥିଲା। ଉକ୍ତ ଓଟିପି ବ୍ୟବହାର ପରେ ଗ୍ରାହକ ଜଣକ ଟଙ୍କା ଉଠାଣ କରିବାରେ ସକ୍ଷମ ହେଉଥିଲେ। ଏ ସମ୍ପର୍କରେ ବ୍ୟାଙ୍କର ରିଟେଲ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍‌ର ନିର୍ଦ୍ଦେଶକ ସି.ଏସ୍.




ସେଟ୍ଟୀ କହିଛନ୍ତି, ଗ୍ରାହକଙ୍କ ସୁରକ୍ଷାକୁ ବ୍ୟାଙ୍କ ସର୍ବଦା ଗୁରୁତ୍ୱ ଦେଇଆସିଛି। ବିଭିନ୍ନ ସମୟରେ ଏଟିଏମ୍ ଉଠାଣ ସମୟରେ ଗ୍ରାହକମାନେ ବିଭିନ୍ନ ପ୍ରକାର ଠକେଇର ସମ୍ମୁଖୀନ ହେବା ଘଟଣାକୁ ଆଖି ଆଗରେ ରଖି ବ୍ୟାଙ୍କ ପକ୍ଷରୁ ଏହି ନୂତନ ସେବାର ବିକଶିତ କରାଯାଇଛି। ଫଳରେ ଗ୍ରାହକମାନେ ସୁରକ୍ଷିତ ଭାବରେ ଟଙ୍କା ଉଠାଣର ଲାଭ ଉଠାଇପାରିବେ ବୋଲି ସେ ଆଶା କରିଛନ୍ତି।

## ଏଚ୍‌ଡିଏଫ୍‌ସି ଏମ୍‌ଡି ଆଦିତ୍ୟ ପୁରୀଙ୍କ ବିରୋଧରେ ମାମଲା

**ମୁମ୍ବାଇ,୧୮।୯:** ଆମେରିକା ଭିତ୍ତିକ ଲ ଫାର୍ମ ରୋଜେନ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବିରୋଧରେ ପୁଣି ଥରେ ମାମଲା ଦାଏର କରିଛି। ନିବେଶକଙ୍କୁ ହୋଇଥିବା କ୍ଷତିର ଭରଣା ଲାଗି ଏହି ମାମଲା କରାଯାଇଥିବା ଜଣାପଡିଛି। ଏହା ପୂର୍ବରୁ ଉକ୍ତ ଫାର୍ମ ଜୁଲାଇରେ ଏକ ମାମଲା ଦାଏର କରିଥିଲା। ଏହି ମକଦ୍ଦମାରୁ ଏଚ୍‌ଡିଏଫ୍‌ସିର ଅଡୁଆ ବଢିପାରେ ବୋଲି କୁହାଯାଉଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବର୍ତ୍ତମାନ ଏମ୍‌ଡି ଆଦିତ୍ୟ ପୁରୀ, ଦାୟିତ୍ୱ ନେବାକୁ ଥିବା ନୂଆ ଏମ୍‌ଡି ଶଶୀଧର ଜଗଦୀଶନ ଏବଂ ସଚିବ ହଲଦନକରଙ୍କୁ ବିରୋଧରେ ଲ ଫାର୍ମ ମାମଲା କରିଥିବା ଜଣାପଡିଛି। ଅଭିଯୋଗରେ କୁହାଯାଇଛି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଭୁଲ୍ ଦସ୍ତାବିଜ ପ୍ରଦାନ କରିଛି। ଏଥିଯୋଗୁ ନିବେଶକଙ୍କୁ କ୍ଷତି ସହିବାକୁ ପଡିଛି। ଏଥି ଲାଗି ବ୍ୟାଙ୍କ ନିବେଶକଙ୍କୁ ଏହାର ଭରଣା କରିବାକୁ ଦାବି କରାଯାଇଛି। ଆମେରିକାର ଡିଷ୍ଟ୍ରିକ୍ଟ କୋର୍ଟରେ ଏହି ମାମଲା ଦାୟର କରାଯାଇଛି। ବ୍ୟାଙ୍କ ଏଭଳି କାର୍ଯ୍ୟ ଜାଣି କିମ୍ବା ଅବହେଳାରେ କରିଛି। ଏହା ନିବେଶକଙ୍କ ସହ ବିଶ୍ୱାସଘାତ ବୋଲି ଅଭିଯୋଗ ହୋଇଛି।

# ଚାଇନାରୁ କେମିକାଲ ଆମଦାନୀ କମିବ

**ନୂଆଦିଲ୍ଲୀ,୧୮।୯**

ଚାଇନାରୁ କେମିକାଲ ଆମଦାନୀ କମାଇବା ଲାଗି କେନ୍ଦ୍ର ସରକାର ଏବେ ଚିନ୍ତା କରୁଛନ୍ତି। ଏଥିଲାଗି ୨୫ ହଜାର କୋଟି ଟଙ୍କାର ଏକ ଯୋଜନା ପ୍ରସ୍ତୁତ ହେଉଥିବା ଜଣାପଡିଛି। ଏ କ୍ଷେତ୍ରରେ ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ବ୍ୟବସ୍ଥା ଆଣିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଫାର୍ମା, କୀଟନାଶକ ଏବଂ ଅନ୍ୟ ଶିଳ୍ପ କ୍ଷେତ୍ରରେ ବ୍ୟବହାର ହେଉଥିବା କେମିକାଲ ଆମଦାନୀ କମାଇବା ସହ ସ୍ଥାନୀୟ ମାନୁଫାକଚରିଂକୁ ଉତ୍ସାହିତ କରିବା ଦିଗରେ ଯୋଜନା ଗ୍ରହଣ କରାଯିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ନିକଟରେ କେମିକାଲ୍ସ ବିଭାଗ ପକ୍ଷରୁ ଏ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ତାଲିକାରେ ପ୍ରାୟ ୭୫ କ୍ରିଟିକାଲ କେମିକାଲ ସାମିଲ କରାଇବା ନେଇ ଚିନ୍ତା କରାଯାଉଛି। ପ୍ରୋତ୍ସାହନ ଯୋଜନାରେ ପ୍ରଡକ୍ସନ ଭାଲ୍ୟୁର ୧୦% ରାଶି ପ୍ରଦାନ କରାଯିବାକୁ ଚିନ୍ତା କରାଯାଉଛି। ଆଗାମୀ ୫ ବର୍ଷରେ ଏଥି ଲାଗି ପ୍ରାୟ ୨୫ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ପ୍ରସ୍ତାବ ରହିଛି। ସୀମାରେ ଭାରତର ୨୦ ଯବାନ ଶହୀଦ ହେବା ପରେ କେନ୍ଦ୍ର ସରକାର ଚାଇନା



### ପ୍ରସ୍ତୁତ ହେଉଛି ୨୫ ହଜାର କୋଟିର ଯୋଜନା

ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ସପକ୍ଷରେ ରହିଛନ୍ତି। ଭାରତ ପ୍ରତିବର୍ଷ ୧.୫ ଲକ୍ଷ କୋଟି ଟଙ୍କାର କେମିକାଲ ଆମଦାନୀ କରୁଛି। ଏହାର ପ୍ରାୟ ୮୦ରୁ ୮୫% ଅଂଶ ଚାଇନାରୁ ଆସୁଥିବା ଅଧିକାରୀ କହିଛନ୍ତି। ଦେଶରେ ଫାର୍ମା ଏପିଆଇ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଭାରତକୁ ଏ କ୍ଷେତ୍ରରେ ସ୍ୱୟଂସମ୍ପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ମୋଟ ୩୨୭ ସାମଗ୍ରୀ ମଧ ଚାଇନାର ଅଂଶ ପ୍ରାୟ ୩ ଭାଗ ରହିଛି। ଏହି ସାମଗ୍ରୀ ଚାଇନାରୁ ନ ଆଣିବ ବିକଳ୍ପ ଖୋଜାଯାଉଛି। ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଇବା ଲାଗି କେମିକାଲ୍ସ ବିଭାଗ ଏକ କମିଟି ଗଠନ କରିଛି। କମିଟି ଏହାର ପ୍ରସ୍ତାବକୁ ଚୂଡାନ୍ତ କରିଛି। ପ୍ରଥମେ ଏହାକୁ ବ୍ୟୟ ବିଭାଗକୁ ପ୍ରଦାନ କରାଯିବ। ପରେ କ୍ୟାବିନେଟ ମଞ୍ଜୁରୀ ଲାଗି ପଠାଯିବ ବୋଲି ଅଧିକାରୀ ମତ ପ୍ରକାଶ କରିଛନ୍ତି।

## ରାଜ୍ୟ ଖବର

# ଆଦର୍ଶ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ବୃତ୍ତିଗତ ଶିକ୍ଷା ପ୍ରଶିକ୍ଷଣ ଦିଆଯିବ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମେଡିକାଲ୍, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୃତ୍ତିଗତ ଶିକ୍ଷା ନିମନ୍ତେ ଆବଶ୍ୟକ ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରଶିକ୍ଷଣ ଦେବା ପାଇଁ ଆଗ୍ରହୀ ସରକାରୀ ଅଧିକାରୀ ଓ କର୍ମଚାରୀଠାରୁ ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଆବେଦନ ଆମନ୍ତ୍ରଣ କରିଛି। ଆଗ୍ରହୀ ପ୍ରଶିକ୍ଷକମାନେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଡେପୁଟେଶନ ବା ଅତିରିକ୍ତ ଦାୟିତ୍ୱରେ ଆସି ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ କୋଚିଂ ଦେଇପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି।


ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଅଧୀନରେ ରାଜ୍ୟର ପ୍ରତି ବ୍ଲକ୍‌ରେ ଥିବା ଆଦର୍ଶ ବିଦ୍ୟାଳୟଗୁଡ଼ିକ ପରିଚାଳିତ ହେଉଛି। ଏଠାରେ ଛାତ୍ରୀଛାତ୍ରମାନେ ସିବିଏସ୍‌ଇ ପାଠ୍ୟକ୍ରମ ତାଙ୍କାରେ ଇଂଲିଶରେ ଶିକ୍ଷା ଗ୍ରହଣ କରିଥାନ୍ତି। ଚଳିତ ବର୍ଷ ଓ ଗତବର୍ଷ ଆଦର୍ଶ ବିଦ୍ୟାଳୟର ପ୍ରାୟ ୩୫୦ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଛାତ୍ରୀଛାତ୍ରଙ୍କ ସହ ୩ ଘଣ୍ଟା ଧରି କଥା ହୋଇଥିଲେ। ଭବିଷ୍ୟତରେ ସେମାନେ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୃତ୍ତିଗତ ଶିକ୍ଷା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ତେଣୁ ସେମାନଙ୍କୁ ପ୍ରବେଶିକା ପରୀକ୍ଷାରେ ସଫଳ ହେବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ କୋଚିଂ ଆଦି ସୁବିଧାର ବ୍ୟବସ୍ଥା ହୋଇଛି।

ପ୍ରମୁଖ ଶାସନ ସଚିବ ସାହୁ କହିଛନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରେ କାର୍ଯ୍ୟରତ ଅନେକ ଅଧିକାରୀ ତଥା କର୍ମଚାରୀ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେବା ଏବଂ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବାର ଆଗ୍ରହ ରଖନ୍ତି। ସେହିପରି ଆଗ୍ରହୀ ଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ନିମନ୍ତେ ଆବେଦନ କରିବା ପାଇଁ ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ଗଣିତ, ଇଂଲିଶ ଓ ସାମାଜିକ ବିଜ୍ଞାନରେ ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନ୍ ପ୍ରଶିକ୍ଷଣ ଦେବାକୁ ହେବ। ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ଫର୍ମରେ ନିଜ କର୍ତ୍ତୃପକ୍ଷଙ୍କ ଜରିଆରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଆବେଦନ କରିପାରିବେ। ଏହାର ସବିଶେଷ ତଥ୍ୟ www.oav.edu.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି।

# ପିଏଲ୍‌ଏଫ୍‌ଆଇ ଗ୍ୟାଙ୍ଗର ରାଜୁ କିଣ୍ଡୋ, ସହଯୋଗୀ ଗିରଫ

**ସୁନ୍ଦରଗଡ, ୧୮।୯(ଡି.ଏନ୍.ଏ.)**

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତରେ ସକ୍ରିୟ ଥିବା ପିଏଲ୍‌ଏଫ୍‌ଆଇ(ପିପୁଲ ଲିବରେଶନ ଫ୍ରଣ୍ଟ ଅଫ ଇଣ୍ଡିଆ) ଗ୍ୟାଙ୍ଗର ମୋଷ୍ଟ ୱାଣ୍ଟେଡ ରାଜୁ କିଣ୍ଡୋ ଓ ତାଙ୍କ ସହଯୋଗୀଙ୍କୁ ସୁନ୍ଦରଗଡ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରିଛି। ସେମାନଙ୍କ ନିକଟରୁ ନଗଦ ୪ଲକ୍ଷ ୮୦ହଜାର ୫ଶହ ଟଙ୍କା, ୨ ପିସ୍ତଲ ଓ ୬ ଦେଶୀ ବନ୍ଧୁକ ଜବତ ହୋଇଛି। ଶୁକ୍ରବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ମୁତାବକ ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ରାଏବଗା ଥାନା ଅନ୍ତର୍ଗତ କାଦୋବାହାଲ ଗ୍ରାମରେ ପିଏଲ୍‌ଏଫ୍‌ଆଇ ସଦସ୍ୟମାନେ ମାରଣାସ୍ତ୍ର ମହଜୁଦ ରଖିଥିବା ସମ୍ପର୍କରେ ଗୋଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ସୂଚନାକୁ ଆଧାର କରି ରାଏବଗା ଥାନା ଏଏସ୍‌ଆଇ ସୁନ୍ଦରମଣି ନାଏକଙ୍କ ନେତୃତ୍ୱରେ ଗଠିତ ଡିଭିଏଫ୍ ଟିମ୍ ସେହି ଗ୍ରାମରେ ସର୍ଚ୍ଚ ଅପରେଶନ କରିଥିଲେ। ପିଏଲ୍‌ଏଫ୍‌ଆଇ ସଦସ୍ୟ ତଥା ସେହି ଗାଁର ମୋଷ୍ଟ ୱାଣ୍ଟେଡ ରାଜୁ କିଣ୍ଡୋ (୩୮)ଙ୍କ ଘର ଚାରିପାଖକୁ ପୋଲିସ ଘେରି ଯାଇଥିଲା। କବାଟ ବାଡେଇଲା ପରେ ମଧ ଭିତରପଟୁ କେହି ଖୋଲି ନ ଥିଲେ। ପୋଲିସ ଟିମ୍ କବାଟ ଖୋଲିବାକୁ ଉଦ୍ୟମ କରୁଥିବା ବେଳେ ଘର ଭିତରେ ଥିବା ରାଜୁ ହଠାତ୍ କବାଟ ଖୋଲି ପୋଲିସ ଉପରକୁ ଗୁଳି ଚଳାଇଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଉଛନ୍ତି। ଜବତ ବନ୍ଧୁକ ଓ ଟଙ୍କା।

- ସୁନ୍ଦରଗଡ଼ ପୋଲିସର ମୋଷ୍ଟ ୱାଣ୍ଟେଡ ଥିଲେ ରାଜୁ
- ୨ପିସ୍ତଲ, ୬ ଦେଶୀ ବନ୍ଧୁକ ଜବତ

ତେବେ ପୋଲିସ ଏସ୍‌ଆଇ ନାଏକ ନଇଁ ପଡିବାରୁ ତାଙ୍କ ମୁଣ୍ଡ ଉପର ଦେଇ ଗୁଳି ଚାଲି ଯାଇଥିଲା। ଏହାପରେ ପୋଲିସ ଟିମ୍ ରାଜୁଙ୍କୁ କାବୁ କରିଥିଲେ। ତାଙ୍କଠାରୁ ୨ ଗୁଳିଭରା ପିସ୍ତଲ ଜବତ କରାଯାଇଥିଲା। ଅଧିକ ଜେରା ପରେ ତାଙ୍କ ଘରଠାରୁ ଅନତି ଦୂରରେ ମାଟିତଳେ ପୋତା ଯାଇଥିବା ଗୋଟିଏ କାର୍ବାଇନ୍ ବନ୍ଧୁକ, ସିଙ୍ଗଲ ବ୍ୟାରେଲ ୪ଟି ଓ ଡବଲ ବ୍ୟାରେଲର ଗୋଟିଏ ଦେଶୀ ବନ୍ଧୁକ ପୋଲିସ ଜବତ କରିଥିଲା। ପରେ ତାଙ୍କ ସୂଚନା କ୍ରମେ ଘନିଷ୍ଠ ସହଯୋଗୀ ତଥା ଗ୍ରାମର ସାନମୁନୁ ସାହୁ (୪୫)ଙ୍କ ଘର ଉପରେ ଚଢାଉ କରାଯାଇ ଅନ୍ୟ ଏକ ପିସ୍ତଲ ଜବତ କରାଯାଇଥିଲା। ରାଜୁ ଝାଡଖଣ୍ଡ ଓଡିଶା ସୀମାନ୍ତରେ ଆତଙ୍କ ଚଳାଇ ଝାଡଖଣ୍ଡ ପୋଲିସ ଦ୍ୱାରା ଏନକାଉଣ୍ଟର ହୋଇଥିବା ପିଏଲ୍‌ଏଫ୍‌ଆଇ ଗ୍ରୁପ୍ ଲିଡର ଜୟଧରଙ୍କ ଦଳର ସଦସ୍ୟ ଥିଲେ। ଝାଡଖଣ୍ଡ ବାଦଶା ଗ୍ରୁପର ମଧ୍ୟ ସେ ସଦସ୍ୟ ରହିଥିବା ପୋଲିସ ସୂଚନା ଦେଇଛି। ଜବତ ଅସ୍ତ୍ରଶସ୍ତ୍ର ସବୁ ସେ ମହଜୁଦ ରଖିଥିବା ନେଇ ରାଜୁ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ରାଜୁ କିଣ୍ଡୋଙ୍କ ନାମରେ ବୀରମିତ୍ରପୁର ଥାନାରେ ଗୋଟିଏ ଓ ରାଏବଗା ଥାନାରେ ୬ଟି ଲୁଟ୍, ହତ୍ୟା ଓ ବିଭିନ୍ନ ଆପରାଧିକ ମାମଲା ରହିଥିବା ଏସ୍‌ପି ନାଥ ସୂଚନା ଦେଇଛନ୍ତି। ଗିରଫ ପରେ ୨ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

# 'ରାଜଧାନୀବାସୀଙ୍କ ପ୍ରତି ବିଏମ୍‌ସି ଉଦାସୀନ'

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ରାଜଧାନୀରେ କରୋନା ପରିଚାଳନା ପ୍ରସଙ୍ଗରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର କାର୍ଯ୍ୟକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ। ଏ ସଂକ୍ରାନ୍ତରେ ସେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ନିରଞ୍ଜନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ବିଏମ୍‌ସି ଭୁବନେଶ୍ୱର ବାସିନ୍ଦାଙ୍କ ପ୍ରତି ଉଦାସୀନ ଓ ଦାୟିତ୍ୱହୀନ ଆଚରଣ ଦେଖାଇଛି। ମହାମାରୀ ସମୟରେ ଏପରି କାର୍ଯ୍ୟକଳାପ ଅତ୍ୟନ୍ତ ଦୁଃଖଦାୟକ। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ। କେବଳ ସହରବାସୀଙ୍କ ମତକୁ ଜଣେ ସାଧାରଣ ନାଗରିକ ଭାବେ ଜଣାଇବାକୁ ସେ ଚେଷ୍ଟା କରିଛନ୍ତି। ସ୍ଥିତି ସମୀକ୍ଷା ଲାଗି ମୁଖ୍ୟ ଶାସନ ସଚିବଙ୍କୁ ଦାୟିତ୍ୱ ଦେବାକୁ ନିରଞ୍ଜନ ଚିଠିରେ ନିବେଦନ କରିଛନ୍ତି। ସେ ଆହୁରି ମଧ ଉଲ୍ଲେଖ କରିଛନ୍ତି, ବିଏମ୍‌ସି ବହୁ ବିଳମ୍ବରେ ସହାୟତା ନମ୍ବର (୧୯୨୯) ଜାରି କରିଥିଲା। ହେଲେ ଏହି ନମ୍ବରକୁ ଫୋନ କଲେ ସେଭଳି କିଛି ସହାୟତା ମିଳୁନାହିଁ। ବିଏମ୍‌ସି ଅଧିକାରୀଙ୍କ ପାଖରେ ଲୋକେ ପହଞ୍ଚି ପାରୁନାହାନ୍ତି। କୋଭିଡ୍ ପରୀକ୍ଷା କରିବାକୁ ଯାଇ ହଇରାଣ ହେଉଛନ୍ତି। ଘରେ ଥିବା ଆକ୍ରାନ୍ତଙ୍କ ସମସ୍ୟା ବଢ଼ିଲେ ଡାକ୍ତରଖାନାରେ ବେଡ୍ ମିଳୁନାହିଁ। ଏହା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ସଙ୍କଟାପନ୍ନ କରୁଛି। ସ୍ୱାଭାବିକ ସମୟ ହୋଇଥିଲେ ଲୋକଙ୍କ ଆକ୍ରୋଶ ଆନ୍ଦୋଳନର ରୂପ ନେଇ ସାରନ୍ତାଣି। ରାଜଧାନୀରେ କରୋନାର ଗୁରୁତ୍ୱକୁ ବୁଝି ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ନିରଞ୍ଜନ ଚିଠିରେ ଅନୁରୋଧ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି

# ଚେନ୍ନାଇ ବନାମ ମୁମ୍ବାଇ

## କୋଭିଡ୍- ୧୯ ସମୟରେ କ୍ରୀଡ଼ାରେ ନୂଆ ଆଶା

ଆବୁଧାବି, ୧୮।୯(ପି.ଟି)

ବିଶ୍ୱର ସବୁଠାରୁ ବୃହତ୍ ତଥା ଶ୍ରେଷ୍ଠ ଟି୨୦ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। କୋଭିଡ୍-୧୯ ମହାମାରୀ କାରଣରୁ ଏଥର ଏହି ହାଇପ୍ରୋଫାଇଲ ଲିଗ୍ ଭାରତ ବଦଳରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବାକୁ ଯାଉଛି। ମାହାମାରୀ କାରଣରୁ ଦୀର୍ଘ ଦିନଧରି କ୍ରିକେଟ ଦେଖିବାରୁ ବଞ୍ଚିତ ହୋଇଥିବାର ଭାରତୀୟ ପ୍ରଶଂସକ ଏଥର ଘରେ ବସି ଆଇପିଏଲର ମଜା ନେବେ। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିସାରିଥିବା ସୁପରଷ୍ଟାର ମହେନ୍ଦ୍ର ସିଂ ଧୋନୀ, ଭାରତୀୟ ଅଧିନାୟକ ବିରାଟ କୋହଲି, ତାରାକା ଓପନର ରୋହିତ ଶର୍ମା ନିଜ ଦଳରେ ନେତୃତ୍ୱ ନେଇ ସମସ୍ତଙ୍କ ନଜରରରେ ରହିବେ।

ଶନିବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ଗତଥରର ଚାମ୍ପିୟନ ରୋହିତଙ୍କ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ମାହାମାରୀ କାରଣରୁ ଦର୍ଶକଙ୍କ ଅନୁପସ୍ଥିତିରେ ଫାଙ୍କା ଷ୍ଟାଡିୟମରେ ଏଥର ଆଇପିଏଲ ମ୍ୟାଚ୍ ଖେଳାଯିବ। ଭାରତରେ ୫୦ ଲକ୍ଷ କୋଭିଡ୍ କେସ୍ ଦେଖିବାକୁ ମିଳିଛି। ଫଳରେ ଆଇପିଏଲ୍‌କୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ଦର୍ଶକମାନେ କେବଳ ଘରେ ବସି ଟିଭିରେ ଏହି ଇଭେଣ୍ଟ ଦେଖିବେ। ଆଗାମୀ ୫୩ ଦିନରେ ଦର୍ଶକମାନେ ଫଟାଫଟ୍ କ୍ରିକେଟ ଦେଖିବାର ମଜା ନେଇପାରିବେ। ଧୋନୀଙ୍କ ସିଏସ୍‌କେ, କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ ରୋହିତଙ୍କ ମୁମ୍ବାଇ ଇଣ୍ଡିଆନ୍ସଙ୍କ ପ୍ରଭାବ ଆଇପିଏଲ୍‌ରେ ଦେଖିବାକୁ ମିଳିବ। ତେବେ ଯୁବ ଖେଳାଳିଙ୍କୁ ନେଇ ଗଠିତ ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ଶ୍ରେୟାସ ଆୟାରଙ୍କ ଦିଲ୍ଲୀ କ୍ୟାପିଟାଲ ଧୋନୀ, କୋହଲି, ରୋହିତଙ୍କ ଦଳକୁ କଡ଼ା ଚ୍ୟାଲେଞ୍ଜ୍ ଦେବ ବୋଲି ଆଶା କରାଯାଉଛି।

ବିଦେଶରେ ଆଇପିଏଲ୍ ଆୟୋଜନ ହେବା ନୂଆ କଥା ନୁହେଁ। ପୂର୍ବରୁ ଏକାଧିକ ବାର ଆଇପିଏଲ୍ ଦେଶ ବଦଳରେ ବିଦେଶରେ ଆୟୋଜିତ ହୋଇଛି। ଜୈବ ସୁରକ୍ଷିତ ପରିବେଶରେ ରୁଦ୍ଧଦ୍ୱାରରେ ଆଇପିଏଲ୍ ଖେଳାଯାଉଥିବାରୁ ଏହା ଆୟୋଜକ ଓ ପ୍ରଶଂସକଙ୍କ ପାଇଁ ନୂଆ ଅଭିଜ୍ଞତା ଆଣିଦେବ। ଡେଭିଡ୍ ୱାର୍ନର ଓ କ୍ରିସ୍ ଗେଲଙ୍କ ଗଗନଚୁମ୍ବୀ ଛକା ଦେଖିବାକୁ ଷ୍ଟାଡିୟମରେ ଅବଶ୍ୟ ଦର୍ଶକ ନ ଥିବେ। ତେବେ ସାରା ବିଶ୍ୱରେ ଦେଖା ଦେଇଥିବା ଏହି ସ୍ୱାସ୍ଥ୍ୟ ସଙ୍କଟ ମଧ୍ୟରେ ଆଇପିଏଲ ଖେଳାଯିବା ମଧ୍ୟ ଆଦୌ ଛୋଟ କଥା ନୁହେଁ।

ବିଭିନ୍ନ ଦଳ କଥା ବିଚାର କଲେ ରୋହିତ, ପାଣ୍ଡ୍ୟା ଭ୍ରାତା ହାର୍ଦ୍ଦିକ ଓ କ୍ରୁନାଲ, କିରନ ପୋଲାର୍ଡ ଓ କିଙ୍ଗ୍ ଅଫ୍ ଡେଥ୍ କୁହାଯାଉଥିବା ଯଶପ୍ରୀତ ବୁମ୍‌ରାଙ୍କୁ ନେଇ ମୁମ୍ବାଇ ଦଳ ବେଶ୍ ସନ୍ତୁଳିତ ତଥା ଦୃଢ଼ ମନେହେଉଛି। ସେହିପରି ଶେନ୍ ୱାଟସନ, ଡ୍ୱେନ ବ୍ରାଭୋ, ଫାଫ୍ ଡୁପ୍ଲେସି ଓ ରବୀନ୍ଦ୍ର ଜାଡେଜା ଚେନ୍ନାଇ ପାଇଁ ଏଥର ଉପଯୋଗୀ ସାବ୍ୟସ୍ତ ହେବେ। ପୂର୍ବରୁ ଏହି ଖେଳାଳିମାନେ ଚେନ୍ନାଇ ପାଇଁ ବହୁତ କିଛି କରିଛନ୍ତି। ଏଥର ମଧ୍ୟ ଚେନ୍ନାଇ ଏମାନଙ୍କ ପ୍ରଦର୍ଶନ ଦ୍ୱାରା ବାଜିମାରିବା ଲକ୍ଷ୍ୟରେ ରହିଥିବ। ସେହିପରି କୋହଲିଙ୍କ ନେତୃତ୍ୱରେ ବାଙ୍ଗାଲୋର ଚାମ୍ପିୟନ ହେଲେ ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ। ବାଙ୍ଗାଲୋର ଟାଇଟଲ ହାସଲ କରି ନ ଥିବାରୁ ତାଙ୍କ ନେତୃତ୍ୱକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆରୋନ ଫିଞ୍ଚ, କ୍ରିସ୍ ମୋରିସ୍ ଓ ଯୁବ ଖେଳାଳି ଦେବଦତ୍ତ ପଡିକାଲ ଦଳ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଆଗାମୀ ଦିନରେ ଦେବଦତ୍ତ ଏକ ବଡ଼ ଷ୍ଟାର ହେବେ ବୋଲି ଆଶା କରାଯାଉଛି। ସେହିପରି ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ପୃଥ୍ୱୀ ଶ ଓ ରିଷଭ ପନ୍ତଙ୍କ ଭଳି ଖେଳାଳି ରହିଛନ୍ତି। ଏହି ୩ଜଣ ପ୍ରତିଭା ସମ୍ପନ୍ନ ଯୁବ ଖେଳାଳି ଅବଶ୍ୟ କିଛି ଅଭିଜ୍ଞତା ହାସଲ କରିଛନ୍ତି। ସେହିପରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଯୁବ ଖେଳାଳିଙ୍କୁ ଦିଗ୍‌ଦର୍ଶନ ଦେବେ। କିଙ୍ଗ୍ସ ଏକାଦଶ ପଞ୍ଜାବ ଦୃଷ୍ଟିକୋଣରୁ ଦେଖିଲେ ଲୋକେଶ ରାହୁଲ ଜବରଦସ୍ତ ଫର୍ମରେ ରହିଛନ୍ତି। ତାଙ୍କ ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି ବିବେଚନା କରାଯାଉଛି। ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ, କ୍ରିସ୍ ଗେଲ ଓ ମହମ୍ମଦ ସାମିଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳିଙ୍କୁ ସେ କିଭଳି ହ୍ୟାଣ୍ଡଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଦଳର ଅସ୍ଥିର ପ୍ରଦର୍ଶନକୁ ସଜାଡିବାର ଗୁରୁଦାୟିତ୍ୱ ରାହୁଲଙ୍କ ଉପରେ ରହିଛି। ଲୋପ୍ରୋଫାଇଲ ହାଇଦ୍ରାବାଦ ଦଳ ମଧ୍ୟ ଏଥର କିଛି ଚମତ୍କାର କରିବା ଆଶାରେ ରହିଛି। ଅଧିନାୟକ ଡେଭିଡ୍ ୱାର୍ନର ନିଜ ପ୍ରଦର୍ଶନ ମାଧ୍ୟମରେ ଦଳକୁ ଠିକ୍ ଦିଗ୍‌ଦର୍ଶନ ଦେଇଥାନ୍ତି। ଦଳରେ ଜନି ବେୟାରଷ୍ଟୋ, କେନ୍ ୱିଲିୟମସନ, ରସିଦ୍ ଖାନ, ବିରାଟ ସିଂ ଓ ପ୍ରିୟମ ଗର୍ଗ ହାଇଦ୍ରାବାଦ ପାଇଁ କିଛି କରିଦେଖାଇବାକୁ ଅପେକ୍ଷାରେ ରହିଛନ୍ତି। ପୂର୍ବରୁ ୨୦୧୪ରେ ଆଇପିଏଲ୍ ଆଂଶିକ ଭାବେ ୟୁଏଇରେ ଆୟୋଜିତ ହୋଇଥିଲା ଓ ଏଥିରେ କୋଲକାତା ନାଇଟ ରାଇଡର୍ସ (କେକେଆର) ଚାମ୍ପିୟନ ହୋଇଥିଲା। କେକେଆର ପାଇଁ ଆନ୍ଦ୍ରେ ରସେଲ ଗତ ସଂସ୍କରଣରେ ଧୂଆଁଧାର ବ୍ୟାଟିଂ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିୟନ ଶୁବମନ ଗିଲ, ଶିବମ୍ ମାଭି ଓ କମଲେଶ ନାଗରକୋଟିଙ୍କ ସମେତ ଦୀନେଶ କାର୍ତ୍ତିକ, ଇଅନ ମୋର୍ଗାନ କୋଲକାତା ଦଳକୁ ସନ୍ତୁଳିତ କରିଛନ୍ତି। ସେହିପରି ଜୋଶ ବଟଲର, ଷ୍ଟିଭ୍ ସ୍ମିଥ୍ ଓ ଜୋଫ୍ରା ଆର୍ଚର ବେନ୍ ଷ୍ଟୋକ୍ସଙ୍କ ଅନୁପସ୍ଥିତିରେ ରାଜସ୍ଥାନ ରୟାଲ୍ସ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ଷ୍ଟୋକ୍ସ ଏବେ ନ୍ୟୁଜିଲାଣ୍ଡରେ ତାଙ୍କ ଅସୁସ୍ଥ ପିତାଙ୍କ ନିକଟରେ ରହିଛନ୍ତି। ଆଇପିଏଲ୍ ସବୁଥର ଭଳି ଏଥର ମଧ୍ୟ ବେଶ୍ ଆକର୍ଷଣୀୟ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ରୋହିତ ଶର୍ମା

ମହେନ୍ଦ୍ର ସିଂ ଧୋନୀ

# କୋଭିଡ୍ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ଜର୍ସି

**ଦୁବାଇ,୧୮।୯:**କୋଭିଡ୍-୧୯ ଯୋଦ୍ଧାଙ୍କୁ ଧନ୍ୟବାଦ ଜଣାଇବା ଲାଗି ସ୍ଥିର କରିଛି ଆଇପିଏଲ୍ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସ। ଖେଳାଳିମାନେ ଟୁର୍ନାମେଣ୍ଟ ସାରା ବ୍ୟବହାର କରିବାକୁ ଥିବା ଅଫିସିଆଲ ଜର୍ସିରେ 'ଥ୍ୟାଙ୍କ୍ ୟୁ କୋଭିଡ୍ ୱାରିୟର୍ସ' ଶୀର୍ଷକ ଏକ ଲେଖା ରହିବ। ଦିଲ୍ଲୀ କ୍ୟାପିଟାଲ୍ସର ସିନିୟର ଭାରତ ପେସ୍ ବୋଲର ଇଶାନ୍ତ ଶର୍ମା, ସ୍ପିନର ଅମିତ ମିଶ୍ର ଏବଂ ଆସିଷ୍ଟାଣ୍ଟ କୋଚ୍ ମହମ୍ମଦ କୈଫ୍ ଇତିମଧ୍ୟରେ ଡାକ୍ତର, ପୋଲିସ ଏବଂ କେତେଜଣ ଆଗଧାଡ଼ି କର୍ମଚାରୀଙ୍କ ସହ ଏକ ଭର୍ଚୁଆଲ ମିଟ୍‌ରେ ବାର୍ତ୍ତାଳାପ କରିଛନ୍ତି। ଏହାଛଡ଼ା ସେମାନଙ୍କ ନିକଟକୁ ବ୍ୟକ୍ତିଗତ ଭାବେ ଟିମ୍ ଜର୍ସି ପଠାଇଛନ୍ତି, ଯେଉଁଥିରେ ଲେଖା ରହିଛି 'ସଲାମ ଦିଲ୍ଲୀ'। କୋଭିଡ୍-୧୯ ଲଢେଇ ବେଳେ ମାନବ ସେବାରେ ନିୟୋଜିତ ସମସ୍ତ ସାନିଟେଶନ ୱାର୍କର, ଡାକ୍ତର, ସୁରକ୍ଷା କର୍ମଚାରୀ, ରକ୍ତଦାନକାରୀ, ସାମାଜିକ କର୍ମୀ, ଡ୍ରାଇଭର ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଇବା ଲାଗି ଆମ ଦଳ ପକ୍ଷରୁ ଏକ ସାମାନ୍ୟ ପ୍ରୟାସ ବୋଲି ଇଶାନ୍ତ କହିଛନ୍ତି।

# ଜାଡେଜାଙ୍କୁ ଗୋଲ୍ଡେନ୍ ସୋର୍ଡ, ଧୋନୀଙ୍କୁ ଗୋଲ୍ଡେନ୍ କ୍ୟାପ୍





ୟୁଏଇରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୩ତମ ସଂସ୍କରଣ ଆରମ୍ଭ ହେବା ପୂର୍ବରୁ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୋଚ୍ ଷ୍ଟିଫେନ୍ ଫ୍ଲେମିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଗୋଲ୍ଡେନ୍ ସୋର୍ଡ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଗୋଲ୍ଡେନ୍ କ୍ୟାପ୍ ପ୍ରଦାନ କରୁଛନ୍ତି ।

Happy Birthday



little angel. May you always be filled with happiness each and every day. I'm pretty sure that you will grow up to be a bright and beautiful girl someday since you bring so much happiness wherever you go. Happy birthday, sweet angel.
**Happy birthday LADLY...**
BEST WISHES,- BAPUNI
D-18288

ନବମ ଜନ୍ମବାର୍ଷିକ ଶୁଭେଚ୍ଛା



ଓମ୍‌ସାଇ ବିଶ୍ୱାଳ
(ଲେଣ୍ଢୋ, ନିରାକାରପୁର, ଖୋର୍ଦ୍ଧା)
''ପ୍ରଭୁ ନୀଳଚକ୍ରେ ବାନା ତୁମ ଉଡ଼େ ଫରଫର ଜ୍ଞାନ, ବୁଦ୍ଧି, ବିଦ୍ୟାରେ ନିପୁଣ କରିବ ''ସାଇ''କୁ ଆମର''।
-:ଶୁଭେଚ୍ଛା ସହ:-
ମା', ଜେଜେ, ମାମା, ବାପା, ଖୁଡୀ, ଦାଦା, ଅପା, ପିଉସା, ଆଈ, ଅଜା, ମାଈଁ, ମାମୁ, ମାଉସୀ, ମଉସା, ଭଉଣୀ, ଭାଇ, ଗୁରୁମା', ଗୁରୁଜୀ ବନ୍ଧୁ ଓ ପରିଜନବର୍ଗ ।
ଧ-୧୮୧୮୬

ଜନ୍ମଦିନ ଶୁଭେଚ୍ଛା
ଶିଖା (ସୋନା)



ଆଜି ତୁମ ୨୪ତମ ଜନ୍ମଦିବସରେ ଜଗତର ନାଥ ଶ୍ରୀଜଗନ୍ନାଥ ଓ ସାଇ ବାବାଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ ତୁମ ଚଲାପଥ ସଦାସର୍ବଦା କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ବୋଉ, ଦାଦା, ଖୁଡୀ, ଭାଇ, ଭାଉଜ, ସାନଭାଇ, ସାନ ଭଉଣୀ ଓ ଶାଶୁଘରର ସମସ୍ତ ପରିବାରବର୍ଗଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଧ-୧୮୨୮୧

# ଆଇପିଏଲ୍ ରେକର୍ଡ୍ସ

**ଦଳ:**

▶ ଆଇପିଏଲ୍ ଇତିହାସରେ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର ସର୍ବାଧିକ ଦଳୀୟ ସ୍କୋର ହାସଲ କରିବାର ରେକର୍ଡ କରିଛି। ୨୦୧୩ ଓ ୨୦୧୬ରେ ବାଙ୍ଗାଲୋର ପୁନେ ୱାରିୟର୍ସ ଓ ଗୁଜରାଟ ଲାୟନ୍ସ ବିପକ୍ଷରେ ଯଥାକ୍ରମେ ୨୬୩/୫ ଓ ୨୪୮/୩ ସ୍କୋର ହାସଲ କରିଥିଲା। ଏହି ତାଲିକାରେ ଚେନ୍ନାଇ ସୁପର କିଙ୍ଗ୍ସ ତୃତୀୟ ସ୍ଥାନରେ ରହିବ। ୨୦୧୦ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଚେନ୍ନାଇ ୫ ଉଇକେଟ ହରାଇ ୨୪୬ ରନ ସ୍କୋର କରିଥିଲା।

▶ ବାଙ୍ଗାଲୋର ଆଇପିଏଲ୍‌ରେ ସର୍ବନିମ୍ନ ସ୍କୋର ହାସଲ କରି ଅଲୋଡା ରେକର୍ଡର ଅଧିକାରୀ ହୋଇଛି। ୨୦୧୭ରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷରେ ୪୯ ରନ କରି ଅଲଆଉଟ ହୋଇଥିଲା। ଏହି ତାଲିକାରେ ରାଜସ୍ଥାନ ଓ ଦିଲ୍ଲୀ ଡେୟାର ଡେଭିଲ୍ସ ୨୦୦୯ ଓ ୨୦୧୭ରେ ଯଥାକ୍ରମେ ୫୮ ଓ ୬୬ ରନ ସ୍କୋରକରି ଦ୍ୱିତୀୟ ତୃତୀୟ ସ୍ଥାନରେ ରହିଛନ୍ତି।

▶ ୨୦୧୭ରେ ମୁମ୍ବାଇ ଇଣ୍ଡିଆନ୍ସ ୧୪୬ ରନରେ ଦିଲ୍ଲୀ ଡେୟାରଡେଭିଲ୍ସକୁ ପରାସ୍ତ କରିଥିଲା। ରନ ଦୃଷ୍ଟିକୋଣରୁ ଏହା ସର୍ବବୃହତ୍ ବ୍ୟବଧାନର ବିଜୟ ଥିଲା। ଏହି ତାଲିକାରେ ଆରସିବି ଓ କେକେଆର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ୨୦୧୬ରେ ଆରସିବି ୧୪୪ ରନରେ ଗୁଜରାଟ ଲାୟନ୍ସ ଓ କେକେଆର ୧୪୦ ରନରେ ଆରସିବିକୁ ୨୦୦୮ରେ ହରାଇଥିଲା।

▶ ସୁପରଓଭରରେ ୮ଟି ମ୍ୟାଚ୍‌ର ଫଳାଫଳ ନିର୍ଦ୍ଧାରିତ ହୋଇଥିଲା। ଏଭଳି ୩ଟି ମ୍ୟାଚ୍‌ରେ କେକେଆର ସାମିଲ ଥିଲା। ରାଜସ୍ଥାନ ସର୍ବାଧିକ ଦୁଇଟି ସୁପର ଓଭର ମ୍ୟାଚ୍ ଜିତିଛି। ୮ଟି ଦଳ ଆଇପିଏଲ୍‌ରେ ସୁପର ଓଭର ମ୍ୟାଚ୍‌ରେ ସାମିଲ ରହିଛନ୍ତି। ତେବେ ସିଏସ୍‌କେ ଓ କେକେଆର ଏପର୍ଯ୍ୟନ୍ତ ବିଜୟୀ ହୋଇପାରିନାହାନ୍ତି।

▶ ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ଅତିରିକ୍ତ ରନ୍ ବ୍ୟୟ କରିବାର ରେକର୍ଡ କେକେଆର ନାମରେ ରହିଛି। ୨୦୦୮ରେ ଡେକାନ ଚାର୍ଜସ ବିପକ୍ଷରେ କେକେଆର ୨୮ ଅତିରିକ୍ତ ରନ ଦେଇଥିଲା। ସେହିପରି ୨୦୧୧ରେ ପଞ୍ଜାବ ଆରସିବି ବିପକ୍ଷରେ ୨୭, ୨୦୦୯ରେ ସିଏସ୍‌କେ ମୁମ୍ବାଇ ବିପକ୍ଷରେ ୨୬ ଅତିରିକ୍ତ ରନ ବ୍ୟୟ କରିଥିଲା।



କ୍ରିସ୍ ଗେଲ୍

**ବ୍ୟାଟିଂ:**

▶ ଆରସିବି ଅଧିନାୟକ ବିରାଟ କୋହଲି ଆଇପିଏଲ୍ ଇତିହାସରେ ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ସେ ୧୨ଟି ସଂସ୍କରଣ ଖେଳି ମୋଟ ୫୪୧୨ ରନ ସଂଗ୍ରହ କରିଛନ୍ତି। ସେହିପରି ଚେନ୍ନାଇର ସୁରେଶ ରାଇନା ୫୩୬୮ ଓ ମୁମ୍ବାଇ ଅଧିନାୟକ ରୋହିତ ଶର୍ମା ୪୮୯୮ ରନ ସଂଗ୍ରହ କରିଛନ୍ତି।

▶ ଆଇପିଏଲ୍‌ରେ କ୍ରିସ୍ ଗେଲ ସର୍ବାଧିକ ୩୨୬ ଛକା ମାରିଛନ୍ତି। ସେହିପରି ଆରସିବିର ଏବି ଡିଭିଲର୍ସ ୩୫୭ ଓ ଚେନ୍ନାଇର ମହେନ୍ଦ୍ର ସିଂ ଧୋନୀ ୨୯୭ ଛକା ମାରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

▶ ଗେଲ୍ ଆଇପିଏଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଛନ୍ତି। ୨୦୧୩ରେ ସେ ପୁନେ ୱାରିୟର୍ସ ବିପକ୍ଷରେ ୬୬ ବଲରୁ ସର୍ବାଧିକ ୧୭୫ ରନ ସଂଗ୍ରହ କରିଥିଲେ। ଟୁର୍ନାମେଣ୍ଟରେ ଏହା ଦ୍ରୁତତମ ଶତକ ବିବେଚିତ ହୋଇଛି। କେକେଆର ପୂର୍ବତନ ବ୍ୟାଟ୍ସମ୍ୟାନ ବ୍ରେଣ୍ଡନ ମ୍ୟାକୁଲମ ଅପରାଜିତ ୧୫୮ ଓ ଡିଭିଲର୍ସ ଅପରାଜିତ ୧୩୩ ରନ କରି ଏହି ତାଲିକାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

▶ ଶତକ ହାସଲରେ ଗେଲ ସମସ୍ତଙ୍କ ଆଗରେ ରହିଛନ୍ତି। ସେ ଆଇପିଏଲ୍‌ରେ ସର୍ବାଧିକ ୬ଟି ଶତକ ଅର୍ଜନ କରିଛନ୍ତି। ସେହିପରି କୋହଲି ୫, ହାଇଦ୍ରାବାଦ ଅଧିନାୟକ ଡେଭିଡ୍ ୱାର୍ନର ୪ଟି ଶତକ ଅର୍ଜନ କରିଛନ୍ତି। ୱାର୍ନର ମଧ୍ୟ ସର୍ବାଧିକ ୪୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

▶ ପଞ୍ଜାବ ଅଧିନାୟକ ଲୋକେଶ ରାହୁଲ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଛନ୍ତି। ମାତ୍ର ୧୪ଟି ବଲ୍‌ରୁ ସେ ୨୦୧୮ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୫୧ ରନ ସଂଗ୍ରହ କରିଥିଲେ। କେକେଆର ୟୁସୁଫ୍ ପଠାନ ଓ ସୁନୀଲ ନାରିନ ୧୫ ବଲରୁ ଯଥାକ୍ରମେ ୨୦୧୪ ଓ ୨୦୧୭ରେ ଅର୍ଦ୍ଧଶତକ ହାସଲ କରିଥିଲେ।

**ବୋଲିଂ:**

▶ ଆଇପିଏଲରେ ମୁମ୍ବାଇର ଲସିଥ ମାଲିଙ୍ଗା ୧୨୨ଟି ମ୍ୟାଚ୍ ଖେଳି ୧୯.୮ ରନ ହାରରେ ସର୍ବାଧିକ ୧୭୦ଟି ଉଇକେଟ ହାସଲ କରିଛନ୍ତି। ତାଙ୍କର ଇକୋନୋମି ରେଟ୍ ୭.୧୪ ରହିଛି। ଦିଲ୍ଲୀର ଅମିତ ମିଶଆ ୧୫୭ ଓ ସିଏସ୍‌କେର ହରଭଜନ ସିଂ ୧୫୦ଟି ଉଇକେଟ ହାସଲ କରିଛନ୍ତି।

▶ ମୁମ୍ବାଇର ଅଲଜାରି ଜୋସେଫ୍ ଗତବର୍ଷ ହାଇଦ୍ରାବାଦ ବିପକ୍ଷରେ ୩.୪ ଓଭରରେ ୧୨ ଦେଇ ୬ ଉଇକେଟ ହାସଲ କରି ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଛନ୍ତି। ସେହିପରି ରାଜସ୍ଥାନର ପୂର୍ବତନ ବୋଲର ୨୦୦୮ରେ ସୋହେଲ ତନବୀର ଓ ୨୦୧୬ ଆଡାମ ଜାମ୍ପା ଚେନ୍ନାଇ ଓ ହାଇଦ୍ରାବାଦ ବିପକ୍ଷରେ ଯଥାକ୍ରମେ ୧୪ ଓ ୧୯ ରନ ବ୍ୟୟ କରି ୬ ଉିକେଟ ହାସଲ କରିଛନ୍ତି।

▶ ଆଇପିଏଲ୍‌ରେ ଦିଲ୍ଲୀ ଅମିତ ମିଶ୍ରା ସର୍ବାଧିକ ହ୍ୟାଟ୍ରିକ ନେଇଛନ୍ତି। ୧୪୭ଟି ମ୍ୟାଚ୍ ଖେଳି ସେ ୩ଟି ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ସେହପିରି ମୁମ୍ବାଇ ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂ ଓ ସିଏସ୍‌କେର ସାମ କୁରାନ ଯଥାକ୍ରମେ ୨ ଓ ଗୋଟିଏ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

▶ କେକେଆର ସ୍ପିନର ସୁନୀଲ ନାରିନ ସର୍ବାଧିକ ସଂଖ୍ୟକ ୪ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ୧୧୦ଟି ମ୍ୟାଚ୍ ଖେଳି ସେ ସେ ୬ ଥର ୪ ଲେଖାଏ ଉଇକେଟ ନେଇଛନ୍ତି। ସେହିପରି ମାଲିଙ୍ଗା ୬ଥର ୪ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ତେବେ ନାରିନଙ୍କ ଇକୋନୋମି ରେଟ୍ ୬.୬୭ ଓ ମାଲିଙ୍ଗଙ୍କର ୭.୧୪ ରହିଛି।

## ଆଇପିଏଲ

(ଶନିବାର ମ୍ୟାଚ)

ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ

**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦

## କେଉଁଠି କେତେ ମ୍ୟାଚ

| ଟିମ୍ | ଦୁବାଇ | ଆବୁଧାବି | ଶାରଜା | ଅପରାହ୍ନ ଗେମ୍ସ |
|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୮ | ୩ | ୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୩ | ୩ | ୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୪ | ୩ | ୨ |
| ସନ୍‌ରାଇଜର୍ସ | ୮ | ୩ | ୩ | ୩ |
| ନାଇଟ ରାଇଡର୍ସ | ୩ | ୮ | ୩ | ୩ |
| ରାଜସ୍ଥାନ ରୟାଲ୍ସ | ୬ | ୫ | ୩ | ୩ |
| କିଙ୍ଗ୍ସ ଇଲେଭେନ | ୭ | ୪ | ୩ | ୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୪ | ୩ | ୩ |


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବାସନ୍ତୀଲତା ସ୍ୱାଇଁ
(ପୂର୍ବତନ ସରପଞ୍ଚ)
ସ୍ୱାମୀ: ସ୍ୱର୍ଗତ ଅକୁର ସ୍ୱାଇଁ
ଇନ୍ଦ୍ରପାଳ, ରଙ୍ଗବଜାର, ବାଲିଅନ୍ତା
ଆବିର୍ଭାବ: ୨୮।୧୨।୧୯୫୯
ତିରୋଧାନ: ୦୯।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର: ଟୁଲୁ, ଝିଅ: ସ୍ୱପ୍ନା, କଳ୍ପନା, ରଚନା, ଜ୍ୱାଇଁ: ଟୁଟୁ, ଲିଟୁ, ଜିତୁ, ନାତୁଣୀ: ଅଙ୍କିତା, ନିକିତା, ଆଞ୍ଚଲ,ଆରେଲା, ନାତି: ଓମ, ଶୁଭ ଓ ବନ୍ଧୁ, ପରିବାରବର୍ଗ ।
ଧ-୪୬୨୮୮

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ଦାଶ
(ରୋଷେୟା), ବୟସ-୬୨
ଗ୍ରାମ: ସୁମୁଦି, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ତା. ୨୦।୧୦।୧୯୫୮ରିଖ
ତିରୋଧାନ: ତା. ୦୮।୦୯।୨୦୨୦ରିଖ
(ମଙ୍ଗଳବାର)
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଝିଅ, ଜ୍ୱାଇଁ, ପୁତ୍ର, ଭାଇ, ଭାଇବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୬୯୫୪୫

## ଖିଲିଖିଲି ହସ

ଚିଣ୍ଟୁକୁ ତା' ବାପା ପଚାରିଲେ, 'ଆରେ ମୁଁ ତୋତେ କହିଥିଲି ଭଲଭାବରେ ଦାନ୍ତ ଘଷିବୁ। ସେଥିପାଇଁ ତୋତେ ଗୋଟିଏ ନୂଆ ବ୍ରଶ୍ ଦେଇଥିଲି। ହେଲେ ତୋ ପାଟିରୁ ଏମିତି ଦୁର୍ଗନ୍ଧ ବାହାରୁଛି କାହିଁକି ? ଏ କଥା ଶୁଣି ଚିଣ୍ଟୁ କହିଲା, ବାପା, ଆପଣ ମୋତେ ବ୍ରଶ୍ ଦେଇଥିଲେ-ଏ କଥା ସତ। ହେଲେ ମୁଁ ସେଥିରେ ମୋ ନିଜ ଦାନ୍ତ ସଫା ନ କରି ଆମ କୁକୁର ଦାନ୍ତକୁ ସଫା କରୁଛି। ଦେଖୁନାହାନ୍ତି, ତା' ଦାନ୍ତ କେମିତି ଚିକ୍‌ଚିକ୍ କରୁଛି।

ସ୍କୁଲରେ ସାର୍ ପାଠ ପଢ଼ାଉଥାଆନ୍ତି। ଏହି ସମୟରେ ସାଣ୍ଟା ଠିଆ ହୋଇ କହିଲା, 'ସାର୍, କାଲି ମୁ ଚିନ୍ତା କରି କରି ଏକ ନୂଆ ଉପାୟ ବାହାର କରିଛି। ଆଉ ଏହାଦ୍ୱାରା ଆମେ ଅତି ସହଜରେ କାନ୍ଥ ଆରପଟରେ କ'ଣ ଅଛି ତାହା ଦେଖିପାରିବା।' ସାର୍ ଖୁସି ହୋଇ ପଚାରିଲେ, 'ଆଉ ଡେରି ନ କରି ସେହି ନୂଆ ଉପାୟଟିକୁ କହିଲୁ? ସାଣ୍ଟା କହିଲା, ସାର୍, କାନ୍ଥରେ ଯଦି ଗୋଟିଏ କଣା (ହୋଲ୍) କରିଦିଆଯାଏ, ତେବେ କାନ୍ଥ ଆରପଟରେ କ'ଣ ଅଛି ତାହା ଆମେ ଦେଖିପାରିବା।

## କହିଲ ଦେଖି



ବ୍ରହ୍ମାଙ୍କର ନାଭି କମଳରୁ ଜାତ
ଦେବଶିଳ୍ପୀ ନାମେ ଜଣା,
ଗଢ଼ିଥିଲେ ସିଏ ଚତୁର୍ଦ୍ଧା ମୂରତି
ପୁଣି ସେ ସୁବର୍ଣ୍ଣ ଲଙ୍କା ।
**ଉତ୍ତର :ପ୍ରଭୁ ବିଶ୍ୱକର୍ମା**




ସକଳ ଦେବଙ୍କ ପ୍ରାର୍ଥନା ଶୁଣିଣ
ଶୂନ୍ୟରୁ ହେଲେ ପ୍ରକଟ,
ମହିଷାସୁରକୁ ବଧ କରି ସିଏ
କରିଲେ ରକ୍ଷା ଜଗତ ।
**ଉତ୍ତର : ମା' ଦୁର୍ଗା**

ସର୍ ଦେବ ଗଣେ ଅଗ୍ରପୂଜ୍ୟ ସିଏ
ଏକଦନ୍ତ ନାମ ଧାରୀ,
ବିଘ୍ନ ବିନାଶକ ଜ୍ଞାନ ବୁଦ୍ଧି ଦାତା
ଦୟାବନ୍ତ ଲୀଳାକାରୀ ।
**ଉତ୍ତର : ଶ୍ରୀ ଗଣେଶ**



**-ସୁବ୍ରତ ମଲ୍ଲିକ,** ମଙ୍ଗଳପୁର, ଅସୁରାଳି, ଭଦ୍ରକ

## ଜାଣନ୍ତି କି



- ଗୁଣ୍ଡୁଚିମୂଷା ଖାଦ୍ୟ ଖାଇବାକୁ ଗୋଟିଏ ଗଛରୁ ଅନ୍ୟ ଗଛକୁ ଡେଇଁ ଡେଇଁ ବୁଲିଥାଏ। ସେ ତ ନିଜର ଖାଦ୍ୟ ଖାଇଥାଏ, ତା'ସହ ପ୍ରତିବର୍ଷ ପାଖାପାଖି ୧୦୦୦ ନୂଆ ଗଛ ସୃଷ୍ଟି କରିଥାଏ।
- ଚାଇନାରେ ପାଣ୍ଡାଜାତୀୟ ପଶୁକୁ ହତ୍ୟା କରିବା ଅପରାଧ। ଏପରି କି ଏଥିପାଇଁ ମୃତ୍ୟୁଦଣ୍ଡ ମିଳିବାର ସମ୍ଭାବନା ରହିଛି।
- ବୁଢ଼ିଆଣୀ କଦାପି ଉଡ଼ିପାରେ ନାହିଁ।
- ସ୍ୱିଡେନ୍‌ରେ ପ୍ରତିବର୍ଷ 'ର୍ୟାବିଟ୍ ଶୋ' ଆୟୋଜିତ ହୋଇଥାଏ। ଏହି ଶୋ'ରେ ଠେକୁଆ (ର୍ୟାବିଟ୍)ମାନଙ୍କ ମଧ୍ୟରେ ଡିଆଁ ପ୍ରତିଯୋଗିତା ହୁଏ। ଯେଉଁ ଠେକୁଆ ଏଥିରେ ବିଜୟୀ ହୁଏ ତାକୁ ପୁରସ୍କୃତ କରାଯାଏ। ଏପରି ପ୍ରତିଯୋଗିତାକୁ ସେଠାକାର ଭାଷାରେ 'କାନିନହୁପନିଙ୍ଗ' ବୋଲି କୁହାଯାଏ।
- ପ୍ରଜାପତି ତାହାର ଗୋଡ଼ ଦ୍ୱାରା ସ୍ୱାଦ ଅନୁଭବ କରିଥାଏ।

## ଆଇନା



ଅର୍ପିତା
୭ବର୍ଷ

## କବିତା

### ଗଡ଼ଗଡ଼ିଆ ଘାଟରେ



ଗଡ଼ଗଡ଼ିଆ ସେ ଘାଟରେ
ବସିଥିଲା ବୁଢ଼ୀ ବାଟରେ।
ନଈରେ ଉଛୁଳା ପାଣି
ଲହଡ଼ି ପିଟଇ ପୁଣି।
ମାଳ ମାଳ କଇଁଛ ମାଳ
ଖେଳି ବୁଲନ୍ତି ପୋଲ ତଳ
ରାହୁଳ ଉଠି ବଡ଼ି ସକାଳ
ଭାବିଲା ଏଟା ମୌକା ବେଳ।
ଗୋଟି ଗୋଟି କରି ଉଠେଇବି
ଘରକୁ ତାକୁ ପଠେଇବି।
ଘରେ ହୋଇବେ ଆମର ଖୁସି
ତା' ସାଥିରେ ଖେଳିବେ ବସି।
କୁମ୍ଭୀର ଥାଇ ସେ ପାଣିରେ
ପାରିଲା ସବୁ ସେ ଜାଣିରେ।
ପାଞ୍ଚିଲା ମନେ କେମିତି ସେ ତ
ନେବ ସେ ପିଲାକୁ ଟାଣିରେ।
ଛପି ଛପିକା ମୁହଁଟା କାଢ଼ି
କୂଳକୁ ସେ ଆସିଲା ଚଢ଼ି।
ଦେଖୁଥିଲା ପୋଲରେ ବୁଢ଼ୀ
ପକାଇଲା ଜୋରରେ ରଡ଼ି।
ରାଣୀ ପୋଖରୀ ବାଳକାଟୀ
ପିଲାଏ ଆସିଲେ ଝପଟି।
କୁମ୍ଭୀର ଡରି ଲୁଚିଲା ଯାଇଁ
କୁହନ୍ତି ପିଲେ ଆଉ ସେ କାହିଁ।
ଏଇଠି ଥିଲା ଏଇଠି ନାହିଁ
ଆଉ ତାହାର ଦେଖା ବି ନାହିଁ।
**-ଅକ୍ଷୟ ପଣ୍ଡା,** ଆଳି, ଲୋକାପଡ଼ା, କେନ୍ଦ୍ରାପଡ଼ା

### ଗଛଟିଏ ଲଗାଅ

କୁନା ମୁନା ଜଗା ସନା
ଖେଳଥାଉ ସେତିକି,
କହିବି ମୁଁ କଥା ଗୋଟେ
ଆସ ମୋର କତିକି।
ଦୟାକରି ତୁମେମାନେ
ମାନିବ ମୋ କଥାକୁ,
ସାହାଯ୍ୟ କରିବ ମତେ
ଉଚ୍ଚକରି ମଥାକୁ।
ଭଲ କାମ କରିବାର
ସୁଯୋଗଟେ ମିଳିଛି,
ହାତଛଡ଼ା କରିବାନି
ମନମୋର ବଳିଛି।
ଆଣିଛି ମୁଁ ବୋଉଳାଙ୍କୁ
ଚାରା କିଣି ଡିରିଶି,
ଶାଳ ଶାଗୁଆନ ଆମ୍ବ
କାଜୁ ଲେମ୍ବୁ ସିରିଶି।
ଆମ ବାଡ଼ି ଚାରିପାଖେ
ଦେବା ସବୁ ଲଗେଇ,
ଖତ ସାର ପାଣିଦେବା
ବାଡ଼ ବୁଜି ବାଗେଇ।
ବଢ଼ିଦିନେ ସେଇ ଗଛ
ଆସିବ ଯେ କାମରେ,
ଫଳ କାଠ ଛାଇ ଦିଏ
ଆଉ ଅମ୍ଳଜାନରେ।
ବର୍ଷା ହେବା ପାଇଁ ସିଏ
ସହଯୋଗ କରିବ,
ମଣିଷ ଜାତିକୁ ପରା
ବିପଦୁ ଉଦ୍ଧାରିବ।



ବଞ୍ଚିବାକୁ ହେଲେ ଆମେ
ଗଛ ଅଟେ ଜରୁରୀ,
ସଭିଏଁ ଲଗାଅ ଗଛ
କରୁଅଛୁ ଗୁହାରି।
**-ଧୀରେନ୍ଦ୍ର ମଲ୍ଲିକ,** ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର

### ଜେଜେ ବାପା

ଗାଁଆଁ ଚାରିପଡ଼ା ବୁଲି ଆସିଲେ ବି
ଦେଖିନି ଏମିତି ମଣିଷ,
ପେଟ ଟାକୁ କାଢ଼ି ବସିଥିବେ ଦାଣ୍ଡେ
ସତେକି ମାଟିର ଗଣେଶ ।
ବଟୁଆରୁ ପାନ ଖଣ୍ଡେ ଖଣ୍ଡେ କାଢ଼ି
ଖୁନ୍ଦି ଦେଉଥିବେ କଳକୁ,
ପିଚି ପିଚି କରି ପାନ ଛେପ ସବୁ
କାଢ଼ି ଦେଉ ଥିବେ ତଳକୁ ।
ତାଙ୍କୁ ମୁଁ ଡାକଇ ଜେଜେବାପା ବୋଲି
ସିଏ ଆମ ଘର ମୁରବି,
ସିଏ ଥିଲେ ଘରେ ସାନଠାରୁ ବଡ
ସଭିଏଁ ଥାଆନ୍ତି ନୀରବି ।
ସାଙ୍ଗ ସାଥି ମୋର ଘରକୁ ଆସିଲେ
ଜେଜେ ପଚାରନ୍ତି ପିଲାଏ,
କହିଲ କିଏସେ ଛୋଟ ବେଳେ ତୁମ
ହାତ ଧରି ବାଟ ଚଲାଏ ।
ଆଉ କିଏ କୁହ ଅଝଟ ହୋଇଲେ
କାଖ କରି ଚାନ୍ଦ ଦେଖାଏ,
କିଏ କୁହ ତୁମ ପ୍ରଥମ ଶିକ୍ଷକ
ଯିଏ ହାତ ଧରି ଶିଖାଏ ।
ଏସବୁ ପ୍ରଶ୍ନର ଗୋଟିଏ ଉତ୍ତର
ଦୁଇଟି ଅକ୍ଷରେ ନାଆଁଟି,
ସିଏ ଆଉ କିଏ ବାହାରେ ନୁହଁଇ
ସେପରା ତୁମର ମାଆଟି ।
**-ତପନ କୁମାର ସ୍ୱାଇଁ,** ଅଇଲି,ଜଗତ୍‌ସିଂହପୁର

## ମତାମତ

ଗତ ସପ୍ତାହରେ ପ୍ରକାଶିତ 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ବେଶ୍ ଶିକ୍ଷଣୀୟ ହୋଇଥିଲା।
*-ପ୍ରଶାନ୍ତ କୁମାର ସାହୁ, ପୁରୀ*

'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋଗୁଡ଼ିକ ବେଶ୍ ମନଛୁଆଁ ହୋଇପାରୁଛି।
*-ଦିନେଶ କୁମାର ଦାସ, ବ୍ରହ୍ମପୁର*

'ଗପ' ସ୍ତମ୍ଭରେ ପ୍ରକାଶିତ ପ୍ରତିଟି ବିଷୟ ବେଶ୍ ଶିକ୍ଷଣୀୟ ହୋଇପାରୁଛି।
*-ତପନ କୁମାର ରାଉତ, ଢେଙ୍କାନାଳ*

'ଖିଲି ଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭଲ ଲାଗୁଛି।
*-ପ୍ରଭୁପଦାରବିନ୍ଦ ନାୟକ, ରେଢ଼ାଖୋଲ*

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ସମସ୍ତ ବିଷୟବସ୍ତୁ ବେଶ୍ ଶିକ୍ଷଣୀୟ ହୋଇପାରୁଛି।
*-ସୁବୋଧ ଦାସ, ଜଟଣୀ, ଖୋର୍ଦ୍ଧା*

ଗତ ସପ୍ତାହରେ ଏହି ପୃଷ୍ଠାର 'ଖିଲିଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭଲ ଲାଗିଲା।
*-ରଶ୍ମିତା ନାୟକ, ବାଲେଶ୍ୱର*

## ଗପ

# ଅନ୍‌ଲାଇନ ପରୀକ୍ଷା

ବିଟୁଲ ଆଉ ବେବିନା । ଭାଇଭଉଣୀ ଦୁହିଁଙ୍କୁ ବାପାମାଆ ଭାରି ଗେହ୍ଲା କରନ୍ତି । ଏହାଛଡା ଦୁହେଁ ଖୁବ୍ ମେଧାବୀ। ବିଟୁଲ ସପ୍ତମ ଶ୍ରେଣୀରେ ପଢେ ଆଉ ବେବିନା ପଞ୍ଚମ ଶ୍ରେଣୀର ବିଦ୍ୟାର୍ଥୀ। କରୋନା ମହାମାରୀ ଯୋଗୁ ବିଦ୍ୟାଳୟ ପୂରା ବନ୍ଦ। ଏଣୁ ଗୁରୁମା କହିଲେ-ଆଗକୁ ଯେଉଁ ପରୀକ୍ଷା ହେବ ତାହା ଡିଜିଟାଲ ପଦ୍ଧତିରେ କରାଯିବ। ତେଣୁ ପିଲାମାନେ ଗୁରୁମାଙ୍କ ପରାମର୍ଶ ମାନି ଅନ୍‌ଲାଇନ ପରୀକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚଳାଇଥାନ୍ତି। ପୂର୍ବ ନିର୍ଦ୍ଧାରିତ ତାରିଖରେ ବିଦ୍ୟାର୍ଥୀଙ୍କ ଅନ୍‌ଲାଇନ ପରୀକ୍ଷା ଆରମ୍ଭ ହେଲା । ଏହାର କିଛି ମିନିଟ ଆଗରୁ ବିଟୁଲ ତା' ମାଆବାପାଙ୍କ ମେଳରେ ଘରେ ଥିବା କମ୍ପ୍ୟୁଟର ଆଗରେ ଚଉକି ପକାଇ ବସିପଡିଲା। ଅଳ୍ପ ସମୟ ପରେ ଗୁରୁମା ବିଟୁଲର ରୋଲ ନମ୍ବର ଡାକିଲେ । ଏତିକିବେଳେ ବିଟୁଲର



ମା' ମଧ୍ୟ ଭିଡିଓକୁ ଚଲାଇ ଗୁରୁମାଙ୍କ ସହିତ କ'ଣସବୁ କଥାବାର୍ତ୍ତା ହେଉଥିଲେ । ଗୁରୁମା କହିଲେ-ଏଥର ବିଟୁଲ ଘର ଭିତରେ ରହି ପରୀକ୍ଷା ଦେବ, ତୁମେ ସ୍କୁଲକୁ ଯାଇ ଉତ୍ତରଖାତା ନେଇଆସ। ପ୍ରଶ୍ନପତ୍ର ନିର୍ଦ୍ଦିଷ୍ଟ ତାରିଖ ମୁତାବକ ପ୍ରତିଦିନ ସକାଳ ସାତଟା ବେଳକୁ ଦିଆଯିବ। ଏହାପରେ ବିଟୁଲ ସତ୍ ଉପାୟ ଅବଲମ୍ବନ କରି ପରୀକ୍ଷା ଦେବ । ଏଥିକି ବାପାମାଆ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ । ସେମିତି ବେବିନାକୁ ଅନ୍‌ଲାଇନ ପରୀକ୍ଷା ସମୟରେ ଉତ୍ତର ଦେବାକୁ ପଡିବ । ଏଥିପାଇଁ ତାକୁ ମଲଟିପଲ୍ ଚୟସ (ଏକାଧିକ ପସନ୍ଦଯୋଗ୍ୟ) ପ୍ରଶ୍ନଗୁଡିକର ଠିକ୍ ଉତ୍ତର ଦେବାକୁ ପଡିବ ।

କିଛି ସମୟ ପରେ ବେବିନା ମାଆଙ୍କୁ ପଚାରିଲା- 'ମାଆ ! ମତେ ତ ଗୁରୁମାଙ୍କ ପ୍ରଶ୍ନ ଉତ୍ତର ଦେବାକୁ ପଡିବ। କିନ୍ତୁ ଭାଇର ପରୀକ୍ଷା କେମିତି ହେବ ?' ଅବିକଳ ଏଇ ସମାନ ପ୍ରଶ୍ନ ବି ବିଟୁଲ ମନରେ ଉଙ୍କିମାରିଲା । ବିଟୁଲ ଭାବିଲା- ଭଲ ନମ୍ବର ରଖିବା ପାଇଁ ବାପା ମାଆ ନିଶ୍ଚେ ମତେ ନୋଟବୁକ ଦେଖି ପରୀକ୍ଷା ପ୍ରଶ୍ନର ଉତ୍ତର ଲେଖିବାକୁ ଅନୁମତି ଦେବେ।

ହେଲେ ମାଆ ବେବିନାକୁ ଯେଉଁ ଉତ୍ତର ଦେଲେ ସେଥିରେ ବେବିନାର ଭୁଲ୍ ଧାରଣା ଦୂର ହୋଇଗଲା। ମାଆ ତାକୁ ବୁଝାଇଦେଲେ-ଝିଅ ! ବଡଭାଇର ପରୀକ୍ଷା ଯେତେବେଳେ ଆରମ୍ଭ ହେବ କମ୍ପ୍ୟୁଟର ଓ ମୋବାଇଲ କ୍ୟାମେରାକୁ ଅନ୍ ରଖିବାକୁ ପଡିବ। ଠିକ ସେହି ସମୟରେ କମ୍ପୁଟର ପରଦାରେ ଗୁରୁମା ଆଉ ପ୍ରଶ୍ନପତ୍ର ପ୍ରଦର୍ଶିତ ହେବ । ଗୁରୁମା ପରୀକ୍ଷାର୍ଥୀଙ୍କୁ ଦେଖନ୍ତୁ ବା ନ ଦେଖନ୍ତୁ ପରୀକ୍ଷାର୍ଥୀ କିନ୍ତୁ କୌଣସି ପାଠ୍ୟପୁସ୍ତକରୁ କପି କରିବା ଅନୁଚିତ । ତୁମେମାନେ ବେଶ୍ ଭଲ ଭାବେ ଆଗରୁ ଜାଣିଛ ଯେ, ଅଦୃଶ୍ୟ ରାକ୍ଷସ କରୋନା ସଂକ୍ରମଣ କାରଣରୁ ବିଦ୍ୟାଳୟଗୁଡିକରେ ଅନ୍‌ଲାଇନ ପଦ୍ଧତିରେ ପାଠପଢା ଆରମ୍ଭ ହେଉଛି। ସେହିପରି ପରୀକ୍ଷା ମଧ୍ୟ ଡିଜିଟାଲ ପଦ୍ଧତିରେ ଏକ ନୂଆ ବାଗରେ କରାଯାଉଛି । ଏପରି କି ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନ୍‌ଲାଇନ ବାର୍ଷିକ ପରୀକ୍ଷା ଖୋଲା ବହି ପଦ୍ଧତିରେ ଅନୁଷ୍ଠିତ ହେଉଛି । ସେମିତି ଆଉ କେତେକ ଦେଶରେ ମଧ୍ୟ ଖୋଲା ପୁସ୍ତକ ପଦ୍ଧତିରେ ଅନ୍‌ଲାଇନ ପରୀକ୍ଷା କରାଯାଉଛି । ମା' ତୁଣ୍ଡରୁ ଏକଥା ପଦକ ଶୁଣି ବିଟୁଲ ଓ ବେବିନା କହିଲେ -ମା' ଏଣିକି ଆମେ ଦୁହେଁ ଏମିତିକା ଇ-ପରୀକ୍ଷା ପାଇଁ ପୂରା ପ୍ରସ୍ତୁତ ହୋଇ ରହିବୁ ।

**-ନଗେନ୍ଦ୍ର ନାଥ ପଟ୍ଟନାୟକ,** ଭୁବନେଶ୍ୱର

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଆଖି ବନ୍ଦ କରି ରୋପୱେରେ ଚାଲି ରେକର୍ଡ

ରେକର୍ଡ କରିବା ପାଇଁ କିଛି ଲୋକ ଅତି ଭୟଙ୍କର ଆଉ ବିପଦପୂର୍ଣ୍ଣ କାମ କରିଥାନ୍ତି। ଆଉ ବାରମ୍ବାର ଅଭ୍ୟାସ କରିବା ଫଳରେ ଶେଷରେ ସେମାନେ ସଫଳତା ବି ହାସଲ କରନ୍ତି। ଏମିତି ଅଭ୍ୟାସ ବଳରେ ଏକ ଦୁଃସାହସିକ କାମ କରି ରେକର୍ଡ କରିଛନ୍ତି ପାବ୍‌ଲୋ ସିଗ୍‌ନୋରେଟ୍। ଫ୍ରାନ୍‌ସର ଏହି ଯୁବକଜଣକ ୪୨୩ ମିଟର ଉଚ୍ଚତାରେ ଏକ




ରୋପ୍ ୱେ ଅତିକ୍ରମ କରି ଗିନିଜ୍ ବୁକ୍ ରେକର୍ଡ କରିଛନ୍ତି। ପିଲାମାନେ ସମସ୍ତେ ଜାଣିଥିବେ କି ରୋପ୍ ୱେ ଉପରେ ଚାଲିବା ସାଧାରଣତଃ କଷ୍ଟକର କାମ। କିନ୍ତୁ ଏଭଳି ଏକ କାମକୁ କରିବାକୁ ସକ୍ଷମ ହୋଇଛନ୍ତି ପାବ୍‌ଲୋ। ଦୁଇଟି ପର୍ବତ ମଝିରେ ଥିବା ଏକ ନଦୀ ଉପରେ ଥିବା ଏକ ରୋପ୍ ୱେ ଉପରେ ସେ ଆଖି ବନ୍ଦ କରି ଚାଲି ରେକର୍ଡ କରିଛନ୍ତି। ବଡ଼ କଥା ହେଉଛି ରୋପ୍‌ୱେଟି ଚାଇନାର ଏକ ନଦୀ ଉପର ଦେଇ ଯାଇଛି। ଆଉ ୪୫୯.୨୫ ମିଟର ଦୂରତାକୁ ସେ ୨୫ ମିନିଟ୍ ୬.୭ ସେକେଣ୍ଡରେ ଅତିକ୍ରମ କରିପାରିଥିଲେ। ପ୍ରଥମେ ଏହି ରୋପୱେରେ ଯିବା ପାଇଁ ତାଙ୍କୁ ନର୍ଭସ ଲାଗିଥିଲା, କିନ୍ତୁ ଅଭ୍ୟାସ କରିବା ପରେ ସେ ବେଶ୍ ସହଜରେ ଏହି କାମ କରିଥିଲେ। ଏମିତି କି ଆଖି ବନ୍ଦ କରି ସେ ଏହି ରୋପୱେ ଉପରେ ଚାଲିଥିଲେ।

## ତୁମ ତୂଳୀରୁ










**ଅନମୋଲ ଅନିକେତ**
କ୍ଲାସ-୧, ଦିଲ୍ଲୀ ପବ୍ଲିକ ସ୍କୁଲ,
ବିଶାଖାପାଟଣା,
ଆନ୍ଧ୍ରପ୍ରଦେଶ



**ଓମ୍‌ପ୍ରକାଶ ବାରିକ**
କ୍ଲାସ-୬, ବସନ୍ତପୁର
ଇଂଲିଶ ମିଡିୟମ୍ ସ୍କୁଲ,
ମୁର୍ଶିଦାବାଦ, ପଶ୍ଚିମବଙ୍ଗ



**ନିଷ୍ଠା ଦାଶ**
କ୍ଲାସ- ୫, ସେଣ୍ଟ
ଜାଭିଅର କିଡ୍ସ,
ବାଲିପୁଟ, ପୁରୀ

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ସେପ୍ଟେମ୍ବର ୧୯/୨୦୨୦ Saturday, September 19/2020

Dr. Juneja's EYE Mantra
Ayurvedic Eye Relief Drops
Divisa

ପ୍ରଭାବ ଏତେ ବେଶି ଦୂର ପର୍ଯ୍ୟନ୍ତ ଯାଏ ଦୃଷ୍ଟି !

ଆପଣ ଠିକ୍ 'ଆଇ' ଡ୍ରପ୍ ସନ୍ଧାନରେ ଅଛନ୍ତି କି ?

ନିତିଦିନିଆ ଧାଁଦଉଡ଼ରେ ଆମ ଆଖିରେ କେତେ ଧୂଳିମଳି ପଡ଼ିଥାଏ ଆମେ ଜାଣିପାରି ନ ଥାଉ । ଯେଉଁମାନେ କମ୍ପ୍ୟୁଟର ସ୍କ୍ରିନ୍ ସାମ୍ନାରେ ୫ ଘଣ୍ଟା କାମ କରନ୍ତି, ଅଧିକ ଟିଭି ଦେଖନ୍ତି କିମ୍ବା ଦିନସାରା ମୋବାଇଲରେ ବ୍ୟସ୍ତ ରହିଥାନ୍ତି, ସେମାନଙ୍କ ଆଖିର ଆର୍ଦ୍ରତା କମିଯାଇଥାଏ। କେବଳ ଏତିକି ନୁହେଁ, ବଢ଼ିଚାଲିଥିବା ପ୍ରଦୂଷଣ, ଆଖିରେ ଜ୍ୱଳନ, କୁଣ୍ଡାଇହେବା, ଆଖିର କ୍ଲାନ୍ତି ଓ ଆଖି ଉପରେ ପଡୁଥିବା ଚାପ ସାଧାରଣ କଥାରେ ପରିଣତ ହୋଇଯାଇଛି। ଆଖି ପାଇଁ ଆମେ ବିଭିନ୍ନ ପ୍ରକାର ଦେଶୀ-ବିଦେଶୀ ଉପାୟ ମଧ ପ୍ରୟୋଗକରି ଦେଖିଥାଉ। କିନ୍ତୁ ଆୟୁର୍ବେଦରେ ଉପଲବ୍ଧ ଔଷଧୀ ବ୍ୟବହାର କରି ଆମେ ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ନିଜ ଆଖିକୁ ଉପରୋକ୍ତ ସମସ୍ୟାରୁ ରକ୍ଷା କରିପାରିବୁ ।

ଏଥିପାଇଁ ଦିବିସା ହର୍ବାଲ୍ କେୟାର୍ ଆପଣଙ୍କ ପାଇଁ ଆଣିଛନ୍ତି ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ସ; ଯାହା ପ୍ରସ୍ତୁତ ହୋଇଛି ଗୋଲାପ, ଦାରୁହଳଦୀ, ମହୁ, ଅଁଳା, ତୁଳସୀ ଓ ପୋଦିନା ଭଳି 12 ଆୟୁର୍ବେଦିକ ଔଷଧୀରୁ। ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ ନାହିଁ ।

ଆଖିର 5 ସମସ୍ୟାରୁ ଉପଶମ !

ଆଖିର କ୍ଲାନ୍ତି । ବ୍ୟଥା । ଆଖି ଉପରେ ଚାପ
ଆଖି ଫୁଲିବା । ଆଖି ଧରିବା





24x7 Helpline: 0171-3055299 • www.eyemantra.com
Available at all leading medical stores

# ବୁବ୍କାଙ୍କ ରେକର୍ଡ ଭାଙ୍ଗିଲେ ଡୁପ୍ଲାଣ୍ଟିସ୍

**ରୋମ୍, ୧୮।୯ (ଏପି)**

ସ୍ୱିଡିଶ ପୋଲ୍ ଭଲ୍ଟର ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍ ଆଉଟ୍ ଡୋର୍‌ରେ ସର୍ଗେ ବୁବ୍କାଙ୍କ ଦୀର୍ଘ ୨୬ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ରୋମ୍‌ରେ ଅନୁଷ୍ଠିତ ଗୋଲ୍ଡେନ ଗାଲା ପିଟ୍ରୋ ମେନିଆ ମିଟ୍‌ରେ ଦ୍ୱିତୀୟ ପ୍ରଚେଷ୍ଟାରେ ସେ ୬ ମିଟର, ୧୫ ସେଣ୍ଟିମିଟର(୨୦ ଫୁଟ୍, ୨ଇଞ୍ଚ) କ୍ଲିଅର କରି ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ପୂର୍ବରୁ ବୁବ୍କା ୧୯୯୪ ଜୁଲାଇରେ ସେଷ୍ଟ୍ରିରେଠାରେ ୬.୧୪ ମିଟର (୨୦ ଫୁଟ, ୧୧/୨ ଇଞ୍ଚ)ରେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ମଣ୍ଡୋ ଡାକ ନାମରେ ପରିଚିତ ଡୁପ୍ଲାଣ୍ଟିସ୍ ଆହୁରି ମଧ ଇନ୍‌ଡୋର ବିଶ୍ୱ ରେକର୍ଡ (୬.୧୮ମିଟର)ର ଅଧିକାରୀ। ଗ୍ଲାସ୍‌ଗୋଠାରେ ଫେବୃୟାରୀରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଥିଲେ। ୨୦ ବର୍ଷୀୟ ଡୁପ୍ଲାଣ୍ଟିସ୍ କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାରେ ଜନ୍ମଗ୍ରହଣ କରିବା ସହ ସେଠାରେ ବଢ଼ିଛନ୍ତି। ପ୍ରଥମ ପ୍ରଚେଷ୍ଟାରେ ସେ ରେକର୍ଡର ନିକଟତର ହୋଇଥିଲେ। ଦ୍ୱିତୀୟ ପ୍ରଚେଷ୍ଟାରେ ସେ କ୍ଲିଅାର କରିଥିଲେ। ଆଉଟ୍‌ଡୋର୍ ପୋଲ୍‌ଭଲଟ୍‌ରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିବା ଲାଗି ଯଦିଓ ତାଙ୍କର ଲକ୍ଷ୍ୟ ରହିଥିଲା, ହେଲେ ଏଥିରେ ସେ ସଫଳ ହୋଇପାରିବେ ବୋଲି ତାଙ୍କର ବିଶ୍ୱାସ ନ ଥିଲା।




ସର୍ଗେ ବୁବ୍କାଙ୍କ ୨୬ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିବା ପରେ ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍।

# ଫ୍ରେଞ୍ଚ୍ ଓପନରୁ ଓହରିଲେ ଓସାକା

**ପ୍ୟାରିସ, ୧୮।୯ (ଏପି)**

ବାମ ଜଙ୍ଘ ସନ୍ଧିରେ ଆଘାତ ଲାଗିଥିବାରୁ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ଚାମ୍ପିୟନ ନାଓମି ଓସାକା ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ପ୍ୟାରିସ୍‌ରେ ସେପ୍ଟେମ୍ବର ୨୭ରୁ ଫ୍ରେଞ୍ଚ ଓପନ୍ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଗତଥରର ଚାମ୍ପିୟନ ଆସ୍‌ଲେ ବାର୍ଟି ଏହି ଟୁର୍ନାମେଣ୍ଟରୁ ଓହରିଯାଇ ସାରିଛନ୍ତି। ଫ୍ରାନ୍ସରେ କରୋନା ଭାଇରସ୍ ମହାମାରୀ ଅବସ୍ଥା କ୍ରମେ ଖରାପ ଆଡକୁ ଗତି କରୁଥିବାରୁ ଏହି କ୍ଲେ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଆୟୋଜକଗଣ ପୁନର୍ବାର ଦର୍ଶକଙ୍କ ସଂଖ୍ୟା ହ୍ରାସ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ପ୍ୟାରିସ ପୋଲିସ ବିଭାଗ ପକ୍ଷରୁ ନୂଆ କଟକଣା ଜାରି କରାଯାଇଛି। ତଦନୁସାରେ ଦୈନିକ ୫,୦୦୦ ଦର୍ଶକଙ୍କ ଲାଗି ଅନୁମତି ରହିବ। ପୂର୍ବରୁ ରୋଲାଣ୍ଡ ଗ୍ୟାରୋସ୍‌ର ତିନୋଟି ଷ୍ଟାଣ୍ଡରେ ୧୧,୫୦୦ ଦର୍ଶକଙ୍କୁ ଭାଗ ଭାଗକରି ବସାଇବା ଲାଗି ଯୋଜନା ହୋଇଥିଲା। ଗତମାସରେ ନ୍ୟୁୟର୍କରେ ଅନୁଷ୍ଠିତ ୱେଷ୍ଟର୍ନ ଆଣ୍ଡ୍ ସଦର୍ନ ଓପନ୍‌ରେ ବିଶ୍ୱର ୩ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଓସାକାଙ୍କ ଜଙ୍ଘ ସନ୍ଧିରେ ଆଘାତ ଲାଗିଥିଲା। ଏଥିପାଇଁ ଟୁର୍ନାମେଣ୍ଟର ଫାଇନାଲରୁ ତାଙ୍କୁ ଓହରିଯିବାକୁ ପଡ଼ିଥିଲା। ପରେ ୟୁଏସ୍ ଓପନ୍‌ରେ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଚଳିତ ବର୍ଷ ୟୁଏସ୍ ଓପନରେ ଭାଗ ନେଇପାରୁ ନ ଥିବାରୁ ତାଙ୍କ ପାଇଁ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# ଆର୍‌ସିବି ଅଧ୍ୟକ୍ଷ ହେବେ ଆନନ୍ଦ

**ନୂଆଦିଲ୍ଲୀ,୧୮।୯(ପି.ଟି.)**



ଆନନ୍ଦ କ୍ରିପାଲୁ

ଡିଆଜିଓ ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଆନନ୍ଦ କ୍ରିପାଲୁ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର (ଆର୍‌ସିବି) ଅଧ୍ୟକ୍ଷ ପଦରେ ନିଯୁକ୍ତ ହେବେ। ସଞ୍ଜୀବ୍ ଚୁରିୱାଲାଙ୍କ ବଦଳରେ ସେ ଏହି ଗୁରୁଦାୟିତ୍ୱ ଅକ୍ଟୋବର ୧ ତାରିଖରୁ ସମ୍ଭାଳିବେ। ଆନନ୍ଦ ଏବେ ଡିଆଜିଓ ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ପଦରେ ରହିଛନ୍ତି। ଚୁରିୱାଲା ଏପିଏସି ରିଜିଅନର ଫାଇନାନ୍ସ ଡାଇରେକ୍ଟର ପଦ ସମ୍ଭାଳିବା ପାଇଁ ସିଙ୍ଗାପୁର ଯାତ୍ରା କରିବେ। ଆର୍‌ସିବି ଡିଆଜିଓ ଇଣ୍ଡିଆର ଅବିଚ୍ଛେଦ୍ୟ ଅଙ୍ଗ ରହି ଆସିଛି। ପରଦା ପଛରେ ମଧ ଗତ ୬ ବର୍ଷ ହେବ ଆରସିବି ସହିତ ଜଡିତ ରହିଆସିଛି ବୋଲି ଆନନ୍ଦ କହିଛନ୍ତି। ଆନନ୍ଦ ଆଇଆଇଟି ମାଡ୍ରାସ୍ ଓ ଆଇଆଇଏମ୍ କୋଲକାତାର ଗ୍ରାଜୁଏଟ୍। ୨୦୧୪ ପରଠାରୁ ସେ ଡିଆଜିଓ ଇଣ୍ଡିଆ ସହିତ ଜଡିତ ରହି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦରେ ସଫଳତାର ସହ ଦାୟିତ୍ୱ ସମ୍ଭାଳିଛନ୍ତି।

MARUTI SUZUKI ARENA




BUY NOW, PAY LATER
100%^ FUNDING AVAILABLE
SWIFT SAVE UP TO ₹45 000*
+
Gold Coin Offer# Is Valid Till 30th September 2020

SWIFT

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

SKY AUTOMOBILES
BERHAMPUR: 7381261000.

ODYSSEY MOTORS
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009.

ORBIT MOTORS
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.

LEGEND CARS
JEYPORE: 7894442901.
BHAWANIPATNA: 7894442907.

*Offer includes consumer offer, exchange offer and institutional/rural offer (wherever applicable) on Swift (all variants). #Every customer who books Maruti Suzuki Car from 2nd Sep'2020 to 30th Sep'2020 (also applicable to existing pending bookings as per DMS as on 02.09.2020) and takes delivery on/before 30th Sep'2020 shall be entitled for 1 gm Gold Coin (22K) or MSGA or Gift Cheque worth upto ₹5 000 over and above consumer offers as applicable. Gold coin offer is valid till 30th Sep'2020 and is applicable on all models. Cost of 1gm Gold Coin has been calculated at current applicable rate of ₹50 000/10gm ( 22 K gold ). In case of any fluctuations in pricing, offer cannot exceed the amount of ₹5 000 per gm. ^Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank. Terms & Conditions apply. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th September, 2020.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ